


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-113 •SUNDAY •19 OCTOBER 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୧୧୩ •ରବିବାର •୧୯ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


## ନୂଆ ସମ୍ବିଧାନକୁ ବିରୋଧ

# ବାଂଲାଦେଶ ପୁଣି ଅଶାନ୍ତ

■ ଢାକା, ୧୮ ।୧୦ (ଏଜେନ୍ସି): ପୁଣି ଅଶାନ୍ତ ହେଲାଣି ବାଂଲାଦେଶ । ଗତ ଜୁଲାଇ-ଅଗଷ୍ଟ ମାସରେ ବଡ଼ ଧରଣର ଆନ୍ଦୋଳନ କରି ହସିନା ସରକାରର ପତନ ଘଟାଇଥିବା ଆନ୍ଦୋଳନକାରୀ ପୁଣି ମାତିଲେଣି । ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାରର କାର୍ଯ୍ୟକାଳପରେ ଅସନ୍ତୁଷ୍ଟ ଥିବା ଆନ୍ଦୋଳନକାରୀ ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି । କାମଚଳା ସରକାର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ନୂଆ ସମ୍ବିଧାନର ଅନେକ ବ୍ୟବ୍ୟସ୍ଥାକୁ କଡ଼ା ବିରୋଧ କରିଛନ୍ତି । ନିଜର ଅସନ୍ତୋଷ ଜଣାଇବା ଲାଗି ସେମାନେ ସଂସଦ ଭବନରେ ପଶି ନିଆଁ ଲଗାଇଛନ୍ତି । ଏହାକୁ ନେଇ ଢାକାରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି । ବଡ଼ ଧରଣର ଆନ୍ଦୋଳନ ଆଶଙ୍କା କରି ସରକାର ବିଭିନ୍ନ ସ୍ଥାନରେ ବ୍ୟପାକ ନିରାପତ୍ତା ବାହିନୀକୁ ମୁତୟନ କରିଛନ୍ତି ।



ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମଧ୍ୟବର୍ତ୍ତୀକଳୀନ ସରକାର ମୁଖ୍ୟ ତଥା ଉପଦେଷ୍ଟା ମହମ୍ମଦ ୟୁନୁସ ସଂସଦରେ 'ଜୁଲାଇ ଚାର୍ଟର'ରେ ଦସ୍ତଖତ କରିବାର କାର୍ଯ୍ୟକ୍ରମ ଥିଲା । ଦେଶରେ ପ୍ରଶାସନରେ ଉନ୍ନତି ଆଣିବା, ଦୁର୍ନୀତି ରୋକିବା ଓ ଗଣତନ୍ତ୍ରର ପୁନଃସ୍ଥାପନ କରିବା ନେଇ ଏହି ଚାର୍ଟରରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି । ଏହି ଚାର୍ଟର ପ୍ରସ୍ତୁତ କରିବା ଲାଗି ଯେଉଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା, ତାହାର ୮୦ରୁ ଊର୍ଦ୍ଧ୍ୱ ସୁପାରିସ୍‌କୁ ଏହି ଚାର୍ଟରରେ ସାମିଲ କରାଯାଇଛି । କିନ୍ତୁ ଏହି ଚାର୍ଟରକୁ ଆନ୍ଦୋଳନକାରୀ ବିରୋଧ କରୁଛନ୍ତି । ଏହା ସମ୍ବିଧାନ ବିରୋଧୀ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଚାର୍ଟରକୁ ଲାଗୁ କଲେ ମୂଳ ସମ୍ବିଧାନ ଉପରେ ଆଉ ଏକ ସମ୍ବିଧାନକୁ

### ସଂସଦରେ ଧସେଇ ପଶିଲେ ବିକ୍ଷୋଭକାରୀ
### ବ୍ୟାପକ ପୋଡ଼ାଜଳା; ଘଉଡ଼ାଇଲା ପୁଲିସ

ଲଦି ଦିଆଯିବା ଆଶଙ୍କା ରହିଛି । ଏହାଦ୍ୱାରା ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମଧ୍ୟ ମତ ଦେଇଛନ୍ତି । ବ୍ୟାପକ ବିଚାରବିମର୍ଶ ବିନା ଏହାକୁ ଲାଗୁ କଲେ ଦେଶରେ ଅସ୍ଥିରତା ସୃଷ୍ଟି ହେବ ବୋଲି କୁହାଯାଇଛି । ଏହି 'ଜୁଲାଇ ଚାର୍ଟର' ଛାତ୍ରମାନେ ଦେଇଥିବା ବଳିଦାନ ଓ ତ୍ୟାଗକୁ ଅଣଦେଖା କରାଯାଇଛି ବୋଲି ଛାତ୍ର ସଂଗଠନଗୁଡିକ ଅଭିଯୋଗ କରିଛନ୍ତି । ▶ପୃଷ୍ଠା-୭

## ୨୧ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ

# ଘାରିଲା 'ଅକ୍ଟୋବର ବାତ୍ୟା' ଛନକା

■ ଭୁବନେଶ୍ୱର, ୧୮ ।୧୦ (ସମିସ): ସାଧାରଣତଃ ଅକ୍ଟୋବର ମାସରେ ବାତ୍ୟା ଭୟ ଓଡ଼ିଶାବାସୀଙ୍କୁ ଛାନିଆ କରୁଥିବା ବେଳେ ଆସନ୍ତା ୨୧ ତାରିଖରେ ଏକ ଲଘୁଚାପ ରାଜ୍ୟବାସୀଙ୍କ ମନରେ ଛନକା ସୃଷ୍ଟି କରିଛି । ଏହି ଲଘୁଚାପ ୨୩ ତାରିଖରେ ଅବପାତର ରୂପ ନେବା ସହ ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ପ୍ରାୟତଃ ସମ୍ଭାବନା ନାହିଁ । ଏନେଇ ଏକ ଘରୋଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭାରତୀୟ ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟା ନେଇ ଆମେ କୌଣସି ଚେତାବନୀ ଜାରି କରିନାହୁଁ । ସେହିପରି ଓଡ଼ିଶା ପାଇଁ ମଧ୍ୟ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୧ ତାରିଖରେ ଦକ୍ଷିଣ-



### ୨୩ରେ ଅବପାତ ହୋଇ ତାମିଲନାଡୁ ଓ ଆନ୍ଧ୍ର ଉପକୂଳମୁହାଁ
### ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ
### ଆଜି ରାଜ୍ୟର କିଛି ଜିଲ୍ଲାରେ ହାଲୁକା ବର୍ଷା ହେବା ସମ୍ଭାବନା

ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ▶ପୃଷ୍ଠା-୭

## ପୁଲିସ ଚାକିରି ବେପାର

# ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ ଶଙ୍କର

■ ଭୁବନେଶ୍ୱର/ବ୍ରହ୍ମପୁର, ୧୮ ।୧୦ (ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୧ଜଣଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜେରା କରିଛି । କ୍ରାଇମବ୍ରାଞ୍ଚ ଡିଏସପି ସକାଳ ସାଢ଼େ ୮ଟା ଠାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ଜେଲ୍ ଭିତରେ ସମସ୍ତ ୩୧ଜଣଙ୍କୁ ଜେରା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅନ୍ୟପଟରେ ମୁନାର ଗିରଫ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଲିଙ୍କ୍ ମିଳିଛି । ଶଙ୍କର ଦିଲ୍ଲୀରେ ଲୁଚିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୂଚନା ପାଇଛି । ସେ ଦିଲ୍ଲୀର କେଉଁ ସ୍ଥାନରେ ରହୁଛି, ତାହା ମୁନା କହିଥିବା ଜଣାପଡିଛି । ତେଣୁ ତାଙ୍କୁ ଗିରଫ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇ ଛାନ୍‌ଭିନ କରୁଛନ୍ତି । ଆହୁରି ମଧ୍ୟ ଏହି ରାକେଟ୍‌ର ଖୁଲାସା କରିବା ପାଇଁ ଦୀପାବଳୀ ପରେ ମୁନା ଏବଂ ଅନ୍ୟ ଦୁଇ ଜଣଙ୍କୁ ରିମାଣ୍ଡରେ କ୍ରାଇମ୍‌ବ୍ରାଞ୍ଚ ଆଣିବ ବୋଲି ଜଣାପଡ଼ିଛି ।

ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟା ଠାରୁ କ୍ରାଇମବ୍ରାଞ୍ଚ ଟିମ୍ ଜେଲ୍ ପରିସରରେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିଲା । ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତପଦ୍ୟୁତି ବେହେରାଙ୍କ ସମେତ ୨୯ଜଣ ଚାକିରି ଆଶାୟୀଙ୍କୁ

### ମୁନା ଘରୁ ସାର୍ଟିଫିକେଟ୍ ସହ ଏକାଧିକ ଦସ୍ତାବିଜ୍ ଜବତ
### ଦୀପାବଳି ପରେ ରିମାଣ୍ଡରେ ଆସିବ ମୁନା ଏବଂ ସହଯୋଗୀ
### ଜେଲ୍‌ରୁ କ୍ରାଇମବ୍ରାଞ୍ଚକୁ ସୁରାକ

ଜେଲ ଭିତରେ ମୁହାଁମୁହିଁ ଜେରା କରିଥିଲେ ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଡିଏସପି । ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଏହି ଜାଲିଆତିରେ ସାମିଲ କରିବାକୁ ଦଲାଲମାନେ କିଭଳି ଏବଂ କାହା ଜରିଆରେ ଯୋଗାଯୋଗ କରିଥିଲେ, କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କ ଠାରୁ କିଏ ସାର୍ଟିଫିକେଟ ସଂଗ୍ରହ କରିଥିଲା, ଟଙ୍କା କିଏ ଏବଂ କେଉଁ ଉପାୟରେ ନେଇଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇବାକୁ କି ପ୍ରକାରର ପ୍ରତିଶ୍ରୁତି ମିଳିଥିଲା, କେବେ ଠାରୁ ଯୋଗସୂତ୍ର ସ୍ଥାପନ ହୋଇଥିଲା, ଏଭଳି ବିଭିନ୍ନ ପ୍ରଶ୍ନ ତଦନ୍ତକାରୀ ଅଧିକାରୀ ପଚାରିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ମୁନା ମହାନ୍ତିର କଟକ ଜିଲ୍ଲା ବାଙ୍କୀ କଳାପଥର ସ୍ଥିତ ଘରେ ଆଜି ଚଢ଼ଉ କରିଛି । ଚଢ଼ଉ ସମୟରେ ଏକାଧିକ ଦସ୍ତାବିଜ୍ ଏବଂ କିଛି ସାର୍ଟିଫିକେଟ ଜବତ କରାଯାଇଥିବା ସୂଚନା ମିଳିଛି । ଜବତ ସାର୍ଟିଫିକେଟ ଏସ୍‌ଆଇ ଚାକିରି ପାଇଁ ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ହୋଇଥିବା କ୍ରାଇମ୍‌ବ୍ରାଞ୍ଚ ସନ୍ଦେହ କରୁଛି । ଏଥିସହ ମୁନା ସମ୍ପର୍କରେ ତା'ର ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରୁଛି । ଘରକୁ ସେ ମାସକରେ କେତେ ଥର ଆସେ ଏବଂ ଅନ୍ୟ କେଉଁ ସ୍ଥାନରେ ରହୁଥିବା ନେଇ ମଧ୍ୟ ପଚରାଉଚରା କରିଛି । ଏହି ଚଢ଼ଉ ସମୟରେ ବୈଦେଶ୍ୱର ପୁଲିସ ମଧ୍ୟ କ୍ରାଇମ୍‌ବ୍ରାଞ୍ଚକୁ ସହଯୋଗ କରିଥିଲା । ▶ପୃଷ୍ଠା-୭

# ଦୁର୍ଘଟଣାରେ ୩ ମୃତ

■ ମାଲକାନଗିରି/କୋରୁକୋଣ୍ଡା, ୧୮ ।୧୦ (ସମିସ): ମାଲକାନଗିରି ସଦର ଥାନା ଅନ୍ତର୍ଗତ ଏମ୍‌ଭି-୧୧ ନିକଟସ୍ଥ ମାଲକାନଗିରି ବାଲିମେଳା ମୁଖ୍ୟ ରାସ୍ତାରେ ଆଜି ଦୁର୍ଘଟଣା ୩ଜଣଙ୍କ ଜୀବନ ନେଇଛି । ମୃତକମାନେ ହେଲେ, ରାମ କୁମାର (୩୫), ଯମୁନା ସରକାର (୫୦) ଏବଂ ମୋହନ ମାଝୀ (୨୫) । ଆଜି ସକାଳ ପ୍ରାୟ ୯ଟା ବେଳେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି । ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନାଧିକାରୀ ହିମାଂଶୁ ଶେଖର ବାରିକ ସୂଚନା ଦେଇଛନ୍ତି ।








# ଏଥର ଦୁଇଦିନ ଦୀପାବଳି ଛୁଟି

### ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କଲେ ସରକାର
### ନୂଆପଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ହେବ ଲାଗୁ

■ ଭୁବନେଶ୍ୱର, ୧୮ ।୧୦ (ସମିସ): ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର ୨ ଦିନ ଛୁଟି ହେବ । ଏନେଇ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ୨୧ ତାରିଖ ମଙ୍ଗଳବାର ଦୀପାବଳି ପାଇଁ ସରକାରୀ ଛୁଟି ଧାର୍ଯ୍ୟ ହୋଇଥିଲା । ତେବେ ତିଥି ଓ ନକ୍ଷତ୍ର ଭିତ୍ତିରେ ୨୦ ତାରିଖ ସୋମବାର ଦୀପାବଳି ଓ ପୟାଶ୍ରାଦ୍ଧ ପାଳନ କରାଯାଉଥିବାରୁ ଏହି ଦିନକୁ ଆଜି ରାଜ୍ୟ ସରକାର ଅତିରିକ୍ତ ଛୁଟି ଭାବେ ଘୋଷଣା କରିଛନ୍ତି ।

ତେଣୁ ଆସନ୍ତା ୨୫ ତାରିଖ (ଶନିବାର) ଛୁଟି ଦିନ ଥିଲେ ହେଁ ଏହାକୁ ସରକାରୀ କାର୍ଯ୍ୟ ଦିବସ ରୂପେ ଘୋଷଣା କରାଯାଇଛି । ତେବେ ୨୧ ତାରିଖରେ ରାଜ୍ୟର ସମସ୍ତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଙ୍କିଙ୍ଗ ସଂସ୍ଥା ଖୋଲା ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ୨୦୨୪ ନଭେମ୍ବର ୧୨ ତାରିଖର ବିଜ୍ଞପ୍ତିରେ ଆଂଶିକ ପରିବର୍ତ୍ତନ କରାଯାଇ ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଭାବେ ଘୋଷଣା କରାଗଲା । ଉକ୍ତ ଦିନ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟେରିଆଲ୍ ▶ପୃଷ୍ଠା-୭









# କୋର୍ଟରୁ ଡେଇଁ ମହିଳା ଷ୍ଟେନୋଙ୍କ ଆତ୍ମହତ୍ୟା

କାନପୁର, ୧୮।୧୦ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋର୍ଟର ଷଷ୍ଠ ମହଲାରୁ ଡେଇଁ ଜଣେ ମହିଳା ଷ୍ଟେନୋ ଆତ୍ମହତ୍ୟା କରିଛନ୍ତି। ମହିଳା ପଡ଼ିବା ପରେ କୋର୍ଟରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ପୁଲିସ କର୍ମଚାରୀ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇ ଥିଲେ। କୌଣସି ଏକ ମାମଲାକୁ ନେଇ ମହିଳା ଦୀର୍ଘ ଦିନ ହେଲା ଚିନ୍ତିତ ଥିଲେ ବୋଲି କୁହାଯାଉଛି। ତେବେ କୋର୍ଟ କର୍ମଚାରୀ ଉତ୍ପୀଡ଼ନ ଦେଉଥିବା ପୀଡ଼ିତାଙ୍କ ଜେଜେ ଅଭିଯୋଗ କରିଛନ୍ତି। ସେ କହିଥିଲେ ଯେ ୪ ମାସ ହେଲା ନାତୁଣୀ ଏଠାରେ ଚାକିରି କରିଥିଲା। ସେ ନିଜ ମାଆଙ୍କୁ ଫୋନ କରି ସବୁ କଥା କହିଥିଲା। ନାତୁଣୀ ଆତ୍ମହତ୍ୟା କରିନାହିଁ। ଷଷ୍ଠ ମହଲାରୁ ପକାଇ ତାକୁ ହତ୍ୟା କରାଯାଇଛି। ଏହି ମାମଲାର ଯାଞ୍ଚ ହେବା ଉଚିତ। ପ୍ରଥମେ ଆମକୁ ଦୁର୍ଘଟଣା ହୋଇଥିବା ସୂଚନା ଦିଆଯାଇଥିଲା। ଏହି ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା କୋତୱାଲି ପୁଲିସ ଏବଂ ଫରେନସିକ ଟିମ୍ ମାମଲାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ଘାଟମପୁରର କୋଟରା ମକରନ୍ଦପୁର ବାସିନ୍ଦା ନେହା (୩୦) ସିଭିଲ ଜଜ୍ ସିନିୟର ଡିଭିଜନ କୋର୍ଟରେ ଷ୍ଟେନୋ ଭାବେ କାର୍ଯ୍ୟ କରୁଥିଲେ। ସେ ଶନିବାର ଦ୍ୱିପହରେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ପୁଲିସ କମିଶନର ରଘୁବୀର ଲାଲ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଚାନ୍ଦଶୈଳୀ ଘାଟୀରୁ ଖସିଲା ଗାଡ଼ି; ୮ ଶ୍ରଦ୍ଧାଳୁ ମୃତ

ମୁମ୍ବାଇ, ୧୮।୧୦(ଏଜେନ୍ସି): ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାର ଚାନ୍ଦଶୈଳୀ ଘାଟୀରେ ଶନିବାର ଏକ ଗାଡ଼ି ଖାଇକୁ ଖସିପଡ଼ିଥିଲା। ଏଥିରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି ବୋଲି କୁହାଯାଉଛି। ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି। ଅଷ୍ଟମ୍ବା ଋଷି ତୀର୍ଥସ୍ଥଳ ଭ୍ରମଣ କରି ଶ୍ରଦ୍ଧାଳୁମାନେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଶାହାଦା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତରମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଛନ୍ତି। ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ପୂର୍ବରୁ ମଧ୍ୟ ଚାନ୍ଦଶୈଳୀ ଘାଟୀ ରାସ୍ତାରେ ବୁଲାଣି ଓ ଗଡ଼ାଣି ଥିବା କାରଣରୁ ଏକାଧିକ ବାର ଦୁର୍ଘଟଣା ଘଟିଛି। ଗାଡ଼ିରେ ବସିଥିବା ସବୁ ଲୋକ ନନ୍ଦୁରବାର ଜିଲ୍ଲାର ନିବାସୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ।

# ଢାକା ବିମାନ ବନ୍ଦରରେ ନିଆଁ; ସବୁ ଉଡ଼ାଣ ବାତିଲ୍



ଢ଼ାକା, ୧୮।୧୦(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ହଜରତ ଶାହାଜଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଅଞ୍ଚଳରେ ଶନିବାର ଅପରାହ୍ଣ ୩ଟାରେ ନିଆଁ ଲାଗିଛି। ନିଆଁ ଦ୍ରୁତଗତିରେ ବ୍ୟାପୀ ଯାଇଥିଲା। ଫଳରେ ବିମାନ ବନ୍ଦର କର୍ତ୍ତୃପକ୍ଷ ସବୁ ବିମାନର ଉଡ଼ାଣକୁ ବାତିଲ କରିଥିଲେ। ଦିଲ୍ଲୀରୁ ଢ଼ାକା ଯାଉଥିବା ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି ଓ ଏହାକୁ କୋଲକାତା ପଠାଯାଇଛି। ଅପରାହ୍ଣ ୨.୩୦ରେ ୮ ନଂ ଗେଟ୍ ନିକଟରେ ଥିବା କାର୍ଗୋ ଭିଲେଜରେ ନିଆଁ ଲାଗିଥିଲା ବୋଲି ଫାୟାର ସର୍ଭିସ ତରଫରୁ କୁହାଯାଇଛି। ଏପର୍ଯ୍ୟନ୍ତ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। କିନ୍ତୁ ବହୁ ପରିମାଣର ଜିନିଷ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲାଗିବା ପରେ ପ୍ରବଳମାତ୍ରାରେ କଳା ଧୂଆଁ ବାହାରିଥିଲା ଓ ଆଖପାଖରେ ବାୟୁ ପ୍ରଦୂଷିତ ହୋଇଥିଲା। ଫଳରେ ଲୋକେ ନିଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିମାନ ବନ୍ଦର ସବୁ ବିମାନ ସୁରକ୍ଷିତ ରହିଛି ବୋଲି କୁହାଯାଇଛି।

# ଗରିବ ରଥ ଟ୍ରେନ୍‌ରେ ଲାଗିଲା ନିଆଁ



ଲୁଧିଆନା, ୧୮।୧୦ (ଏଜେନ୍ସି): ପଞ୍ଜାବ ଲୁଧିଆନାରୁ ବିହାରର ସହରସା ଯାଉଥିବା ଗରିବ ରଥ ଟ୍ରେନ୍‌ରେ ଶନିବାର ସକାଳେ ନିଆଁ ଲାଗିଛି। ପଞ୍ଜାବର ସରହିନ୍ଦ ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି। ଟ୍ରେନ୍‌ର ୧୯ ନଂ ଏସି ବଗିରେ ସର୍ଟ ସର୍କିଟ କାରଣରୁ ନିଆଁ ଲାଗିଛି ବୋଲି କୁହାଯାଇଛି। ଏହି ଟ୍ରେନ୍‌ରେ ଲୁଧିଆନାର କେତେଜଣ ବଡ଼ ବ୍ୟବସାୟୀ ଯାତ୍ରା କରୁଥିଲେ। ୧୯ ନଂ ବଗିରେ ନିଆଁ ଲାଗିବା ମାତ୍ରେ ଯାତ୍ରୀ ଚେନ୍ ଟାଣି ଟ୍ରେନ୍‌କୁ ରୋକିବାକୁ ସକ୍ଷମ ହୋଇଥିଲେ। ଟ୍ରେନ୍ ରହିବା ପରେ ଯାତ୍ରୀମାନେ ତଳକୁ ଓହ୍ଲାଇ ନିଜ ଜିନିଷ ଛାଡି ସେଠାରୁ ଦୌଡ଼ିବାକୁ ଆରମ୍ଭ କରିଥିଲେ। ତରବରର ଏହି ପ୍ରକ୍ରିୟାରେ କେତେଜଣ ଯାତ୍ରୀ ଆହତ ମଧ୍ୟ ହୋଇଥିଲେ। ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। କେତେକ ଯାତ୍ରୀ ନିଜ ପିଲାଙ୍କ ଯାତ୍ରା କରୁଥିଲେ। ସେପଟେ ସୂଚନା ମିଳିବା ମାତ୍ରେ ହିଁ ଦମକଳ ଦଳ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ଘଣ୍ଟା ମଧ୍ୟରେ ନିଆଁକୁ କାବୁ କରାଯାଇଥିଲା। ୧୯ ନଂ ବଗି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ୧୮ ନଂ ବଗି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଜଳିଯାଇଥିବା ବଗିକୁ ହଟାଇବା ପରେ ଟ୍ରେନ୍ ପୁଣି ଚାଲିଥିଲା।

# ଦୀପାବଳି ପୂର୍ବରୁ ବିଷାକ୍ତ ହେଲା ଦିଲ୍ଲୀ ବାୟୁ

**୩୫୦ ପାର କଲା ଏକ୍ୟୁଆଇ ସ୍ତର**

ନୂଆଦିଲ୍ଲୀ, ୧୮।୧୦(ଏଜେନ୍ସି): ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀରେ ପ୍ରଦୁଷଣ ବୃଦ୍ଧି ପାଇଛି। ବାୟୁ ବିଷାକ୍ତ ହୋଇଯାଇଛି। ରାଜଧାନୀର କିଛି ସ୍ଥାନରେ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୩୫୦ ପାର କରିଛି। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ପିସିବି) ଅନୁଯାୟୀ, ଶନିବାର ସକାଳ ୮ଟାରେ ଏକ୍ୟୁଆଇ ୩୬୭ ରେକର୍ଡ କରାଯାଇଥିଲା। ଆନନ୍ଦ ବିହାରରେ ସବୁଠାରୁ ଅଧିକ ଏକ୍ୟୁଆଇ ୩୭୦ ରେକର୍ଡ କରାଯାଇଛି। ସେହିପରି ବଜିରପୁରରେ ଏହା ୩୨୮, ଜାହାଙ୍ଗିରପୁରରେ ୩୨୪ ଓ ଅକ୍ଷରଧାମରେ ୩୬୯ ଥିଲା। ଦିଲ୍ଲୀ-ଏନ୍‌ସିଆରରେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୧) ଲାଗୁ କରିଛି। ଏକ୍ୟୁଆଇ ୨୧୧ ପାର କରିଥିବା ଅଞ୍ଚଳରେ କମିଶନ ଏହାକୁ ଲାଗୁ କରିଛି। ଯେତେବେଳେ ଏକ୍ୟୁଆଇ ୨୦୦ରୁ ୩୦୦ ମଧ୍ୟରେ ରହିଥାଏ ସେତେବେଳେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି)-୧ ଲାଗୁ ହୋଇଥାଏ। ଏହା ଅନୁସାରେ ଏନ୍‌ସିଆରରେ ସବୁ ସମ୍ପର୍କିତ ଏଜେନ୍ସିକୁ ୨୭ଟି ନିରୋଧକ ଉପାୟ ଲାଗୁ କରିବାକୁ କୁହାଯାଇଛି। ଏଥିରେ ଆଣ୍ଟି ସ୍ମଗ୍ ଗନ୍‌ର ବ୍ୟବହାର, ପାଣି ଛିଞ୍ଚାଡିବା ସହ ସଡ଼କ ନିର୍ମାଣ, ମରାମତି ଯୋଜନା ଓ ରକ୍ଷାଣବେକ୍ଷଣ କାର୍ଯ୍ୟରେ ଧୂଳି ଉଡିବାକୁ ନିୟନ୍ତ୍ରଣ କରିବା ସାମିଲ ରହିଛି। କିଛି ସ୍ଥାନରେ ଏନ୍୯୫ କିମ୍ବା ଡବଲ୍ ସର୍ଜିକାଲ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି।



# ଆଫଗାନିସ୍ତାନରେ ପୁଣି ପାକ୍ ଆକ୍ରମଣ

## ୩ କ୍ରିକେଟରଙ୍କ ସମେତ ୧୭ ମୃତ



କାବୁଲ, ୧୮।୧୦(ଏଜେନ୍ସି): ଆଫଗାନିସ୍ତାନ ଉପରେ ପାକିସ୍ତାନ ବାୟୁସେନା ପୁଣିଥରେ ଆକ୍ରମଣ କରିଛି। ଆଫଗାନିସ୍ତାନର ପ୍ରକ୍ତିକା ରାଜ୍ୟରେ ଶୁକ୍ରବାର ହୋଇଥିବା ଏହି ଆକ୍ରମଣରେ ୩ ଜଣ କ୍ରିକେଟର ଓ ଅନ୍ୟ ୧୪ ଜଣ ନାଗରିକ ପ୍ରାଣ ହରାଇଛନ୍ତି ଓ ୧୬ ଜଣ ଆହତ ହୋଇଛନ୍ତି। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଏହି ଅସ୍ତ୍ରବିରତିକୁ ଆଗକୁ ବଢ଼ାଇବାକୁ ସହମତି ପ୍ରକାଶ ପାଇଥିଲା। କିନ୍ତୁ କିଛି ଘଣ୍ଟା ପରେ ପାକିସ୍ତାନ ଏୟାର ଷ୍ଟ୍ରାଇକ୍ କରିଥିଲା। ଅର୍ଗୁନ ଓ ବର୍ମଲ ଜିଲ୍ଲାରେ କିଛି ଘରକୁ ଲକ୍ଷ୍ୟକରି ପାକିସ୍ତାନ ଏହି ଆକ୍ରମଣ କରିଥିଲା ବୋଲି ଆଫଗାନ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଏହି ଅଞ୍ଚଳ ଦୁଇଦେଶର ସୀମା ଡୁରାଣ୍ଡ ଲାଇନ୍‌ର ପାଖରେ ଅବସ୍ଥିତ।


ପୂର୍ବରୁ ପାକିସ୍ତାନ ବୁଧବାର କାବୁଲରେ ଦୁଇଟି ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲା। ପାକିସ୍ତାନର ଆକ୍ରମଣରେ ଆଫଗାନିସ୍ତାନରେ ଏପର୍ଯ୍ୟନ୍ତ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୪୨୫ଜଣ ଆହତ ହୋଇଛନ୍ତି ବୋଲି ଜାତିସଂଘ ତରଫରୁ କୁହାଯାଇଛି। ସଧାରଣ ନାଗରିକଙ୍କୁ ପାକିସ୍ତାନ ଆକ୍ରମଣ କରୁଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି। କିନ୍ତୁ ପାକିସ୍ତାନ ଏହାକୁ ଖଣ୍ଡନ କରିଛି। କେବଳ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ ହେଉଛି ବୋଲି ପାକିସ୍ତାନ କହିଛି। ଆଫଗାନିସ୍ତାନର ନିଷ୍ପତ୍ତି ଭାରତ ରାଜଧାନୀ ଦିଲ୍ଲୀରୁ ନିଆଯାଉଛି ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସେତେବେଳେ କହିଥିଲେ।

### ଆଫଗାନ୍ ନାଗରିକ ପାକିସ୍ତାନରୁ ଫେରିଯାଆନ୍ତୁ: ଖ୍ୱାଜା ଆସିଫ୍

ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ପୁଣିଥରେ ଆଫଗାନିସ୍ତାନକୁ ନେଇ କଡ଼ା ମନ୍ତବ୍ୟ ଦେଇଛନ୍ତି। ପାକିସ୍ତାନରେ ରହୁଥିବା ଆଫଗାନିସ୍ତାନ ନାଗରିକ ଯଥାଶୀଘ୍ର ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଏକ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି। ଆଫଗାନିସ୍ତାନ ସହିତ ଥିବା ପୁରୁଣା ମଧୁର ସମ୍ପର୍କର ଯୁଗ ଶେଷ ହୋଇଛି। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଭଲ ସମ୍ପର୍କ ରହିଛି। କିନ୍ତୁ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର କୌଣସି ଭଲ ସମ୍ପର୍କ ନାହିଁ। ଏହା ସତ୍ତ୍ୱେ ପାକିସ୍ତାନରେ କୋଟି କୋଟି ଲୋକ ଶରଣ ନେଇଛନ୍ତି। ଯଦି ଭାରତ ସହିତ ଭଲ ସମ୍ପର୍କ ରହିଛି, ତେବେ ପାକିସ୍ତାନରେ ରହୁଥିବା ଆଫଗାନ ନାଗରିକ ଭାରତକୁ ସ୍ଥାନାନ୍ତର କାହିଁକି ହେଉ ନାହାନ୍ତି ବୋଲି ସେ କହିଛନ୍ତି। ଭାରତ ଏମାନଙ୍କୁ ପାଳୁ। ପାକିସ୍ତାନ କାହିଁକି ଏମାନଙ୍କ ବୋଝ ଉଠାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ପାକିସ୍ତାନ ପାଖରେ ନିଜ ଲୋକଙ୍କ ପାଇଁ ଭରପୂର ସମ୍ବଳ ନାହିଁ। ଆମ ମଧ୍ୟରେ ବନ୍ଧୁତ୍ୱ ନ ଥିଲେ ମଧ୍ୟ ଆମେ ପଡୋଶୀ ଭାବେ ଦାୟିତ୍ୱ ସମ୍ପାଦନ କରିଛୁ। ଏବେ ଭାରତ ଏମାନଙ୍କର ଭରଣପୋଷଣ କରୁ ବୋଲି ସେ କହିଛନ୍ତି। ତାଲିବାନ ଶାସନକୁ ଆସିବା ପୂର୍ବରୁ ମଧ୍ୟ ଆଫଗାନିସ୍ତାନ ସହ ଆମର ଭଲ ସମ୍ପର୍କ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବ୍ରହ୍ମୋସ୍ ରେଞ୍ଜ୍‌ରେ ସମଗ୍ର ପାକିସ୍ତାନ: ରାଜନାଥ

ଲକ୍ଷ୍ନୌ, ୧୮।୧୦(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌରେ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛନ୍ତି। ଅପରେସନ ସିନ୍ଦୂର ଶେଷ ହୋଇନାହିଁ। ପାକିସ୍ତାନର ପ୍ରତି ଇଞ୍ଚର ସ୍ଥାନ ବ୍ରହ୍ମୋସ କ୍ଷେପଣାସ୍ତ୍ର ରେଞ୍ଜ ପରିସରରେ ରହିଛି। 'ଅପରେସନ ସିନ୍ଦୂର'ରେ ଯାହା ହୋଇଥିଲା ତାହା ମାତ୍ର ଟ୍ରେଲର ଥିଲା। ଭାରତ ପାକିସ୍ତାନକୁ ଯଦି ଜନ୍ମ ଦେଇପାରେ, ତେବେ ... ଆଗକୁ କିଛି କହିବାର ଆବଶ୍ୟକତା ନାହିଁ। ଆପଣ ଏହାକୁ ବୁଝି ପାରୁଥିବେ ବୋଲି ସେ କହିଛନ୍ତି। ରାଜନାଥ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ଏରୋସ୍ପେସ୍ ୟୁନିଟ୍‌ରେ ଧନତେରାଶ ଦିନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ପର୍ଯ୍ୟାୟର ବ୍ରହ୍ମୋସ ମିସାଇଲକୁ ସବୁଜ ପତାକା ଦେଖାଇ ଦେଶକୁ ସମର୍ପିତ କରିଥିଲେ। ଏଥିସହ ଦୁଇ ନେତା ବ୍ରହ୍ମୋସ ଏରୋସ୍ପେସ ୟୁନିଟ୍‌ରେ ଥିବା ବୁଷ୍ଟର ଓ ୱାରହେଡ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। ଦୁଇଜଣ ସୁଖୋଇ ଲଢ଼ୁଆ ବିମାନରେ ବ୍ରହ୍ମୋସ ମିସାଇଲ୍‌ର ଆଭାସୀ ଆକ୍ରମଣକୁ ଦେଖିଥିଲେ। ଅନ୍ୟପଟେ ଯେକୌଣସି ସମୟରେ 'ଅପରେସନ ସିନ୍ଦୂର: ୨;୦' ଆରମ୍ଭ ହୋଇପାରେ ବୋଲି ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି।



# ଆତଙ୍କ ଖେଳାଉଛି ଭାରତ: ମୁନୀର

ଇସଲାମାବାଦ୍, ୧୮।୧୦(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ପୁଣିଥରେ ଭାରତ ବିରୋଧରେ ଉତ୍ତେଜକ ମନ୍ତବ୍ୟ ଦେଇଛନ୍ତି। ଭାରତ ପାକିସ୍ତାନରେ ଆତଙ୍କ ଖେଳାଉଛି ବୋଲି ସେ କହିଛନ୍ତି। ଆକାରରେ ବଡ଼ ହୋଇଥିବାରୁ ସୁରକ୍ଷିତ ଅଛି ବୋଲି ଭାରତ ଭାବୁଛି, କିନ୍ତୁ ଏହା ଭ୍ରମ। ପାକିସ୍ତାନ ପାଖରେ ଏଭଳି ଅସ୍ତ୍ର ଅଛି ଯାହାଦ୍ୱାରା ଭାରତର ଯେକୌଣସି ସ୍ଥାନରେ ଆକ୍ରମଣ କରିହେବ। ସେନା ଏକାଡେମୀ ପାସିଂ ପରେଡ୍‌ରେ ଯୋଗ ଦେବା ଅବସରରେ ମୁନୀର ଏହି କଥା କହିଛନ୍ତି। ଭାରତ ଓ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି। ତେଣୁ ଏଭଳି ସ୍ଥିତିରେ ଯୁଦ୍ଧର କୌଣସି ସ୍ଥାନ ନାହିଁ। ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ଆଶାଠାରୁ ଅଧିକ ଆକ୍ରମଣ କରିବ ବୋଲି ସେ ଭାରତକୁ ସତର୍କ କରାଇ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁନୀରଙ୍କ ଏହି ଭିଡିଓ ଭାଇରାଲ ହୋଇଛି। ପାକିସ୍ତାନର ଏକ ଇଞ୍ଚ ବି ଶତ୍ରୁଦେଶକୁ ଦିଆଯିବ ନାହିଁ। ପାକିସ୍ତାନ ନିଜର ସୀମାକୁ ରକ୍ଷା କରିବାରେ ସମର୍ଥ। ଏଥିସହ ଜମ୍ମୁ-କଶ୍ମୀରରେ ଚାଲିଥିବା ଆତଙ୍କବାଦ ଓ ଅତ୍ୟାଚାରକୁ ମୁନୀର ନିନ୍ଦା କରିଥିଲେ।

# ଆର୍ଥିକ ସକ୍ଷମଙ୍କୁ ମିଳିବନି ଭରଣପୋଷଣ: ହାଇକୋର୍ଟ

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଶନିବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆର୍ଥିକ ଭାବେ ଆତ୍ମନିର୍ଭର ତଥା ସକ୍ଷମ ଏବଂ ସ୍ୱାଧୀନ ଜୀବନସାଥିଙ୍କୁ ଭରଣପୋଷଣ ଦିଆଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ସ୍ଥାୟୀ ଭରଣପୋଷଣ ସାମାଜିକ ନ୍ୟାୟର ଏକ ମାଧ୍ୟମ। ସକ୍ଷମ ଲୋକଙ୍କୁ ଧନୀ ବନାଇବାକୁ କିମ୍ବା ଆର୍ଥିକ ସମାନତାର ଏହା ମାଧ୍ୟମ ନୁହେଁ। ଜଷ୍ଟିସ ଅନିଲ କ୍ଷେତ୍ରପାଳ ଏବଂ ଜଷ୍ଟିସ ହରିଶ ବୈଧନାଥନ ଶଙ୍କଙ୍କ ଡିଭିଜନ ବେଞ୍ଚ କହିଥିଲେ ଯେ ଭରଣପୋଷଣ ବାବଦକୁ ଅର୍ଥ ମାଗୁଥିବା ସାଥିଙ୍କୁ ଆର୍ଥିକ ସହାୟତାର ଆବଶ୍ୟକତା ଥିବା ଦର୍ଶାଇବାକୁ ପଡ଼ିବ। ଏହି ମାମଲାରେ ପତ୍ନୀ ରେଲୱେ ଗ୍ରୁପର ଜଣେ ଅଧିକାରୀ। ସେ ବି ପର୍ଯ୍ୟାପ୍ତ ଆୟ କରୁଛନ୍ତି। ଭରଣପୋଷଣ ମାଗିଥିବା ଜଣେ ମହିଳାଙ୍କ ଦାବିକୁ ଖାରଜ କରି ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ସ୍ୱାମୀ ଉତ୍ପୀଡ଼ନ ଦେଉଥିବା ଦର୍ଶାଇ ଛାଡ଼ପତ୍ର ଦାବି କରିଥିଲେ। ସେ ୧୨ କୋଟି ଟଙ୍କା, ମୁମ୍ବାଇରେ ଏକ ଫ୍ଲାଟ ଏବଂ ବିଏମ୍‌ଡବ୍ଲ୍ୟୁ କାର ମାଗିଥିଲେ।

### 'ଏହା ନ୍ୟାୟର ଏକ ମାଧ୍ୟମ; ଧନୀ ହେବାର ନୁହେଁ'

ତେବେ ପରିବାର କୋର୍ଟ ଭରଣପୋଷଣ ଦେବାକୁ କହିଥିଲେ। ମାତ୍ର ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ଏହି ମାମଲାରେ କହିଥିଲେ ଯେ ଆବେଦନକାରୀ ଆର୍ଥିକ ଭାବେ ଆତ୍ମନିର୍ଭର ଥିଲେ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନ୍ୟାୟିକ ବିବେକକୁ ବ୍ୟବହାର କରାଯାଇପାରିବ ନାହିଁ। ସୂଚନା ଅନୁଯାୟୀ ମହିଳା ରେଲୱେ କର୍ମଚାରୀ ଥିବାବେଳେ ତାଙ୍କ ପତି ଜଣେ ଓକିଲ। ଉଭୟେ ୨୦୧୦ ଜାନୁଆରୀରେ ବିବାହ କରି ୧୪ ମାସ ପରେ ଅଲଗା ହୋଇଯାଇଥିଲେ। ମାନସିକ କ୍ରୁରତା, ଶାରୀରୀକ ନିର୍ଯାତନା, ଅପମାନଜନକ ଭାଷା ବ୍ୟବହାର କରୁଥିବା ମହିଳା ଅଭିଯୋଗ କରିଥିଲେ। ପରିବାର କୋର୍ଟ ମହିଳାଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ଥିଲେ। ତେବେ ହାଇକୋର୍ଟ ଭିନ୍ନ ରାୟ ଦେଇ କହିଥିଲେ ଯେ ମହିଳା ନିଜ ଶାଶୁଶଶୁରଙ୍କ ପ୍ରତି ଅପମାନଜନକ ଭାଷା ପ୍ରୟୋଗ କରିଛନ୍ତି। ଏହା ମଧ୍ୟ ମାନସିକ ଉତ୍ପୀଡ଼ନ ସହ ସମାନ। ଶେଷରେ ସ୍ଥାୟୀ ଭରଣପୋଷଣ ଭତ୍ତା ଦେବାକୁ କୋର୍ଟ ମନା କରିଦେଇଥିଲେ।

# ଦୁର୍ନୀତି ପାଇଁ ୯ ଚୀନ୍ ସେନା ଅଧିକାରୀ ବରଖାସ୍ତ

ବେଜିଂ, ୧୮।୧୦(ଏଜେନ୍ସି): ଦୁର୍ନୀତି ଅଭିଯୋଗରେ ଚୀନ୍‌ରେ ଦୁଇଜଣ ଆଗଧାଡ଼ିର ଅଫିସରଙ୍କ ସମେତ ମୋଟ ୯ଜଣ ସେନା ଅଧିକାରୀଙ୍କୁ ବରଖାସ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ଜେନେରାଲ ହେ ୱେଇଡଙ୍ଗ ଓ ନୌସେନା ଆଡମିରାଲ ମିଆଓ ସାମିଲ ଅଛନ୍ତି। ଦୁର୍ନୀତି ଅଭିଯୋଗରେ ଏମାନଙ୍କୁ ସେନା, କମ୍ୟୁନିଷ୍ଟ ପାର୍ଟିରୁ ବିଦା କରାଯାଇଛି। ୨୦୨୩ରେ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଦୁର୍ନୀତି ନିବାରଣ ଅଭିଯାନ ଆରମ୍ଭ ହେବା ପରେ ଏହା ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ୱେଇଡଙ୍ଗ ଚୀନର ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ଭାଇସ ଚେୟାରମ୍ୟାନ ଦାୟିତ୍ୱରେ ଥିଲେ। ଚୀନ ପିପୁଲ୍ସ ଲିବେରସନ ଆର୍ମିର ଏହା ଦ୍ୱିତୀୟ ସମ୍ମାନଜନକ ତଥା ମର୍ଯ୍ୟାଦାସମ୍ପର୍ଣ୍ଣ ପଦ ବିବେଚିତ ହେଉଛି। ସେହିପରି ମିଆଓ ଜଣେ ନୌସେନା ଆଡମିରାଲ ଓ ସେନାର ପୂର୍ବତନ ରାଜନୈତିକ ବ୍ୟକ୍ତିତ୍ୱ।

# 'ଇଣ୍ଡିଆ' ମେଣ୍ଟରେ ଫାଟ: ୧୦ ଆସନରେ ମୁହାଁମୁହିଁ, ଏକାକୀ ଲଢ଼ିବ ଜେଏମ୍ଏମ୍

ପାଟନା, ୧୮।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ 'ଇଣ୍ଡିଆ' ମେଣ୍ଟର କଳି ଛିଡ଼ିପାରୁ ନାହିଁ। ଏପରି ସମୟରେ ଏହି ବିରୋଧୀଙ୍କ ମହାମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମେଣ୍ଟରୁ ସମ୍ପର୍କ ଛିନ୍ନ କରିଛି। ବିହାରରେ ଏକାକୀ ନିର୍ବାଚନ ଲଢ଼ିବାକୁ ଜେଏମଏମ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଦଳ ୬ଟି ଆସନରେ ପ୍ରାର୍ଥୀ ଦେବ ବୋଲି କୁହାଯାଇଛି। ଜେଏମଏମ ସାଧାରଣ ସମ୍ପାଦକ ସୁପ୍ରିୟା ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦଳ ନିଜ କ୍ଷମତା ବଳରେ ବିହାରରେ ଲଢିବାକୁ ନିଷ୍ପତ୍ତି ନେଇଛି। ଚକାଇ, ଧମଦାହବା, କଟୋରିଆ, ମନିହାରୀ, ଜମୁଇ ଏବଂ ପିରପେଣ୍ଟୋରେ ନିଜ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏଥିପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହାର ନେତୃତ୍ୱ ନେବେ। ଜେଏମଏମର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ମହାମେଣ୍ଟକୁ ଲଢ଼ିବା ପାଇଁ ସିଟ୍ ଦେବାକୁ କୁହାଯାଇଥିଲା। କିନ୍ତୁ ଇଣ୍ଡିଆ ମେଣ୍ଟ ଜେଏମଏମକୁ ଆସନ ଦେବାକୁ ମନା କରିଦେଇଥିଲା। ତେଣୁ ଦଳ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲା।

ପୂର୍ବରୁ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ ଟଣାଓଟରା ଜାରି ରହିଛି। ଏବେ କଂଗ୍ରେସ କଳି ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି। ଟିକଟ ପାଇ ନ ଥିବା ଗୋଷ୍ଠୀ ଶନିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଶୀଘ୍ର ମହାମେଣ୍ଟ ଭାଙ୍ଗିଯିବ ବୋଲି କହିଛନ୍ତି। ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ ଏବଂ ପ୍ରଭାରୀ କୃଷ୍ଣା ଅଲାବରୁ ଟିକଟ ବିକ୍ରି କରୁଥିବା ଅସନ୍ତୁଷ୍ଟ ନେତମାନେ ଅଭିଯୋଗ କରୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଖଗଡ଼ିଆ ବିଧାୟକ ଛତ୍ରପତି ଯାଦବ, ବରବିଘାରୁ ଗଜାନନ୍ଦ ସାହି, ଯୁବ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାଗେନ୍ଦ୍ର ପାଶ୍ୱାନ, ବାଙ୍କା ଜିଲ୍ଲାଧ୍ୟକ୍ଷ କଞ୍ଚନା କୁମାରୀ ସିଂହଙ୍କ ସମେତ ଅନ୍ୟ ନେତା ଉପସ୍ଥିତ ଥିଲେ। କଂଗ୍ରେସ ନେତା ବଣ୍ଟି ଚୌଧୁରୀ କହିଥିଲେ ଯେ ମେଣ୍ଟ ଖୁବଶୀଘ୍ର ଭାଙ୍ଗିଯିବ। ପ୍ରଭାରୀଙ୍କ ପାଇଁ ଏପରି ହୋଇଛି। ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଏମାନେ 'ଭୋଟ ଚୋର, ଗଦି ଛାଡ଼' ସ୍ଲୋଗାନ ଦେଇଥିଲେ, କିନ୍ତୁ ଆମେ 'ଟିକଟ ଚୋର, ପଦ ଛାଡ଼' କଥା କହୁଛୁ।

ତେବେ ୧୦ ଆସନରେ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟର ୧୨୧ ସିଟ୍ ପାଇଁ ମହାମେଣ୍ଟର ୧୨୫ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆରଜେଡି ୭୨, କଂଗ୍ରେସ ୨୪, ବାମଦଳ ୨୧, ଭିଆଇପି ୬ ଏବଂ ଆଇଆଇପି ୨ ସିଟରେ ନାମାଙ୍କନ ଦାଖଲ କରିଛି। ବୈଶାଳୀ, ଲାଲଗଞ୍ଜ, ବାରିସଲିଗଞ୍ଜ, କହଲଗାଁଓରେ ଆରଜେଡି ଓ କଂଗ୍ରେସ, ତାରାପୁର, ଗୌରା ବୌରମରେ ଆରଜେଡି ଓ ଭିଆଇପି, ବଛୱାଡ଼ା, ରାଜାପକଡ, ରୋସଡା, ବିହାର ସରିଫରେ ସିପିଆଇ ଓ କଂଗ୍ରେସ ଅଲଗା ଅଲଗା ପ୍ରାର୍ଥୀ ଦେଇଛନ୍ତି।

## ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ

ବିହାରର କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ନିର୍ବାଚନୀ ଲଢ଼େଇ ପୂର୍ବରୁ ଏନ୍‌ଡି ହିଟ୍‌ୱିକେଟ ହୋଇଯାଇଛି। ଏନ୍‌ଡିଏ ଗୋଟିଏ ଆସନ ହରାଇ ଦେଇଛି। ଏନ୍‌ଡିଏ ମେଣ୍ଟର ସଦସ୍ୟ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ଛପରା ଜିଲ୍ଲା ମଢ଼ୌରା ଆସନ ମିଳିଥିଲା। ଏହି ଆସନରୁ ଏଲଜେପିଆର ଅଭିନେତ୍ରୀ ସୀମା ସିଂହଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ସୀମାଙ୍କ ପାର୍ଥିପତ୍ର ନାକଚ ହୋଇଯାଇଛି। ଫଳରେ ରାଜନୀତିର ମୈଦାନରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସୀମା ହିଟ୍-ୱିକେଟ ହୋଇଯାଇଛନ୍ତି। ପ୍ରାର୍ଥିପତ୍ରର ଯାଞ୍ଚ ସମୟରେ ସୀମା ଦେଇଥିବା ପ୍ରମାଣପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା।

# ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୧୮।୧୦(ସମିସ): ରାଜଧାନୀ ଭୁବନେଶ୍ୱରର ଅଶୋକ ନଗର ଅଞ୍ଚଳରେ ଶୁକ୍ରବାର ଜଣେ ୧୭ ବର୍ଷୀୟ ଝିଅକୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା ଏବଂ ସାଧାରଣ ସମ୍ପାଦକ ରଞ୍ଜିତା ସାହୁ ଗତ ୧୬ ମାସର ବିଜେପି ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।



■ ୧୬ ମାସରେ ୩୭,୦୦୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା
■ ରାଜଧାନୀର ଛାତି ଉପରେ ଗଣଦୁଷ୍କର୍ମ କରି ଫିଙ୍ଗି ଦିଆଯାଉଛି
■ ପଶ୍ଚିମବଙ୍ଗ ଦୁଷ୍କର୍ମ ମାମଲାରେ ତତ୍ପରତା; ରାଜ୍ୟ ମାମଲାରେ ନିରବତା

ସୁଲତା ଦେଓ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଜଣେ ୧୭ ବର୍ଷର ଝିଅକୁ ଗଣଦୁଷ୍କର୍ମ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗି ଦିଆଯାଉଛି; କିନ୍ତୁ ପୁଲିସ ପ୍ରଶାସନ ଜାଣି ପାରୁନି। ରାଜଧାନୀର ଛାତି ଉପରେ ଯଦି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହଁନ୍ତି, ତା'ହେଲେ ଅନ୍ୟ ଜାଗାରେ କିଭଳି ସୁରକ୍ଷା ପ୍ରଦାନ କରି ପାରିବେ। ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଯାହା ଭିତରେ, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳମାନଙ୍କ ପକ୍ଷରୁ ଏଥିନେଇ ବିଧାନସଭାରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇ ଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି।

ସୁମିତ୍ରା ଜେନା କହିଥିଲେ ଯେ ଅଶୋକ ନଗର ଗଣଦୁଷ୍କର୍ମ ଘଟଣାରେ ପୁଲିସ ସ୍ପଷ୍ଟୀକରଣ ଦେଇ ଏହା ଏକ ସେକ୍ସ ରାକେଟ ମାମଲା ବୋଲି କହୁଛି। କିନ୍ତୁ ଯଦି ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ସେକ୍ସ ରାକେଟ ଚାଲୁଛି, ତା'ହେଲେ ପୁଲିସ ଏଠାରେ କରୁଛି କଣ? ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି; କିନ୍ତୁ ସରକାରଙ୍କର ଏଥିପ୍ରତି ନିଘା ନାହିଁ।

ରଞ୍ଜିତା ସାହୁ କହିଥିଲେ ଯେ ପଶ୍ଚିମବଙ୍ଗରେ ଓଡ଼ିଆ ଝିଅର ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାର ତତ୍ପରତା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ପୀଡ଼ିତା ସହିତ କଥା ହୋଇ ତାଙ୍କ ବାର୍ତ୍ତାଳାପର ଭିଡିଓ ଗଣମାଧ୍ୟମରେ ଛାଡ଼ିଲେ। ରାଜ୍ୟ ମହିଳା କମିସନ ସେଠାକୁ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଲେ। କିନ୍ତୁ ରାଜ୍ୟରେ ପ୍ରତିଦିନ କେହି ନା କେହି ମହିଳା ଦୁଷ୍କର୍ମର ଶୀକାର ହେଉଛନ୍ତି। ନା ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ କଥା ହେଉଛନ୍ତି ନା ରାଜ୍ୟ ମହିଳା କମିସନ ସେମାନଙ୍କ ନିକଟକୁ ଯାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣାରେ ସରକାର ରାଜନୀତି କରିବାକୁ ପଛାଉ ନାହାନ୍ତି। ପଶ୍ଚିମବଙ୍ଗରେ ଦୁଷ୍କର୍ମ ମାମଲାରେ ରାଜ୍ୟ ସରକାର ତତ୍ପରତା ଦେଖାଉଥିବା ବେଳେ ରାଜ୍ୟରେ ହେଉଥିବା ମାମଲା ଗୁଡିକରେ ନିରବତା ଅବଲମ୍ବନ କରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ହୀନ ରାଜନୀତି ବୋଲି ଶ୍ରୀମତୀ ସାହୁ କହିଥିଲେ।

# ସାଇବର ଅପରାଧ ରୋକିବା ପାଇଁ ସଚେତନତା ସବୁଠୁ ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୦(ସମିସ): ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ପୁଲିସ ଷ୍ଟେସନ କାର୍ଯ୍ୟକ୍ଷମ ହେବ। ଏଥିସହ ପୂର୍ବରୁ ଥିବା ୧୪ଟି ସାଇବର ପୁଲିସ ଷ୍ଟେସନର ଆଧୁନୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୁଲିସ ପଦ ସୃଷ୍ଟି କରାଯିବା ସହ ୧୭୦ଜଣ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

■ ସାଇବର ସୁରକ୍ଷା ପାଇଁ ସୃଷ୍ଟି ହେବ ୧୧୨୭ ପୁଲିସ ପଦ
■ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ




ଏହି ରାଜ୍ୟ ସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶ୍ର ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି। ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୁଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି। କିନ୍ତୁ ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ। ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଗୁପୁର ୪ ଭାଇଙ୍କୁ ହତ୍ୟା ମାମଲା

# ଦୁଇ ଜଣଙ୍କୁ ଆଜୀବନ

ଆନନ୍ଦପୁର, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମୁଗୁପୁର ଗ୍ରାମର ବହୁଚର୍ଚ୍ଚିତ ଚାରି ଭାଇଙ୍କୁ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସମହାପାତ୍ର ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଦ୍ୱୟ ହେଲେ, ଦାମୋଦର ଓଝା(୪୯) ଓ ଧନେଶ୍ୱର ଓଝା(୫୨)। ସେହିପରି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ଏହି ମାମଲାରେ ଅନ୍ୟ ଚାରି ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି।

ଗତ ୨୦୦୨ ମସିହାରେ ଏହି ବର୍ବରୋଚିତ ହତ୍ୟାକାଣ୍ଡ ଘଟିଥିଲା। ମୁଗୁପୁରର ୪ ଭାଇଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସମ୍ପର୍କରେ ସାନଭାଇ ମାଧବାନନ୍ଦ ଦଳେଇ ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଆନନ୍ଦପୁରର ଅତିରିକ୍ତ ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ଓ ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ମାମଲା ପରିଚାଳନା କରୁଥିଲେ।

■ ଦ୍ୱାରାଶୁଣି ଘାଟିରେ ପୁଣି ଅଘଟଣ

# କାର୍ ଉପରେ ଓଲଟି ପଡ଼ିଲା ବସ୍

ବାରିପଦା, ୧୮।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ୪୯ ନଂ ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରାଶୁଣି ଘାଟିରେ ଶୁକ୍ରବାର ଅପରାହ୍ଣରେ ଏକ ଚଳନ୍ତା କାର୍ ଉପରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଏଥିରେ କାର୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିଶମବାହିନୀ ସହାୟତାରେ ବାଙ୍ଗିରିପୋଷି ପୁଲିସ ଆହତମାନଙ୍କୁ ପ୍ରଥମେ ବାଙ୍ଗିରିପୋଷି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ପରେ ସେଠାରୁ ୨ ଗୁରୁତରଙ୍କୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍‌କୁ ଜବତ କରିଛି। ସୂଚନାନୁଯାୟୀ, ଦ୍ୱାରାଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ କିଛି ଦିନ ହେବ ଟ୍ରାଫିକ ଜାମ ଲାଗି ରହିଛି। ଶନିବାର ଅପରାହ୍ଣରେ ଶ୍ରୀ ଗଣେଶ ନାମକ ଯାତ୍ରୀବାହୀ ବସ୍ ତିରିଙ୍ଗରୁ ବାରିପଦା ଅଭିମୁଖେ ଆସୁଥିଲା। ଘାଟି ରାସ୍ତାରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ମାଡ଼ିଯାଇ ପାହାଡ଼ ସହ ଧକ୍କା ହୋଇ ଚଳନ୍ତା କାର୍ ଉପରେ ଓଲଟି ପଡ଼ିଥିଲା। କାର୍ ଭିତରେ ଚାଳକ ଦେବବ୍ରତ ମହାପାତ୍ର ଓ ମୁକେଶ ବିଶ୍ୱାଳ ଥିଲେ। ଦୁହେଁ ଏକ ଔଷଧ କମ୍ପାନୀର ପ୍ରତିନିଧି। ରାଇରଙ୍ଗପୁରରୁ କାମ ସାରି ସେମାନେ ବାଲେଶ୍ୱର ଫେରୁଥିବା ବେଳେ ଏହି ଅଘଟଣ ଘଟିଥଲା।

# ଜଳପ୍ରପାତରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

ବାରିପଦା,୧୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶ ଖୁଣ୍ଟା ଥାନା ଭୋଲଗଡ଼ିଆ ପଞ୍ଚାୟତ ଅଧୀନରେ ଥିବା ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ, ମୁର୍ଗାବାଡିର ଅମିତ କୁମାର ପାତ୍ରଙ୍କ ପୁଅ ସୌମିତ(୧୮)। ସେ ବାରିପଦାର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟବର୍ଷ ଛାତ୍ର।

ଶନିବାର ସୌମିତ ତାଙ୍କ ସାଙ୍ଗ ଭଞ୍ଜପୁର ଅଞ୍ଚଳର ସଚ୍ଚିଦାନନ୍ଦ କର ସ୍କୁଟିରେ ଟୁଙ୍କି ଜଳପ୍ରପାତ ବୁଲି ଯାଇଥିଲେ। ପହଁରା ଜାଣିନଥିବା ସୌମିତ ମଧ୍ୟାହ୍ନରେ ରିଲ୍ କରିବା ବେଳେ ଜଳପ୍ରପାତ କୁଣ୍ଡରେ ବୁଡି ଯାଇଥିଲେ। ୧୦ ଫୁଟ୍ ଗଭୀରରୁ ଖୁଣ୍ଟା ଦମକଳ ବାହିନୀ ସୌମିତଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜଳପ୍ରପାତ ଓ ଝରଣାରେ ପ୍ରତିବର୍ଷ ଏକାଧିକ ଯୁବକଙ୍କ ଏପରି ମୃତ୍ୟୁ ଘଟୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ସତର୍କ ସୂଚନା ବା ସଚେତନତା ବାର୍ତ୍ତା, ଗାଇଡଲାଇନ୍ ଅବଲମ୍ବନ ଜରୁରୀ ହୋଇପଡ଼ିଛି।

# ମାଓନେତା ସବ୍ୟସାଚୀ ଆଉଏକ ମାମଲାରେ ନିର୍ଦ୍ଦୋଷରେ ଖଲାସ

ଗୁଣପୁର, ୧୮।୧୦ (ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ଡିମିରିଗୁଡ଼ା ଅଞ୍ଚଳରୁ ବିଭିନ୍ନ ଲୋକଙ୍କ ଜମିରୁ ଧାନ ଜୋରଜବରଦସ୍ତ କାଟି ନେବା ମାମଲାରେ ମାଓ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶନିବାର ଏହି ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଥିଲେ। ୨୦୦୧ ମସିହା ନଭେମ୍ବର ୧୧ରେ ଗୁଡ଼ାରୀ ଥାନା ଅଧୀନ ଡିମିରିଗୁଡ଼ା ଅଞ୍ଚଳର ୩ଜଣ ବ୍ୟକ୍ତିଙ୍କ ଧାନ ଜମିରୁ ଗ୍ରାମବାସୀ ଓ ମାଓବାଦୀ ଜୋରଜବରଦସ୍ତ ଧାନ ନେବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ମାଓନେତା ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇ ଗୁଡ଼ାରୀ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ମାଓନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି।

# କାର୍ତ୍ତିକ ପରେ ରତ୍ନ ଅଳଙ୍କାର ଗଣତିମଣତି

## କାର୍ତ୍ତିକ ସରିବାର ୧୫ ଦିନ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ

ପୁରୀ, ୧୮।୧୦ (ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି କାର୍ତ୍ତିକ ମାସ ପରେ କରାଯିବ। ରତ୍ନଭଣ୍ଡାରର ମରାମତି ଶେଷ ହୋଇ ଅଳଙ୍କାର ମୂଳ ରତ୍ନଭଣ୍ଡାରକୁ ଫେରିଛି। ଏବେ କାର୍ତ୍ତିକ ମାସ ଯୋଗୁଁ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ସହ ଭକ୍ତଙ୍କ ଭିଡ଼ ରହିଛି। ତେଣୁ କାର୍ତ୍ତିକ ପରେ ଗଣତିମଣତି କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ସୂଚନା ଦେଇଛନ୍ତି। ଶନିବାର ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏପରି କହିଛନ୍ତି। ସେହିପରି ଧାଡ଼ି ଦର୍ଶନ ସଂପର୍କରେ ସେ କହିଛନ୍ତି ଯେ କାର୍ତ୍ତିକ ମାସ ଶେଷ ହେବାର ପନ୍ଦର ଦିନ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପ୍ରଥମେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ଏବେ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ତେଣୁ କାର୍ତ୍ତିକ ମାସ ପରେ ଏହା ଆରମ୍ଭ ହେବ।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତିକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡୁଛି। ରତ୍ନଭଣ୍ଡାର ମରାମତି ପାଇଁ ବାହାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ବି ଗଣତିମଣତି କରାଯାଇ ପାରିଥାଆନ୍ତା। ହେଲେ ତାହା କରାଗଲା ନାହିଁ। ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରତ୍ନ ଅଳଙ୍କାର ରହିବା ପରେ ଉଭୟ ଭିତର ଓ ବାହାର ଭଣ୍ଡାର ଘର ମରାମତି ହୋଇଥିଲା। ମରାମତି ଶେଷ ହେବା ପରେ ପୁନଶ୍ଚ ଅସ୍ଥାୟୀ ଭଣ୍ଡାରଘରୁ ରତ୍ନ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ସେତେବେଳେ ମଧ୍ୟ ଗଣତିମଣତି କରାଯାଇ ଏହାକୁ ସୁରକ୍ଷିତ ଭାବେ ରଖାଯାଇ ପାରିଥାଆନ୍ତା। ହେଲେ ତାହା ମଧ୍ୟ କରାଗଲା ନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବିରୋଧୀ, ଏପରିକି ଶ୍ରଦ୍ଧାଳୁମାନେ ମଧ୍ୟ ପ୍ରଶ୍ନ କରୁଛନ୍ତି। ଏପରିସ୍ଥଳେ ମନ୍ତ୍ରୀଙ୍କ ଆଜିର ଘୋଷଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ସେହିପରି ମନ୍ତ୍ରୀଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥା ସଂପର୍କରେ ଘୋଷଣା ନୂଆ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କାରଣ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ତାରିଖ ପରେ ତାରିଖ ଦିଆଯାଇଛି। ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ବିଭିନ୍ନ ତାରିଖକୁ ନେଇ ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ହେଲେ, ଏ ପର୍ଯ୍ୟନ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅନ୍ଧାରରେ ଅଛନ୍ତି ଭକ୍ତ ଓ ସେବାୟତ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯାଉଥିବା କହୁଥିବା ବେଳେ ବାସ୍ତବରେ ଏହା କେତେଦୂର ଫଳପ୍ରଦ ହେବ, ତାହା ସମୟ କହିବ।



# ଆମ୍ବୁଲାନ୍ସ ଓ ଟିପ୍ପର ମୁହାଁମୁହିଁ, ୨ ଗୁରୁତର

ଜୟପୁର, ୧୮ ।୧୦(ସମିସ): ଜୟପୁର ସଦରଥାନା ରଣାପାଲ୍ଲି ଗ୍ରାମ ନିକଟରେ ୧୦୮ ଆମ୍ବୁଲାନ୍ସ ଏବଂ ଏକ ଟିପ୍ପର ମଧ୍ୟରେ ଧକ୍କା ହେବାରୁ ୨ଜଣ ଗୁରୁତର ଥିବା ବେଳେ ଜଣେ ଆହତ ହୋଇଛନ୍ତି । ଗତକାଲି ରାତି ପ୍ରାୟ ସାଢେ ଗୋଟାଏ



ସମୟରେ ୧୦୮ ଆମ୍ବୁଲାନ୍ସ (ଓଡି ୦୨ବିଏର୍୮୯୫୨) ଜୟପୁର ଠାରୁ ଜୟନ୍ତଗିରୀ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟିପ୍ପର (ଏପି-୩୮ ୟୁଇ ୮୩୭୯) ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଆମ୍ବୁଲାନ୍ସରେ ରହିଥିବା ୩ଜଣ କର୍ମଚାରୀଙ୍କ ମଧ୍ୟରୁ ଭଗବାନ ବିଷୋୟୀ(୩୮), ଆଲୋକ ବେହେରା(୨୯)ଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ସିନ୍ଧୁ ତନ୍ତୀ (୩୫)ଙ୍କୁ ସାମାନ୍ୟ ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ଭଗବାନ ଓ ଆଲୋକଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତିରତ କରାଯାଇଛି । ଘଟଣା ସ୍ଥଳରେ ସ୍ଥାନୀୟ ସଦର ପୁଲିସ ପହଁଞ୍ଚି ଦୁଇଟି ଗାଡିକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଦୀପାବଳି ପୂର୍ବରୁ ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୧୮ ।୧୦(ସମିସ): ଦୀପାବଳି ପୂର୍ବରୁ ଅଗ୍ନି ଜନିତ ଦୁର୍ଘଟଣା ପ୍ରତି ସତର୍କ ରହିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜୟପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ ସହ ଅଗ୍ନିଶମ କର୍ମଚାରୀମାନେ ଲୋକମାନଙ୍କୁ ଦୀପାବଳି ସମୟରେ ଆତଞ୍ଜବାଜି ଜଳାଇବା ବେଳେ ସୁରକ୍ଷା ମାନଦଣ୍ଡ ଅନୁସରଣ କରିବା, ଘର ଓ ବଜାର ଅଞ୍ଚଳରେ ଅଗ୍ନି ନିର୍ବାପକ ଉପକରଣ ରଖିବା ଓ ଅପରିହାର୍ଯ୍ୟ ସମୟରେ ଅଗ୍ନିଶମ ଦଳକୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାଉନସିଲର ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ, ଯଶପାଲ ସିଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସମୟରେ ଅଗ୍ନିଶମ ବିଭାଗ ଦଳ ଦ୍ୱାରା ଅଗ୍ନି ନିର୍ବାପକ ପ୍ରଦର୍ଶନୀ କରାଯାଇଥିଲା । ଦୀପାବଳିରେ ବାଣ ଫୁଟାଇବା ସମୟରେ ଅଗ୍ନିଜନିତ ଦୁର୍ଘଟଣାରେ ସାବଧାନତା ରହିବା ନେଇ ପରାମର୍ଶ ଦେଇଥିଲେ ।

# ଅଟୋ ଚାଳନାକୁ ନେଇ ଆକ୍ରମଣ: ଜଣେ ଆହତ, ଅଭିଯୁକ୍ତ ଗିରଫ

ଜୟପୁର, ୧୮ । ୧୦(ସମିସ): ଜୟପୁର ସଦରଥାନା ବାର୍ଲାହାଣ୍ଡି ଗ୍ରାମ ଠାରେ ଅଟୋ ଚାଳନାକୁ ନେଇ ଦୁଇ ଯୁବକଙ୍କ ମଧ୍ୟ ପ୍ରଥମେ ପାଟିତୁଣ୍ଡ ଏବଂ ଯୁବକଙ୍କ ଆକ୍ରମଣ ଓ ଠେଙ୍ଗା ମାଡରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି ।ଏହି ମାମଲାରେ ଆକ୍ରମଣକାରୀ ଯୁବକ ବାର୍ଲାହାଣ୍ଡି ଗ୍ରାମର କିଶ୍ୱର ହରିଜନ (୨୬) ଓରଫ ଇଶ୍ୱରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ, ବାର୍ଲାହାଣ୍ଡି ଗ୍ରାମର କୈଳାସ ହରିଜନ ଫାମ୍ପୁଣି ଗ୍ରାମର ଜଣେ ବ୍ୟାକ୍ତି ଅଟୋ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି । ଏହିପରି ଗତ ଗୁରବାର ସଂଧ୍ୟାରେ ନିଜ ଗ୍ରାମକୁ ଫେରି ଘରକୁ ଯାଉଥିବା ବେଳେ ଅଭିଯୁକ୍ତ ଇଶ୍ୱର ତାଙ୍କୁ ଗାଳିଗୁଲଜ ସହ ଗଣ୍ଡଗୋଳ କରିଥିଲେ । ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଉଭୟ ନିଜ ନିଜ ଘରକୁ ଚାଲି ଯାଇଥିଲା । କିନ୍ତୁ ଗତକାଲି ପୂର୍ବାହ୍ନରେ ଅଭିଯୋଗକାରୀ ନିଜ ଗ୍ରାମର ହୋଟେଲ ଠାରେ ବସିଥିବା ବେଳେ ପୁଣି ଅଭିଯୁକ୍ତ ଇଶ୍ୱର ସେଠାକୁ ଆସି ଗଣ୍ଡଗୋଳ କରିବା ସହ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡ ଉପରକୁ ପାହାର ଦେଇଥିଲେ । କିନ୍ତୁ ସେ ହାତ ରଖିଦେବାର ସେଠାରେ ତାଙ୍କ କାନକୁ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଫଳରେ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଅଭିଯୋଗକାରୀଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ । ଏଥିନେଇ ଅଭିଯୋଗକାରୀ ଗତ ସଂଧ୍ୟାରେ ଏତଲା ଦେବା ପରେ ସଦରଥାନା ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଜାତୀୟ ମହିଳା କୃଷକ ଦିବସ



ପଟ୍ଟାଙ୍ଗି, ୧୮ ।୧୦(ସମିସ): ଆନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ ଓ ଜାତୀୟ ମହିଳା କୃଷକ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ 'ଫାଉଣ୍ଡେସନ୍ ଫର୍ ଇକୋଲୋଜିକଲ୍ ସିକ୍ୟୁରିଟ (ଏଫଇଏସ୍) କୋରାପୁଟ୍ ଦ୍ୱାରା ପଟ୍ଟାଙ୍ଗି ସଦର ମହକୁମାରେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ୭୦ରୁ ଅଧିକ ମହିଳା କୃଷକ ଯୋଗ ଦେଇଥିଲେ । ସେମାନେ ନିଜ ଜୀବନର ଅଭିଜ୍ଞତା, କାମ, ଚାଷୀ ଜୀବନର ସଫଳତା ଓ ସଂଘର୍ଷ ଆଦି ସମ୍ପର୍କରେ କହିଥିଲେ । ସମାଜ ଓ ପରିବେଶ ମଧ୍ୟରେ ମହିଳାମାନଙ୍କ ଭୂମିକା, ଖାଦ୍ୟ ସୁରକ୍ଷା ଓ ଜଳ, ଜମି, ବନ ରକ୍ଷଣରେ ସେମାନଙ୍କ ଯୋଗଦାନ ଉପରେ ଚର୍ଚ୍ଚା ହୋଇଥିଲା । ସଭାରେ କୃତିକା ମହାନ୍ତି, ରମେଶ ଚୌଧୁରୀ, ତ୍ରିନାଥ ଖିଲ, ଆଲୋକ ମହାରଣା, କୁନ୍ତୀକା ଖସଲା ଓ କେ.ମୁରଲୀ କୃଷ୍ଣା ଉପସ୍ଥିତ ଥିଲେ । ସେମାନେ କହିଥିଲେ ଯେ ମହିଳା କୃଷକ ହେଉଛନ୍ତି ଆମ ପରିବାର ଓ ଗ୍ରାମର ମୂଳ ଶକ୍ତି । ଗାଁର ଜୀବନ, ଖାଦ୍ୟ ଉତ୍ପାଦନ ଓ ପରିବେଶ ସୁରକ୍ଷା ସବୁ ସେମାନଙ୍କ ହାତରେ ନିର୍ଭର କରେ । କାର୍ଯ୍ୟକ୍ରମ ମଧ୍ୟରେ ମହିଳାମାନେ ଗୋଷ୍ଠି ଚର୍ଚ୍ଚା, ଭାଷଣ, ଗୀତ ଓ ଛୋଟ ନାଟକ ମାଧ୍ୟମରେ ମହିଳା ଶକ୍ତି ଓ ସ୍ୱାବଲମ୍ବନର ବାର୍ତ୍ତା ଦେଇଥିଲେ । ସେମାନେ କିପରି ନିଜ ଚାଷ ମାଧ୍ୟମରେ ପରିବାର ଚଳାଉଛନ୍ତି, ଶିଶୁମାନଙ୍କୁ ଶିକ୍ଷା ଦେଉଛନ୍ତି ଏବଂ ଘର ଓ ଗାଁକୁ ସୁନ୍ଦର କରୁଛନ୍ତି, ତାହା ସେଠାରେ ଦେଖିବାକୁ ମିଳିଥିଲା ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ୫ ବିଦ୍ୟାର୍ଥୀ ବହିଷ୍କାର ଘଟଣା

# ଅପରାଧ ସମାନ, ଦଣ୍ଡ ଅଲଗା

କୋରାପୁଟ, ୧୮ ।୧୦(ସମିସ)

ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କ ସମେତ ଅନ୍ୟ ସହକର୍ମୀ ମାନଙ୍କ ବିଷୟରେ ହ୍ୱାଟ୍ସଆପ୍ ଗ୍ରୁପରେ ଅଶ୍ଳୀଳ ମେସେଜ ପୋଷ୍ଟ କରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଜଣେ ଛାତ୍ରୀଙ୍କ ସମେତ ୫ ଜଣ ବିଦ୍ୟାର୍ଥୀ ବହିଷ୍କାର ହେବା ଘଟଣା ନୂଆ ମୋଡ଼ ନେଉଛି । କୁଳପତିଙ୍କ ଦ୍ୱାରା ଗଠିତ ଶୃଙ୍ଖଳା କମିଟି ନିକଟରେ ସମ୍ପୃକ୍ତ ୫ ଜଣ ଭୁଲ ସ୍ୱୀକାର କରିବା ପରେ ସେମାନଙ୍କ ବିରୁଦ୍ଧରେ କେଉଁ ପ୍ରକାର ଦଣ୍ଡ ବିଧାନ କରାଯାଇ ପାରିବ, ଯାହା ଫଳରେ ସେମାନେ ଏଭଳି ଅପରାଧର ପୁନରାବୃତ୍ତି କରିବେ ନାହିଁ ଓ ଏକ ଶୃଙ୍ଖଳିତ ବିଦ୍ୟାର୍ଥୀ ଭାବେ ଅଧ୍ୟୟନ କରିବେ, ସେ ସମ୍ପର୍କରେ କମିଟି କୁଳପତିଙ୍କୁ ସୁପାରିସ କରିଥିଲେ । ତେବେ କୁଳପତି କମିଟିର ସୁପାରିଶ ପ୍ରତି ସେତେଟା ଗୁରୁତ୍ୱ ନଦେଇ ନିଜ କ୍ଷମତା ପ୍ରୟୋଗ କରି ଉକ୍ତ ୫ ଜଣଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରିବା ଭଳି ଚରମ ନିଷ୍ପତି ନେଇଥିଲେ । ଅଭିଯୋଗ ଆସିବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ଶୃଙ୍ଖଳା କମିଟି ଠାରୁ ତଦନ୍ତ ରିପୋର୍ଟ ମାଗି କାର୍ଯ୍ୟାନୁଷ୍ଠାନ ନେବା ସାଧାରଣରେ ଆଚମ୍ବିତ କରିଛି । ଅନ୍ୟ ପକ୍ଷରେ ସମସ୍ତଙ୍କୁ ବହିଷ୍କାର ପାଇଁ କୁଳପତି ନିଷ୍ପତି ନେଇ ସେମାନଙ୍କୁ ବାଧତାମୂଳକ ସାର୍ଟିଫିକେଟ ନେବାକୁ କୁହା ଯାଇଥିଲା । ତେବେ ବର୍ତ୍ତମାନ ସୁଦ୍ଧା ତିନିଜଣ ସାର୍ଟିଫିକେଟ ନେଇଥିବା ବେଳେ ଦୁଇଜଣଙ୍କ ଚରିତ୍ର ଖରାପ ଲେଖା ଯାଇଥିବାବେଳେ ଜଣଙ୍କ ସାର୍ଟିଫିକେଟରେ ଉତ୍ତମ ଚରିତ୍ର ଦର୍ଶାଯାଇ ବହିଷ୍କାର ନ ଲେଖି ଡସ୍‌କଣ୍ଟିନ୍ୟୁ ଲେଖା ଯିବା କେତେ ନ୍ୟାୟସଙ୍ଗତ ବୋଲି ଜଣେ ଅଭିଭାବକ ପ୍ରଶ୍ନ ଉଠାଇ ସେ ଅଦାଲତର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି । ସେହିପରି ସମ୍ପୃକ୍ତ ଛାତ୍ରୀ ଜଣକ ଗ୍ରୁପରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି, ହ୍ୱାଟ୍‌ସ୍‌ଆପ୍ ଗ୍ରୁପରେ ଉକ୍ତ ଛାତ୍ରମାନଙ୍କ ମେସେଜକୁ ନାପସନ୍ଦ କରି ପ୍ରତିକ୍ରିୟା ଦେଇଥିବା ତାଙ୍କର କଣ ଭୁଲ କି ବୋଲି ମଧ୍ୟ ପ୍ରଶ୍ନ ଉଠିଛି । ତେଣୁ ଏହି ସବୁ ଦୃଷ୍ଟିରୁ କୁଳପତି ବିବାଦ ଭିତରେ ଛନ୍ଦି ହେଉଥିବା ବେଳେ ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଆଲୋଚନା ଜୋର ଧରି ।

**ବିବାଦରେ କୁଳପତି**

ସୂଚନା ଥାଉ କି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର କୃଷି ବିଜ୍ଞାନ ବିଭାଗର ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏକ ବ୍ୟକ୍ତିଗତ ହ୍ୱାଟସ୍‌ଆପ୍ ଗ୍ରୁପ କରି ବିଭିନ୍ନ ବିଷୟରେ ଗ୍ରୁପରେ ପୋଷ୍ଟ କରିଥାଆନ୍ତି । କିଛି ଛାତ୍ର ଗତ ମାସରେ ଉକ୍ତ ଗ୍ରୁପରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅନ୍ୟ ସହକର୍ମୀ ମାନଙ୍କ ବିଷୟରେ ଅଶ୍ଳୀଳ ଭାଷା ପ୍ରୟୋଗ କରି ଟିପ୍ପଣୀ ସବୁ ପୋଷ୍ଟ କରିଥିଲେ । ଗ୍ରୁପର ଜଣେ ସଦସ୍ୟ ଉକ୍ତ ଟିପ୍ପଣୀ ଗୁଡ଼ିକ ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ ପଠାଇବା ପରେ କଥା ପ୍ରଘଟ ହୋଇଥିଲା । ନିଜ ବିଭାଗର ଛାତ୍ରଛାତ୍ରୀ ବିଭାଗୀୟ ମୁଖ୍ୟ ଓ ସହଯୋଗୀ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ବିଷୟରେ ସୋସିଆଲ ମିଡିଆରେ କିଭଳି ଆପତ୍ତି ଜନକ ଓ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି ତାକୁ ନେଇ ଉତ୍ୟକ୍ତ ହେବା ସହ କୁଳପତିଙ୍କୁ ଲିଖିତ ଭାବେ ଗତ ମାସ ୨୫ ତାରିଖରେ ଅଭିଯୋଗ କରିଥିଲେ । ବିଭାଗୀୟ ମୁଖ୍ୟଙ୍କ ଅଭିଯୋଗ ପାଇ କୁଳପତି ତୁରନ୍ତ ଏକ ୫ ଜଣିଆ ଶୃଙ୍ଖଳା କମିଟି ଗଠନ କରି ଯଥା ଶୀଘ୍ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କୁଳପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୃଙ୍ଖଳା କମିଟି ସମ୍ପୃକ୍ତ ୫ ଜଣ ଛାତ୍ର ଛାତ୍ରୀ ବିଶ୍ୱବିଦ୍ୟାଳୟର ଶୃଙ୍ଖଳା ନୀତି ନିୟମ ଭାଙ୍ଗି ଥିବା ଦର୍ଶାଇ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ଆଚରଣ, ବ୍ୟବହାରକୁ ନେଇ ଓର୍ଡିନାନ୍ସ ୪୯, ସେକ୍ସନ ୬ ରେ ଉଲ୍ଲେଖ ଥିବା ନିର୍ଦ୍ଦେଶ ଗୁଡ଼ିକ ଶୃଙ୍ଖଳା କମିଟି ଉଲ୍ଲେଖ କରି ସମ୍ପୃକ୍ତ ୫ ଜଣ ତାହା ଉଲ୍ଲଂଘନ କରିଥିବା ରିପୋର୍ଟ ଦେଇଥିଲେ । ତଦନ୍ତ ରିପୋର୍ଟ ସହ ସେମାନଙ୍କ ବିରୁଦ୍ଧରେ ଦଣ୍ଡ ସ୍ୱରୂପ ବିଶ୍ୱ ବିଦ୍ୟାଳୟର ଆଇନ ଅନୁଯାୟୀ ଆର୍ଥିକ ଜରିମାନା ଆଦାୟ, କିଛି ଦିନ ପାଇଁ ଅସ୍ଥାୟୀ ଭାବେ କ୍ୟାମ୍ପସ ବ୍ୟାନ୍ କିମ୍ବା ଶେଷରେ ସମ୍ପୂର୍ଣ୍ଣ ବହିଷ୍କାର କରାଯିବା ବ୍ୟବସ୍ଥା ଥିବାରୁ କର୍ତ୍ତୃପକ୍ଷ ସେମାନଙ୍କ ପ୍ରତି ଅତି କଠୋର କାର୍ଯ୍ୟାନୁଷ୍ଠାନ ନେଇ ବହିଷ୍କାର କରିଛନ୍ତି । ତେବେ ୨୫ ତାରିଖରେ ଅଭିଯୋଗ ପାଇ ମାତ୍ର ୪୮ ଘଣ୍ଟା ମଧ୍ୟରେ ୨୭ ତାରିଖରେ ବହିଷ୍କାର ନିଷ୍ପତି ନେବା ଉପରେ ଅଭିଭାବକ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ବହିଷ୍କୃତ ୫ ଜଣଙ୍କ ମଧ୍ୟରୁ ନ୍ୟାୟ ପାଇବା ପାଇଁ ଜଣେ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି କମିଶନର ଦ୍ୱାରସ୍ଥ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ରର ଅଭିଭାବକ ରାଷ୍ଟ୍ରପତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି ।

# ଖୋଲିଲା ୪୩ ବାଣ ଦୋକାନ

● ମଙ୍ଗଳବାର ସଂଧ୍ୟା ୫ଟା ପର୍ଯ୍ୟନ୍ତ ଅନୁମତି

ଜୟପୁର, ୧୮ । ୧୦(ସମିସ): ଜୟପୁର ସହରର ଦଶହରା ପଡ଼ିଆଠାରେ ଆସନ୍ତା ଦିପାବଳୀ ପାଇଁ ସମୁଦାୟ ୪୫ଟି ବ୍ୟବସାୟୀ ଆବେଦନ କରିଥିବା ବେଳେ ୪୩ଟି ଦୋକାନ



ପାଇଁ ଜିଲ୍ଲା ପ୍ରଶାସନର ଅନୁମତି ଗତ ଶୁକ୍ରବାର ସଂଧ୍ୟାରେ ପ୍ରଦାନ କରାଯାଇଛି । ଏହି ଅସ୍ଥାୟୀ ବାଣ ବିକ୍ରି ପାଇଁ ଲାଇସେନ୍ସର ଅବଧି ଆଜି ପୂର୍ବାହ୍ନ ଠାରୁ ଲାଗୁ ହୋଇ ଆସନ୍ତା ମଙ୍ଗଳବାର ସଂଧ୍ୟା ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ । ଆଜି ପୂର୍ବାହ୍ନରୁ ଦଶହରା ପଡ଼ିଆ ଠାରେ ଲାଇସେନ୍ସ ପ୍ରାପ୍ତ ଦୋକାନୀ ମାନେ ବାଣ ଦୋକାନ ଶୁଭାରମ୍ଭ କରିବା ସହ ବିକ୍ରି ଆରମ୍ଭ କରିଛନ୍ତି । ଆଜି କାଁ ଭାଁ କ୍ରେତା ହୋଇଥିବା ବେଳେ ଆସନ୍ତା ରବିବାର ଏବଂ ମଙ୍ଗଳବାର ଦୁଇଦିନ ପ୍ରବଳ ଭୀଡ ହେବାର ଆଶଙ୍କା କରାଯାଉଛି । ଷ୍ଟଲ ନିର୍ମାଣ ଠାରୁ ଅଗ୍ନି ନିର୍ବାପକ ସୁରକ୍ଷା ନେଇ ବିଭିନ୍ନ ବିଭାଗର ଏନ୍‌ଓସି ପରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଏହି ଲାଇସେନ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି । ଷ୍ଟଲ ନମ୍ବର ଅନୁଯାୟୀ ଲେଟେରୀ ମାଧ୍ୟମରେ ଉଠାଣ କରାଯାଇ ଦୋକାନ ଷ୍ଟଲ ପ୍ରଦାନ କରାଯାଇଛି । ପ୍ରବଳ ଭୀଡ ରହିବା ଯୋଗୁଁ ଟ୍ରାଫିକ ଏବଂ ପୁଲିସ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି । କିନ୍ତୁ ଜୟପୁର ବଜାରରେ ବାଣ ଦର ଆକାଶ ଛୁଆଁ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି ।

# କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସ ଉଦ୍‌ଘାଟିତ



ନନ୍ଦାହାଣ୍ଡି, ୧୮ ।୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡ଼ା କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସର ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ଉନ୍ନୟନ ଏବଂ ସାମାଜିକ କଲ୍ୟାଣ ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଓ ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ ଯୋଗ ଦେଇଥିଲେ । ଏତଦ୍ ବ୍ୟତୀତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, ସହକାରୀ ଯନ୍ତ୍ରୀ ଶଙ୍କର ବୁଡେକ୍ ଓ ସ୍ଥାନୀୟ ଶିକ୍ଷକ ସମେତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ରହିଥିଲେ । ଛାତ୍ରୀ ନିବାସ ଏକ କୋଟି ୪ ଲକ୍ଷ ବ୍ୟୟରେ ନିର୍ମାଣ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଥିଲେ ।

# ଗୋଲୁରୁରେ ୪୦ଜଣଙ୍କ ଚକ୍ଷୁ ପରୀକ୍ଷା

ପଟ୍ଟାଙ୍ଗି/ସେମିଳିଗୁଡା, ୧୮ ।୧୦(ସମିସ): କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ପଟ୍ଟାଙ୍ଗି ବ୍ଲକର ଦୁର୍ଗମ ଅଞ୍ଚଳ ତଳ ଗୋଲୁରୁ ପଞ୍ଚାୟତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଶନିବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଅନୁଷ୍ଠିତ ଶିବିରରେ ତଳ ଗୋଲୁରୁ ଓ ଆମ୍ବାବାଲି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୪୦ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଯାଇଥିଲେ । ୧୪ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା । ଅନ୍ୟ ୩ଜଣଙ୍କର ଚାଳିଶିଆ ଚଷମା ପରୀକ୍ଷା ହୋଇଥିଲା । ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ସହିତ ରୋଗୀଙ୍କୁ ମଧ୍ୟ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି । ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଭାଗବତ ମୁର୍ମୁଙ୍କ ତତ୍ତ୍ୱାବଧାନରେ ତଥା ଚିକାପାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରାକେଶ କୁମାର ବିଷୋୟୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।



ସିଏଚଓ ଅଞ୍ଜନା ଖିଲ ଶିବିରରେ ଉପସ୍ଥିତ ରହି ପରିଚାଳନା କରିଥିଲେ । ପିଏଚଇଓ ଆରତୀ ଗୁଡ଼ିଆ ଓ ସୁପରଭାଇଜର ବଦ୍ରି ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା । ଆଶାକର୍ମୀ କେ.ନର୍ସମା, ସୀତ୍ରା ମାରୀ, କୁମାରୀ ହନ୍ତାଳ ଓ ଏମ.ବାସଭି ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଦୈନିକ ବଜାରର ପ୍ରବେଶ ଫାଟକ ସ୍ଥାପନ ଦାବି

ଜୟପୁର, ୧୮ । ୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ବିଦ୍ୟାଧର ସିଂଦେଓ ମୁଖ୍ୟ ଦୈନିକ ବଜାରର ଚାରିପାଖରେ ରହିଥିବ ୫ଟି ପ୍ରବେଶ ଦ୍ୱାର ମଧ୍ୟରୁ ତିନୋଟି ମୁଖ୍ୟ ପ୍ରବେଶ ଦ୍ୱାରରେ କୌଣସି ଫାଟକ ନଥିବା ଯୋଗୁଁ ବଜାର ପରିସର ଭିତରକୁ ବାଇକ୍, ଅଟୋ, ଗାଇଗୋରୁଙ୍କ ଅବାଧ ପ୍ରବେଶ ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି । ତେଣୁ ତୁରନ୍ତ ଉକ୍ତ ପ୍ରବେଶ ଦ୍ୱାରରେ ପୂର୍ବରୁ ରହିଥିବା ଫାଟକ ଭଳି ପୁଣି ଲୁହା ଫାଟକ ନିର୍ମାଣ କରିବା ନେଇ ଜୟପୁର ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଦାବି କରାଯାଇଛି । ଫାଟକ ନଥିବା ଯୋଗ ଅବାଧ ପ୍ରବେଶ ଯୋଗୁଁ ରାସ୍ତାର ସଙ୍କୀର୍ଣ୍ଣତା ରହିଥିବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ଏହିପରି ଗାଇ ଗୋରୁଙ୍କ ଅବାଧ ପ୍ରବେଶ ଏବଂ ଆକ୍ରମଣରେ ସାଧାରଣ ଲୋକ ଆହତ ହେବା ସହ ହଇରାଣ ହେଉଛନ୍ତି । ଏହିପରି ଗତ କିଛି ଦିନପୂର୍ବରୁ ଜନୈକ ମହିଳାଙ୍କୁ ବଜାରରେ ଏକା ବୁଲା ଷଣ୍ଢର ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ । ଏହିପରି ଅନ୍ୟାନ୍ୟ ଘଟଣା ଘଟୁଛି । ସେହିପରି ଏହିପରି ବଜାରର ମୁଖ୍ୟ ଫାଟକ ଖୋଲାମେଲା ରହିବା ଯୋଗୁଁ ସୁରକ୍ଷିତ ମଧ୍ୟ ରହୁନାହିଁ । ବଜାରରେ ପନିପରିବା ବିକ୍ରେତାଙ୍କ ପନିପରିବାକୁ ଗାଇଗୋରୁ ମାନେ ଟାଣି ଖାଇଦେଉଥିବା ଯୋଗୁଁ ବ୍ୟବସାୟୀ ମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ତୁରନ୍ତ ପୌରସଂସ୍ଥା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପୂର୍ବରୁ ଯେଉଁଭଳି ଭାବେ ଫାଟକ ଗୁଡିକ ରହିଥିଲା । ସେହିପରି ଫାଟକ ଗୁଡିକ ନିମାଣ କରାଯାଉଛି । ଏହିପରି ଗତ କିଛିଦିନ ପୂର୍ବରୁ ବଜାରରେ ଅଗ୍ନିକାଣ୍ଡ ଯୋଗୁଁ ଏପରି ଫାଟକ ରହିଥିଲେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ଏହି ଫାଟକ ଗୁଡିକ ବାହାର କରାଯାଇଥିଲା । କିନ୍ତୁ ଏହାର ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇ ସୁରକ୍ଷିତ ଫାଟକ ନିର୍ମାଣ ଦାବି ନେଇ ଚାମ୍ବର ଅଫ୍ କମର୍ସରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡୀଙ୍କୁ ସାକ୍ଷାତ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆଗାମୀ ପୌର ବଜେଟରେ ଏହାର ନିର୍ମାଣ କରିବା ନେଇ ପାଣ୍ଠି ପ୍ରଦାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିବା ନେଇ ଚାମ୍ବର ଅଫ୍ କମର୍ସର ସଭାପତି ଭି. ପ୍ରଭାକର ସୂଚନା ଦେଇଛନ୍ତି ।

## କସ୍ତୁରବା ଗାନ୍ଧୀ ଛାତ୍ରୀନିବାସ କୋଠା ଭିତ୍ତିପ୍ରସ୍ତର ସ୍ଥାପନ

# ସୁରକ୍ଷା ପାଇଁ ସିସିଟିଭି ଲାଗିବ: ଗଣଶିକ୍ଷା ମନ୍ତ୍ରୀ

ତେନ୍ତୁଳିଖୁଣ୍ଟ, ୧୮ ।୧୦(ସମିସ):ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅନ୍ତର୍ଗତ ଚରାମୂଳା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନୂତନ ଛାତ୍ରୀ ନିବାସ କୋଠାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଦ୍ୟାଳୟ ଓ ଗଣ ଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବରିଷ୍ଠ ସମାଜ ସେବୀ ନାରାୟଣ ପାତ୍ର, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଅଧକ୍ଷା ନିଳେନ୍ଦ୍ରି ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ବିଧାୟକ ଶ୍ରୀ ମାଝୀ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ନିମନ୍ତେ ଶହେ ଶଯ୍ୟା ବିଶିଷ୍ଟ ନୂତନ କୋଠା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଛାତ୍ରାବାସ ଚତୁର୍ପାଶ୍ୱ ପରିଦର୍ଶନ କରି ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢ଼ି ବଡ଼ ଓ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସିସି ଟିଭି ବ୍ୟବସ୍ଥା ସହ ପାଚେରୀ ନିର୍ମାଣ ପାଇଁ ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି । ଏହି ଅବସରରେ କେଜି ବିଦ୍ୟାଳୟ ପାର୍ଟ ଟାଇମ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ନିୟମିତ କରିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପି.ସୁନୀଲ କୁମାର ଚରାମୂଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତୀରଣୀ ନାଗ ଓ ୱାର୍ଡେନ ଉର୍ମିଳା ମଲ୍ଲିକ ପରିଚାଳନା କରିଥିଲେ । କେଜିବି ମନ୍ତ୍ରି ଓ ବିଧାୟକ ଙ୍କ ଭିତ୍ତିପ୍ରସ୍ତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ କୁଳ ରଞ୍ଜନ ସୁନା, ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ଦିଗୀ ସରପଞ୍ଚ କିଶୋର ନାୟକ, ଯୁବନେତା ଅନନ୍ତ ପଣ୍ଡା, ପୂର୍ବତନ ଜିଲ୍ଲା ବିଜେପି ସଭାପତି



ଜଗଦୀଶ ବିଷୋୟୀ, ବରିଷ୍ଠ ନାଗରିକ ଆର.ସତ୍ୟମ ନାଇଡୁ, ମୃତ୍ୟୁଞ୍ଜୟ ସିଂହ, ଯୁବ ନେତା ଅନନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ ।




● ଖୋଲାଖୋଲି ମଦ ବିକ୍ରି

# ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେଲେ ମହିଳା

କୋରାପୁଟ, ୧୮ ।୧୦(ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବି.ସିଂହପୁର ଥାନା ଅନ୍ତର୍ଗତ ଚମ୍ପାପଦର ଗ୍ରାମପଞ୍ଚାୟତରେ ଖୁଲମଖୁଲା ଚାଲିଛି ବିହାରୀ ଓ ବିଦେଶୀ ମଦବିକ୍ରି । ବାରମ୍ବାର ବିରୋଧ ସତ୍ତ୍ୱେ ମଦ ବେପାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢୁଥିବାରୁ ମଦ ବନ୍ଦ ନେଇ ପଞ୍ଚାୟତର ମହିଳା ମାନେ ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମହିଳାଙ୍କ କହିବା ଅନୁଯାୟୀ ଚମ୍ପାପଦର ଗ୍ରାମପଞ୍ଚାୟତେ ଦୀର୍ଘଦିନ ଧରି ବିହାରୀ ଓ ବିଦେଶୀ ମଦବିକ୍ରୀ ହୋଇଆସୁଛି । ଜନପ୍ରତିନିଧିଙ୍କ ସମେତ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ୱେ ବିକ୍ରେତା ମାନେ ମଦବିକ୍ରୀ ବନ୍ଦ କରୁନାହାନ୍ତି । ମଦପିଇ ବହୁ ଧନଜୀବନ ନଷ୍ଟ ହେବା ସହିତ ମଦ୍ୟପାନ କରି ବହୁତ ରୋଗରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେଣି । ତେଣୁ ଯଥାଶୀଘ୍ର ମଦ ବନ୍ଦ ପାଇଁ ପଦକ୍ଷେପ



ନେବା ସହିତ ମଦ ବେପାରୀଙ୍କ ଉପରେ ଦୃଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳା ମାନେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ସରପଞ୍ଚ ରାଇମତି ମୁଦୁଲି, ତିଳୋତମା ହରିଜନ ଓ କରୁଣା କୁଳଦୀପଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ ।

# ଗାନ୍ଧୀଛକ ଉଠା ଦୋକାନୀଙ୍କ ଦାବିପତ୍ର ପ୍ରଦାନ

ଜୟପୁର, ୧୮ ।୧୦(ସମିସ): ଗାନ୍ଧୀଛକ ନିକଟରେ ଉଠାଦୋକାନ ଗୁଡିକ ହଟାଇ ସେଠାରେ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ପ୍ରତିମୂର୍ତ୍ତି ସ୍ଥାପନ ପୌରସଂସ୍ଥା ପକ୍ଷରୁ କରାଯାଉଥିବା ନେଇ ଆଜି ସ୍ଥାନୀୟ ବାସିନ୍ଦାମାନେ ବିରୋଧ କରିବା ସହ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗାନ୍ଧୀଛକରେ ବହୁଦିନ ହେଲା ଉଠା ଦୋକାନୀମାନେ ରହି ନିଜ ଜୀବନ ଜୀବିକା ନିର୍ବାହ କରୁଥିଲେ । କିନ୍ତୁ ପୌରପାଳିକା ପକ୍ଷରୁ ସେମାନଙ୍କୁ ସେଠାରୁ ହଟାଇ ଦେଇ ସେଠାରେ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ମୂର୍ତ୍ତି ସ୍ଥାପନ କରାଯାଉଛି । ଫଳରେ ସେଠାରେ ପୂର୍ବ ଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।



# ବିଜେଡିର ଜନସମ୍ପର୍କ ପଦଯାତ୍ରା




କୋଷାଗୁମୁଡା, ୧୮ ।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନ ମଣ୍ଡଳୀ କୋଷଗୁମୁଡାଠାରେ ଆରମ୍ଭ ହୋଇଛି ବିଜୁ ଜନତା ଦଳରର ଜନ ସମ୍ପର୍କ ପଦଯାତ୍ରା। ସନ୍ତୋଷପୁର ଠାରୁ ପ୍ରାୟ ୧୫ କିଲୋମିଟର ପଦଯାତ୍ରା କରିବା ସହ ଲୋକଙ୍କୁ ବିଜେପି ସରକାରର ବିଫଳତା ଓ ପୂର୍ବ ସରକାରର ଯେଉଁ ସବୁ ଯୋଜନା ରହିଛି ତାହାକୁ ନାମ ପରିବର୍ତ୍ତନ କରି ବାହାବା ନେଉଥିବା ଅଭିଯୋଗ କରିବା ସହ ଲୋକ କେଉଁ ଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହାକୁ ନେଇ ଜନସଚେତନ କରିବା ସହ ସମସ୍ତଙ୍କୁ ଜନ ସମ୍ପର୍କ ପଦଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି। ବର୍ତ୍ତମାନ ସରକାର ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସି ଲୋକଙ୍କୁ ପ୍ରତାରଣା କରୁଥିବା ଅଭିଯୋଗ କରିବା ସହ ପୂର୍ବ ସରକାରଙ୍କ ଅମଳରେ କରାଯାଇଥିବା ଜନହିତକର କାର୍ଯ୍ୟ ପ୍ରତି ଲୋକଙ୍କୁ ସଚେତନ କରିବା ଓ ବର୍ତ୍ତମାନ ସରକାରଙ୍କ ବିଫଳତା ବିଷୟରେ ଅବଗତ କରାଯାଉଛି। ଆଗାମୀ ଦିନରେ ସରକାରଙ୍କ ବିରୋଧରେ ସ୍ୱରକୁ ତୀବ୍ର କରାଯିବ ବୋଲି ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରକାଶ କରିଛନ୍ତି।

## ଜନଜାତି, ଅନୁସୂଚିତ ଜାତି ସଂସ୍କୃତି ସୁରକ୍ଷା ମଞ୍ଚ ଜାତୀୟ ସମ୍ମିଳନୀ

# ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ, ଧର୍ମାନ୍ତରୀକରଣକୁ ବିରୋଧ

ଖଇରପୁଟ/କୁଡୁମୁଲୁଗୁମା, ୧୮ ।୧୦(ସମିସ): ମାଲକାନଗିରି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଖଇରପୁଟ ହାଟପଦାରେ ଜନଜାତି, ଅନୁସୂଚିତ ଜାତି ସଂସ୍କୃତି ସୁରକ୍ଷା ମଞ୍ଚ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଧିବାସୀ, ବନବାସୀଙ୍କ ସଂସ୍କୃତି ଓ ପରମ୍ପରା ପ୍ରତିଗୁରୁତ୍ୱ ଦିଆଯିବା ସହ ଧର୍ମାନ୍ତୀକରଣକୁ ବିରୋଧ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ମଞ୍ଚ ସମ୍ପାଦକ ବାଲାଜୀ ପାଡ଼ାଲଙ୍କ ସଭାପତିତ୍ୱରେ ହୋଇଥିଲା। ଅତିଥି ଭାବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ଗଦବା ସମାଜର ବାଲରାଜୁ କଟରି, ସ୍ୱାମୀ ବିଶ୍ୱମିତ୍ରା ନନ୍ଦଗିରି ମହାରାଜ, ଜିଲ୍ଲା ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ବଣ୍ଡା ସମାଜର ସୁମିତ୍ ଶିଶା, ମାଳି ସମାଜର ସୁନାଧର ମାଳି, କୋୟା ସମାଜର ପ୍ରଶାନ୍ତ ବେଟି, ବଣ୍ଡା ସମାଜର ଲକିନାଥ କିର୍ଷାନି ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ। ଧର୍ମାନ୍ତରୀକରଣ ଏକ ରାଷ୍ଟ୍ରବିରୋଧ କାର୍ଯ୍ୟ। ସ୍ୱାଧୀନତା ପୂର୍ବରୁ ଭାରତରେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାରତରେ ସରଳ ନିରୀହ ଜନଜାତି ବନବାସୀ ଓ ଅନୁସୂଚିତ ଜାତିର ଲୋକ ମାନଙ୍କୁ କଳବଳ ଓ ପ୍ରଲୋଭନ ମାଧ୍ୟମରେ ଧର୍ମାନ୍ତିକରଣ କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ ହିନ୍ଦୁ ସମାଜ କେବେ ମଧ୍ୟ ଅନ୍ୟ ଧର୍ମାବଲମ୍ବୀ ପ୍ରତି ଅତ୍ୟାଚାର କରିନାହିଁ। ଏହି ବେଆଇନ ଧର୍ମାନ୍ତିକରଣ ଉପରେ




ରୋକ ଲଗାଇବା ଓ ନିଜ ଧର୍ମର ସ୍ୱାଧୀନ ଭାବରେ ବଞ୍ଚିବା ଧର୍ମ ସ୍ୱତନ୍ତ୍ର ଆଇନ ଲାଗୁ ହୋଇଛି। ନିଜ ବଳ ଓ ପ୍ରଲୋଭନ ଦ୍ୱାରା ଧର୍ମାନ୍ତିକରଣକୁ ବିରୋଧ କରୁଥିବା ଏହି ଆଇନର ଧାରା ୨୫କୁ ଉଚ୍ଛେଦ କରିବା ପାଇଁ କରାଯାଇଥିବା ସୁପ୍ରିମକୋର୍ଟ ମାଧ୍ୟମରେ କରାଯାଉଥିବା ପ୍ରୟାସ ବିରୋଧର ଏହି ସମାବେଶ କରାଯାଇଥିବା ଅତିଥି ମାନେ ଉପସ୍ଥିତ ଥିବା ଜନଜାତି ଅନୁସୂଚିତ ଜାତି ଲୋକ ମାନଙ୍କୁ ସଚେତନତ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ଗୁଡ଼ିକ ହେଲା ଅବୈଧ ଧର୍ମାନ୍ତିକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ଓ ଧର୍ମାନ୍ତିକରଣ ବିରୋଧ ଆଇନ କଡ଼ାକଡ଼ି କରାଯାଉ, ସମ୍ବିଧାନର ଧାରା ୨୫କୁ ବଳବତ୍ତର ରଖାଯାଉ, ବିଭିନ୍ନ ରାଜ୍ୟରେ ପାରିତ ହୋଇଥିବା ଧର୍ମାନ୍ତରୀକରଣ ବିରୋଧ ଆଇନକୁ ବଳବତ୍ତର ରଖିବା ସହିତ ଓଡ଼ିଶାରେ ମଧ୍ୟ ରାଜସ୍ଥାନ ଅନୁରୂପ ବେଆଇନ ଧର୍ମାନ୍ତରୀକରଣକାରୀଙ୍କୁ ଆଠ ବର୍ଷ ଜେଲଦଣ୍ଡ ଓ ଅର୍ଥ ଜରିମାନା ପର୍ଯ୍ୟନ୍ତ ଜରିମାନାର ଆଇନ ପ୍ରଣୟନ, ମାଲକାନଗିରି ଜିଲ୍ଲାରେ ଅଧିକାଂଶ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ମଧ୍ୟ ଅନୁସୂଚିତ ଜାତିର ମାନ୍ୟତା ପାଇଁ ସରକାରୀ ସୁବିଧା ପାଉଛନ୍ତି, ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଉ ଏବଂ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ହିନ୍ଦୁ ସମାଜରେ ଅନୁସୂଚିତ ଜାତି ଓ ଜନଜାତିର ସୁରକ୍ଷା ପାଇଁ ଧର୍ମାନ୍ତିକରଣ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ମଞ୍ଚାସୀନ ଅତିଥି ମାନେ ଦାବି କରିଛନ୍ତି।

# ଭେକ୍ଟର ଜନିତ ରୋଗ ନିବାରଣ ବୈଠକ

ମାଲକାନଗିରି, ୧୮ ।୧୦ (ସମିସ): ମଲକାନଗିରି ଜିଲ୍ଲାରେ ଭେକ୍ଟର ବାହିତ ରୋଗ ନିବାରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଷ କୁମାର ଉପାଧ୍ୟାୟ ଅଧକ୍ଷତା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମାଲେରିଆ, ଡେଙ୍ଗୁ, ଚିକୁନଗୁନିଆ ପରି ରୋଗର ଉତ୍ସକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଟି ବ୍ଲକ ସ୍ତରରେ ବିଶେଷ ଶିବିର ଆୟୋଜନ କରାଯାଇଥିବା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଆଦେଶେ ମାଲକାନଗିରି ମୁନିସିପାଲିଟି ଅଞ୍ଚଳରେ ପ୍ରତିଦିନ ଫଗିଙ୍ଗ କାର୍ଯ୍ୟ ଆରମ୍ଭ କରାଯାଇଥିବା କୁହାଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ସାର୍ବଜନିକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୋଳାମଣି ପ୍ରଧାନ କହିଛନ୍ତି ଯେ, ବର୍ଷା ଋତୁ ଶେଷ ହେଉଛି, ଏହି ସମୟରେ ମଶାମାଛି ବଢ଼ିବା ସମ୍ଭାବନା ଅଧିକ ଥାଏ। ତେଣୁ ପ୍ରତିଟି ଗ୍ରାମରେ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମକୁ ଦୃତ କରିବା ଆବଶ୍ୟକ ରହିଛି। ସେହିପରି ଡିପିଏଚ୍‌ଓ ଡା. ଏମ୍‌ଏମ୍. ଆବିଦ ହୁସେନ କହିଛନ୍ତି, ପ୍ରତି ସପ୍ତାହରେ ଗୋଟିଏ ‘ଡ୍ରାଇ ଡେ’ ପାଳନ କରି ଜଳ ଜମା ନହେବା ନିଶ୍ଚିତ କରିଲେ ରୋଗ ପ୍ରସାରଣ ରୋକାଯାଇପାରିବ।



# ସହରାଞ୍ଚଳ-ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କ ଭାବବିନିମୟ

ଜୟପୁର, ୧୮ ।୧୦(ସମିସ): ସହରାଞ୍ଚଳର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଗଡ଼ପଦର ଗ୍ରାମ ବିଦ୍ୟାଳୟକୁ ପରିଦର୍ଶନ କରିବା ସହିତ ଉକ୍ତ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏହିପରି ଅଭିନବ କାର୍ଯ୍ୟକ୍ରଅ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆଜି ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଇକେଲ ଚାଳନା କରିବା ସହ ଗଡ଼ପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଗାଁ ସ୍କୁଲର ପରିବେଶ ପାଠପଢ଼ା ଦେଖିବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥଲେ। ପିଲା ମାନଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ଏକ ସ୍ୱତନ୍ତ୍ର ଅନୁଭୂତି ଉଭୟ ଛାତ୍ରଛାତ୍ରୀ ମାନେ ପାଇଥିଲେ। ସିଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ ପଟ୍ଟନାୟକ ଏହି କାର୍ଯକ୍ରମକୁ ଆୟୋଜନ କରିବା ବେଳେ ଗଡ଼ପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ପଣ୍ଡା କାର୍ଯ୍ୟକ୍ରମକୁ ଆୟୋଜନରେ ସହଯୋଗ କରିଥିଲେ। ଏହିପରି ସାମାଜିକ ସଂଗଠନ ସିୱା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଜିଭି. ରେଡ୍ଡି, କେ.ମୋହନ ରାଓ ଏବଂ ସଭାପତି ସୁଧାକର ପଟ୍ଟନାୟକ, ବିଦ୍ୟାଳୟର ଜି. ସାଇ ଶେଖର ଓ ଧନପତି ଭତ୍ରା ଯୋଗ ଦେଇଥିଲେ।



# ଛାତ୍ରୀନିବାସ ଶିଳାନ୍ୟାସ କଲେ ମନ୍ତ୍ରୀ


କୋଷାଗୁମୁଡା, ୧୮ ।୧୦(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତ କରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସ ଗୁଡିକ ର ଶିଳାନ୍ୟାସ କରିଛନ୍ତି। ଜିଲ୍ଲର ନବରଙ୍ଗପୁର, କୋଷାଗୁମୁଡାର ପଣ୍ଡୁଗୁଡା ଆଶ୍ରମ ବିଦ୍ୟାଳୟରେ, ତାରାଗାଁ, ନନ୍ଦାହାଣ୍ଡିର ସିନ୍ଧିଗୁଡା, ତେନ୍ତୁଳୀଖୁଣ୍ଟିର ଚରାମୂଳା ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିକ୍ଷା କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ ରାଜ୍ୟ ସରକାର ୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତ ପ୍ରଦାନ କରିବେ। ଆଉ ଚୁକ୍ତିଭିତ୍ତିକ ଶିକ୍ଷକ ବ୍ୟବସ୍ଥା ରହିବ ନାହିଁ। ସମସ୍ତ ଶିକ୍ଷକ ନିୟମିତ ନିଯୁକ୍ତ ହେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ.। ସରକାର ଶିକ୍ଷକଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ଚେଷ୍ଟିତ ଅଛନ୍ତି, ଶିକ୍ଷକ ମାନେ ନିଜ କର୍ତ୍ତବ୍ୟ କରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରନ୍ତୁ ବୋଲି ବୋଲି ମନ୍ତ୍ରି ଶ୍ରୀ ଗଣ୍ଡ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଚେୟାରମ୍ୟାନ, ସର୍ବେଶ୍ୱରୀ ମାଜି, ଭାଇସଚେୟାର ମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ଆଶିଷ ତ୍ରିପାଠୀ, ସାଂସଦ ପ୍ରତିନିଧି ସୁରେଶ ପାତ୍ର ଓ ବାବୁଲା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ୯ ଦଫା ଦାବିପତ୍ର ପ୍ରଦାନ କଲା ଆଶାକର୍ମୀ ସଂଘ



ମାଲକାନଗିରି, ୧୮ ।୧୦ (ସମିସ): ରାଜ୍ୟ ଆଶାକର୍ମୀ ସଂଘର ନିଷ୍ପତ୍ତିକ୍ରମେ ମାଲକାନଗିରି ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ୯ ଦଫା ଦାବି ନେଇ ଏକ ଶୋଭାଯାତ୍ରା କରି ଜିଲ୍ଲାପାଳ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରି ଆଶା କର୍ମୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା। ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆଶା କର୍ମୀମାନଙ୍କୁ ମାସିକ ୧୮ ହଜାର ଟଙ୍କା ପ୍ରଦାନ, ସମସ୍ତ ଆଶାକର୍ମୀଙ୍କୁ ସାମାଜିକ ସୁରକ୍ଷା ଯୋଜନା ଇଏସଆଇ ଓ ଇପିଏଫଓ ଅର୍ନ୍ତଭୂକ୍ତ କରିବା, କାର୍ଯ୍ୟ ସମୟରେ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ସହାୟତା ରାଶି ପ୍ରଦାନ ପ୍ରଭୃତି ବିଭିନ୍ନ ଦାବି କରାଯାଇଛି। ଏଥିରେ ମାଲକାନଗିରି ଜିଲ୍ଲାର ଅନେକ ଆସା କର୍ମୀ ଉପସ୍ଥିତ ଥିଲେ।




# ହରିଣ ଛୁଆର ମୃତ୍ୟ

ବୈପାରୀଗୁଡ଼ା, ୧୮ ।୧୦(ସମିସ): ମୃତ ହରିଣ ଛୁଆକୁ ଜବତ କଲା ବନ ବିଭାଗ। ବୈପାରୀଗୁଡା ସ୍ଥିତ ଗାନ୍ଧୀପୁର ଠାରେ ଏଭଳି ଘଟଣା ଜଣାପଡ଼ିଛି। ସ୍ଥାନୀୟ ବନପାଳ ଲଳିତା ହରିଜନ ମୃତ ହରିଣ ଛୁଆକୁ ବିଧିବଦ୍ଧ ଭାବେ ଗାତ କରି ପୋତି ଦେଇଛନ୍ତି। ସୂଚନା ଅନୁଯାଇ, ହରିଣ ଛୁଆଟି ଗାନ୍ଧୀପୁର ରାସ୍ତା ଦେଇ ଯାଉଥିବା




ବେଳେ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶି ଯାଇଥିଲା। କିନ୍ତୁ ହରିଣ ଛୁଆ ଆହତ ଅବସ୍ଥାରେ ଥିବା ବେଳେ ଘର ମଲିକ ଯତ୍ନ ନେବା ସହ ବନ ବିଭଗକୁ ସୂଚନା ଦେଇଥିଲେ। ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହରିଣ ଛୁଆକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟ ନେବା ସମୟରେ ହରଣ ଛୁଆର ମୃତ୍ୟୁ ଘଟିଛି। କେହି ଦୁର୍ବୃତ୍ତ ମାନେ ହରିଣ ଛୁଆକୁ ଆକ୍ରମଣ କରିଥିବା ନେଇ ସନ୍ଦେହ କରିବା ସହ ତଦନ୍ତ ଆରମ୍ଭ କରିଛି ବନ ବିଭାଗ।



ସୃଜନିକା

ସକାଳ
THE SAKALA
www.sakalaepaper.com



# ପ୍ରାଣ ପ୍ରତିଷ୍ଠା



ବିଚିତ୍ର ବିଶ୍ୱାଳ

ନୂଆ କରି ତିଆରି ହୋଇଥିବା ଏକ ଭବ୍ୟ ମନ୍ଦିରର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଯାଉଥିଲେ ମନ୍ତ୍ରୀ ମହୋଦୟ ଓ ମୁଖ୍ୟ ପୁରୋହିତ। ପାଞ୍ଜି ଦେଖି ଓ ଗ୍ରହ ନକ୍ଷତ୍ରଙ୍କ ଚଳନକୁ ଆକଳନ କରି ବିଗ୍ରହରେ ପ୍ରାଣ ପ୍ରତିଷ୍ଠାର ସମୟ ନିର୍ଘଣ୍ଟ ହୋଇଥିଲା। ଆଉ ଅଳ୍ପ ସମୟ ଥିବାରୁ ଦ୍ରୁତ ଗତିରେ ଚାଲୁଥିଲା ମନ୍ତ୍ରୀଙ୍କ ଗାଡ଼ି।

ରାସ୍ତାରେ ଜଣେ ମା' ବିକଳ ହୋଇ ସାହାଯ୍ୟ ଭିକ୍ଷା କରୁଥିଲେ। ତାଙ୍କ ଛୋଟ ପୁଅଟି ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡ଼ରେ ପଡ଼ିଥିଲା। ବହୁତ ରକ୍ତ ବୋହିଯାଇଥିଲା। ତାକୁ ତୁରନ୍ତ ଡାକ୍ତରଖାନା ନେବା ଦରକାର ଥିଲା। ତାହେଲେ ହୁଏତ ଛୋଟ ପିଲାଟିର ପ୍ରାଣ ବଞ୍ଚିଯାଇ ପାରେ। ମା' ଜଣକ ନିଜେ ଆହତ ହୋଇ ମଧ ହାତ ହଲେଇ ଚିତ୍କାର କରି ତା' ପୁଅର ପ୍ରାଣ ବଞ୍ଚାଇବା ପାଇଁ ଆକୁଳ ନିବେଦନ କରୁଥିଲେ।

ମନ୍ତ୍ରୀଙ୍କ ଗାଡ଼ି ଡ୍ରାଇଭର ଯନ୍ତ୍ରବତ୍ ଗାଡ଼ି ଅଟକାଇ ଦେଲା ମା' ଜଣକ ପାଖରେ। ମା'ର ଆଖିରେ ଆଶା ଜାଗି ଉଠିଲା। କିଛି ଚିନ୍ତା ନକରି ଡ୍ରାଇଭର ଜଣକ ଗାଡ଼ିରୁ ଓହ୍ଲେଇ ଗଲା। ପୁଅର ପ୍ରାଣ ବଞ୍ଚିଯିବ ବୋଲି ମା'ର ଆଶା ସଂଚାର ହେଲା।

ହଠାତ୍ ଗାଡ଼ି ଭିତରୁ ଏକା ସାଙ୍ଗରେ ଚିଲ୍ଲେଇ ଉଠିଲେ ମନ୍ତ୍ରୀ ଓ ପୁରୋହିତ। ଆରେ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ି ଯାଉଛି। ଡେରି ହେଲେ ବିଘ୍ନ ହୋଇଯିବ। ଗାଡ଼ି ରଖି ସିଆଡ଼େ କୁଆଡ଼େ ଯାଉଛୁ? ଶୀଘ୍ର ଆସି ଷ୍ଟିଅରିଂ ଧର।

ମାଲିକଙ୍କ ଚିତ୍କାର ଶୁଣି ଡ୍ରାଇଭରର ପାଦ ଯୋଡ଼ିକ ଅଟକି ଗଲା। ମା' ଜଣକ କାନ୍ଦି କାନ୍ଦି କହୁଥିଲେ, "ମୋ ପୁଅକୁ ଟିକେ ଶୀଘ୍ର ଡାକ୍ତରଖାନାକୁ ନେଇ ତା' ପ୍ରାଣ ବଞ୍ଚେଇ ଦିଅନ୍ତୁ ଆଜ୍ଞା... ।"

ମା'ଟିର ବିକଳ ଚିତ୍କାର ମନ୍ତ୍ରୀ ଓ ପୁରୋହିତଙ୍କ ପ୍ରାଣକୁ ଭେଦି ପାରିଲା ନାହିଁ। ଗାଡ଼ି ଭିତରୁ ଡ୍ରାଇଭର ଉଦ୍ଦେଶ୍ୟରେ ମନ୍ତ୍ରୀ ଗର୍ଜନ କଲେ, ଏଇ ଶୀଘ୍ର ଆସି ଗାଡ଼ି ଚଲା। ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ିଯାଉଛି। ହଜାର ହଜାର ଲୋକ ସେପଟେ ଅପେକ୍ଷା କରିଛନ୍ତି। ଶୀଘ୍ର ଆସ୍। ମନ୍ତ୍ରୀଙ୍କ ତାଗିଦରେ ବିଚରା ଡ୍ରାଇଭର ପଛକୁ ଫେରି ଗାଡ଼ି ଭିତରକୁ ଆସିଲା। ମା' ଜଣକ ଛାତିରେ ହାତ ବାଡ଼େଇ ବାଡ଼େଇ ତା' ପୁଅର ପ୍ରାଣ ରକ୍ଷା ପାଇଁ ବିକଳ ମିନତି କରୁଥିଲା। କିନ୍ତୁ ମନ୍ତ୍ରୀ ଓ ପୁରୋହିତ ମନ୍ଦିର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଶୀଘ୍ର ଶୀଘ୍ର ଚାଲିଗଲେ।

ନୀରବରେ ଡ୍ରାଇଭର ଗାଡ଼ି ଚଳାଉଥିଲା। ତା' ମନ ଭିତରେ ଗୋଟିଏ କଥା ବାରମ୍ବାର ବାଡ଼େଇ ହେଉଥିଲା, ଗୋଟେ ଜୀବନ୍ତ ପିଲାର ପ୍ରାଣ ରକ୍ଷାକୁ ପଛ କରି ଏମାନେ କେଉଁ ପଥର ଦେହରେ ପ୍ରାଣ ପ୍ରତିଷ୍ଠା କରିବାକୁ ଯାଉଛନ୍ତି!

ବିଗ୍ରହ ଦେହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାରି ଫେରିଲେ ମନ୍ତ୍ରୀ। ଡ୍ରାଇଭର ଆଖିରେ କିନ୍ତୁ ନାଚି ଉଠୁଥିଲା ପ୍ରାଣ ରକ୍ଷା ପାଇଁ ସଂଘର୍ଷ କରୁଥିବା ଛୋଟ ପିଲାଟିର ରକ୍ତାକ୍ତ ଶରୀର ଓ ଶୁଖିଲା ମୁହଁ। ■

ଭିରଙ୍ଗ, ତିରଣ
ଜଗତସିଂହପୁର- ୭୫୪୧୩୮
ମୋ: ୯୪୩୮୪୬୮୪୭୪

# ପକ୍ଷହୀନ ଜଟାୟୁ ମୁଁ



କୁନ୍ତଳତା ତ୍ରିପାଠୀ

ବୟୋବୃଦ୍ଧ ଜଟାୟୁ ମୁଁ
ସମୟ ସରସୀର ପ୍ରଭାବିତ ସ୍ରୋତେ ପକ୍ଷହୀନ
ଭାସି ଭାସି ଅଙ୍କା ବଙ୍କା ସର୍ପିଳ ପଥେ
ଝଡ଼ ଝଞ୍ଜା ସହି ସହି ଅରଣ୍ୟ ବାସରେ
ଅନେକ ଅନୁଭୂତିରେ ଜୀବନକୁ ପରଖିଛି ମୁଁ
କେତେ ବ୍ୟଥା ବେଦନାର ସ୍ୱର ଆଙ୍କି ହୋଇ
ସମୟ ପୃଷ୍ଠାରେ ଅଲିଭା ସ୍ୱାକ୍ଷରେ,,
କେତେ ଅବା ଧୋଇ ହୋଇ
ହିସାବ କି ଦେଇ ମୁଁ ପାରିବି?
ନିରେଖି ପାରିନି ତାହା ଆବଶ୍ୟକ ଅନାବଶ୍ୟକ ଭେଦେ
ମାତ୍ର ଇତିହାସ ମୂକସାକ୍ଷୀ ହୋଇ ରୂପରେଖ ଦେଇଥାଏ ତା'ର,
ଜାଣିଛି ମୁଁ ତାହା
ମୃତ୍ୟୁକୁ ଆପଣେଇ ପାରିନି ମୁଁ
ଭୀଷଣ ଏ ଚନ୍ଦ୍ରହାସ ଖଡ୍ଗର ଆଘାତେ,
ବଞ୍ଚିଛି ମୁଁ ବଞ୍ଚିଥିବି କର୍ମକ୍ଲାନ୍ତ ଜୀବନେ ମୋ ଅପାରଗ ହୋଇ,
ରାବଣର ବିଦ୍ରୂପ ହସରେ ଯଦିଓ ପ୍ରତାରିତ ମୁଁ - ମାତ୍ର ପ୍ରରୋଚିତ
ଅପେକ୍ଷମାଣ ମୁଁ ସମ୍ବେଦନାର ସମ୍ମୋହନ ମନ୍ତ୍ରେ,
ହୁଏତ ଏ ହୋଇପାରେ ମୋର ଅନ୍ତିମ ପ୍ରତୀକ୍ଷା,
ମାତ୍ର ନୁହେଁ ଶେଷ ସ୍ୱର
ଅଥଚ ମୋ ଜୀବନର ସର୍ବମୂଲ୍ୟ ଶେଷ ଆଶା ଭରସାର
ଭୂମିକାଟିଏ ନିଭାଇବା ପାଇଁ।
ରାବଣର ଅଟ୍ଟହାସ୍ୟ,
ବିଚଳିତ କରିପାରିନି ମୋତେ
ମାରି ମରିବାର ପଣ ମୋ' ଭିତରେ
ଶୂନ୍ୟତାରେ ପୂର୍ଣ୍ଣତାର ଉପଲବ୍ଧି ଦେଇ।

ଅନ୍ତ ହେବ ଦୁରାଚାର
ଅବସାନ ଘଟିବ ଭ୍ରଷ୍ଟର
ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ
ଅନ୍ତିମ ଅଭିଳାଷ ନେଇ
ଯୁଗେ ଯୁଗେ ଜନମେ ଜନମେ
ପକ୍ଷହୀନ ଜଟାୟୁ ମୁଁ ଏବେ ବି ବଞ୍ଚିଛି
ପ୍ରତୀକ୍ଷାର ଘଟିନାହିଁ ଅନ୍ତ। ■

କଟକ
ମୋ: ୮୩୩୯୦୫୧୧୭୩



# ରେ ଜୀବନ!



ପବିତ୍ର ମୋହନ ଦାଶ

ତୁ ନିମନ୍ତ୍ରଣ ଦେଇଯାଉ
ଆକାଶରେ ପହଁରିବା ପାଇଁ
ମୋର ଡେଣା ଗଜୁରେ ନାହିଁ,
ତୁ ପ୍ରେରଣା ଦେଉ
ନଦୀ ସହ ସ୍ୱର ସାଧନା ପାଇଁ
ଗଳାରେ କର୍କଟ ମୋର
କଣ୍ଠ ଫିଟେ ନାହିଁ,
ତୁ ଆଦେଶ ଦେଉ
ତୋଫାନ ସହ ମାତି ଉଠିବା ପାଇଁ
ରକ୍ତରେ ମୋ ନିଶା ମିଶେ ନାହିଁ,
ତୁ ଉତ୍ସାହିତ କରୁ
ସମୁଦ୍ର ସହ ନାଚିବା ପାଇଁ
ପକ୍ଷାଘାତ ଗ୍ରସ୍ତ ମୋର ଗୋଡ଼
ପାଦ ଚଳେ ନାହିଁ,
ରେ ଜୀବନ!
ତୁ କହୁ ଅଜ୍ଞାତ ସହିତ
ଘର ଛାଡ଼ି ଚାଲି ଯିବା ପାଇଁ
ମୁଁ ନାଚାର ଖୋଲେନା କବାଟ
କେଜାଣି କିମ୍ପାଇଁ? ■

ଇଂରାଜୀ ବିଭାଗ
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ
ବାଲିପୁଟ, ପୁରୀ -୭୫୨୦୪୫

# ସୁରେନ୍ଦ୍ରଙ୍କ ଗଳ୍ପରେ ବୌଦ୍ଧ ଚେତନା



ଡକ୍ଟର ବାସନ୍ତୀ ମହାନ୍ତି

କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଗଭୀର ଜୀବନ ଜିଜ୍ଞାସା ଓ ତା'ର ଉପଲବ୍ଧି ହେଲା - "ଜୀବନ ପବିତ୍ର ଓ ଅନାବିଳ। ଜ୍ୟୋତ୍ସ୍ନାର ପ୍ରତିଫଳନ ଏଇ ଶିଶିର ବିନ୍ଦୁରେ ଯେତିକି ଲୋଭନୀୟ ନର୍ଦ୍ଦମାରେ ସୁଦ୍ଧା ସେତିକି ରମଣୀୟ । ପୁଣ୍ୟ ମଧ୍ୟରେ ଜୀବନ ଯେପରି ଶୁଭ୍ର, ସୁନ୍ଦର, ପାପ ମଧ୍ୟରେ ଜୀବନ ମଧ୍ୟ ସେହିପରି ସ୍ୱଚ୍ଛ ଓ ରମଣୀୟ । ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୁଣ୍ୟମୟ ଉପଲବ୍ଧି ଅଛି।" ଜୀବନର ଏ ଗୂଢ଼ ତତ୍ତ୍ୱକୁ ନିଷ୍କପଟ ଭାବରେ ସେ ତାଙ୍କ ବହୁ ସୃଷ୍ଟିରେ ଉପସ୍ଥାପନା କରିଛନ୍ତି। ଏହି ଚିନ୍ତାଧାରାକୁ ସମ୍ବଳିତ କରି ସୁରେନ୍ଦ୍ରଙ୍କର ବୌଦ୍ଧ ଯୁଗର ଗଳ୍ପଗୁଡ଼ିକ ସମୃଦ୍ଧ । ଏ ପ୍ରକାର ଗଳ୍ପଗୁଡ଼ିକ ସଂଖ୍ୟା ସର୍ବମୋଟ ଛଅଟି । ସେଗୁଡ଼ିକ ହେଉଛି – 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରୀ', 'ପିତା ଓ ପୁତ୍ର', 'ମହାନିର୍ବାଣ' ଓ 'ଉଦ୍ରରାମପୁତ୍ର'।

ଉଦ୍ରରାମପୁତ୍ର ମହାଯୋଗୀ ବୌଦ୍ଧ ସନ୍ନ୍ୟାସୀ କଳିଙ୍ଗର ଅଧିବାସୀ ଥିଲେ। ତାଙ୍କ ସମ୍ପର୍କରେ "ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରେ (ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ) ମହାନଦୀ (M.O.-HO-River) ତଟବର୍ତ୍ତୀ ମହାକାନ୍ତାରରେ ମହାଯୋଗୀ ଉଦ୍ର ରାମପୁତ୍ରଙ୍କ ବିବରଣୀ ବର୍ଣ୍ଣିତ ଅଛି।" ବୌଦ୍ଧଯୁଗର ଗୋଟିଏ ସତ୍ୟ ଆଧାରିତ ଚରିତ୍ରକୁ ନେଇ 'ଉଦ୍ର ରାମପୁତ୍ର' ଗଳ୍ପଟିର ପରିକଳ୍ପନା ହୋଇଛି । ଗଳ୍ପଟିର ବିଷୟବସ୍ତୁ କିନ୍ତୁ ରାମାୟଣ ଯୁଗର ରାଜା ଦଶରଥଙ୍କ ରାଜ୍ୟରେ ଅନାବୃଷ୍ଟିର ନିରାକରଣ ପାଇଁ ଆଜନ୍ମ ବ୍ରହ୍ମଚାରୀ ଋଷ୍ୟଶୃଙ୍ଗଙ୍କ ପଦସ୍ପର୍ଶ ଅଯୋଧ୍ୟା ରାଜ୍ୟରେ କରାଇବା ଓ ରାଜକନ୍ୟା ଶାନ୍ତାଙ୍କୁ ଅର୍ପଣ କରିବା ଉପାଖ୍ୟାନ ସହ ସାମଞ୍ଜସ୍ୟ ରଖେ । ଏ ଗଳ୍ପରେ କଥାବସ୍ତୁ ପ୍ରଧାନ ନୁହେଁ; କିନ୍ତୁ ଜଣେ ସଂସ୍କାରକ ସାଧନା-ନିଷ୍ଠ, ଜିତେନ୍ଦ୍ରୀୟ ନିର୍ବାଣ କାମୀ ବୌଦ୍ଧଭିକ୍ଷୁ ବିଶ୍ୱକଲ୍ୟାଣ ପାଇଁ ତାର ସକଳ ତପଃଫଳ ଉତ୍ସର୍ଗ କରିଦେଇ ପରିଶେଷରେ କିପରି ଜୀବନର ଚିରନ୍ତନ ମଧୁର ଅନୁଭବ ଜାନ୍ତବ କାମନା ନିକଟରେ ଆତ୍ମସମର୍ପଣ କରିଛି ସେହି ଭାବ ସମ୍ପଦ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଜୀବନର ଏକ ଚିରନ୍ତନ ସତ୍ୟ ହିଁ ଗଳ୍ପଟିରେ ମାର୍ମିକ ଭାବରେ ବର୍ଣ୍ଣିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ 'ସାରୀପୁତ୍ତ' ଜୀବନକୁ ବନ୍ଦନା କରୁଥିବା ଅନ୍ୟ ଏକ ସାର୍ଥକ ବୌଦ୍ଧ ଗଳ୍ପ । ଗୌତମ ବୁଦ୍ଧ ଯନ୍ତ୍ରଣା କ୍ଲିଷ୍ଟ ଜୀବନର ଅସାରତା ଓ ନିର୍ବାଣ ତତ୍ତ୍ୱରେ ପ୍ରଭାବିତ ହୋଇ ସାରୀପୁତ୍ତ ଗୃହତ୍ୟାଗୀ ହୋଇ ସଂଘଭୁକ୍ତ ହୋଇଛି। ମା' ରୂପଶ୍ରୀର କୋମଳ ମାତୃ ହୃଦୟ ପୁତ୍ର ବିଚ୍ଛେଦରେ ଖଣ୍ଡବିଖଣ୍ଡିତ ହୋଇପଡ଼ିଛି । ଦିନ ଦିନ ଧରି ସେ ପୁତ୍ରର ଘର ବାହୁଡ଼ାକୁ ପ୍ରତୀକ୍ଷା କରି ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତମାନଙ୍କୁ ଅତିବାହିତ କରୁଛି । ପୁତ୍ର, ପୁତ୍ରବଧୂ, କଳତ୍ରମାନଙ୍କୁ ନେଇ ଏକ ଭରପୂର ସାଂସାରିକ ଜୀବନରେ କାଳ୍ପନିକ ମୋହରେ ସେ ମୋହଗ୍ରସ୍ତ ହୋଇ ପଡ଼ିଛି । ରିଷ୍ଟ ଖଣ୍ଡନ ପାଇଁ ବ୍ରାହ୍ମଣ ଦେବତାଙ୍କୁ ପୂଜା ଆରାଧନା ଅର୍ଘ୍ୟ ଦେଇଛି । ଅବଶେଷରେ ସାରୀପୁତ୍ତ ଫେରିଛି କିନ୍ତୁ ପୁତ୍ର ରୂପରେ ନୁହେଁ ଭିକ୍ଷୁ ରୂପରେ । ଗୌତମୀ ପ୍ରଜାପତିଙ୍କ ସହକର୍ମିଣୀ ପାଇଁ ସେ ମାତା ରୂପଶ୍ରୀଙ୍କୁ ଭିକ୍ଷା ରୂପରେ ଚାହିଁଛନ୍ତି । ସାରୀପୁତ୍ତଙ୍କର ଏ ଭିକ୍ଷାରେ ରୂପଶ୍ରୀର ମାତୃ ହୃଦୟ ଆର୍ତ୍ତନାଦ କରି ଉଠୁଛି । ସେ ନିର୍ବାଣ ନୁହେଁ ଜୀବନ ଚାହାନ୍ତି ବୋଲି ନିଷ୍ଠୁର ଭାବରେ ବହୁବାଞ୍ଛିତ ପୁତ୍ରକୁ ରିକ୍ତ ହସ୍ତରେ ଫେରେଇ ଦେଇଛନ୍ତି । ଜୀବନର ଏ ମହାର୍ଘ ଜୟଗାନ ଭିତରେ ବୁଦ୍ଧଙ୍କର ସକଳ ଧର୍ମୋପଦେଶ, ନିର୍ବାଣୋନ୍ମୁଖୀ କାମନା ଓ ଜୀବନକୁ ଯନ୍ତ୍ରଣାମୁକ୍ତ କରିବାର ପ୍ରଚେଷ୍ଟା ମ୍ଳାନ ହେଲା ଭଳି ଅନୁଭୂତ ହୁଏ, କାରଣ ଜୀବନ ଥିଲେ ଯନ୍ତ୍ରଣା ଅଛି, କାମନା ଅଛି ପୁଣି ଆନନ୍ଦବୋଧ ଅଛି ।

'ଅମ୍ବାପଲ୍ଲୀ' ଗଳ୍ପ ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ନିକଟରେ ସମର୍ପିତା ଅସହାୟ ନାରୀତ୍ୱର ଆହତ ଆତ୍ମଲିପି। ବୌଦ୍ଧ ଧର୍ମଦର୍ଶନର ପୃଷ୍ଠପୀଠିକାରେ ଗଳ୍ପଟି ଅବସ୍ଥା ବାଧ ନାରୀତ୍ୱର ହାହାକାର ଗଳ୍ପର ଭାବସମ୍ପଦ। ରୂପଶ୍ରୀ ଭଳି ଗଣତନ୍ତ୍ରର ବର୍ବର ସାମୂହିକ ନିଷ୍ପତ୍ତି ତାର ନାରୀତ୍ୱକୁ ଅବମାନନା କରିଛି। ସେ ଗଣ ଭୋଗ୍ୟା ହୋଇଛି। ବୈଶାଳୀର ସ୍ୱାର୍ଥ ପାଇଁ ସେ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ସ୍ୱପ୍ନ ଓ ସମ୍ଭାବନାକୁ ବିସର୍ଜନ ଦେଇଛି। 'ଥେରୀ ଗାଥା'ରେ ଅମ୍ବାପଲ୍ଲୀର ସ୍ୱରଚିତ ଗୋଟିଏ ଆତ୍ମକାହାଣୀ ମୂଳକ କବିତାରେ ଏହିପରି ଗୋଟିଏ ଗଣିକାର ବ୍ୟର୍ଥ ନାରୀତ୍ୱର ଅଶ୍ଳୀଳ ଚିତ୍ର ବର୍ଣ୍ଣିତ ହୋଇଛି। ଅମ୍ବାପଲ୍ଲୀ ଥିଲା ବିଦୂଷୀ। ଜୀବନର ବ୍ୟର୍ଥତା ଓ ହା'ହତାଶକୁ ତିଳତିଳ ଉପଲବ୍ଧି କରି ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ବିଭୂତି ସତ୍ତ୍ୱେ ସେ ଜୀବନ ବିଦ୍ୱେଷୀ ହୋଇପଡ଼ିଛି । ତା'ର ବଞ୍ଚିତ ମାତୃତ୍ୱର ଆହତ ସ୍ୱାକ୍ଷର 'ଜୀବକ' ଯାହାକୁ ଦିନେ ସେ ଆହତ ଅଭିମାନରେ ପରିତ୍ୟାଗ କରିଦେଇଥିଲା, ତାକୁ ଅତି ନିକଟରେ ପାଇ ସୁଦ୍ଧା ମାତୃତ୍ୱର ଉତ୍ତାପ ପ୍ରଶମିତ କରିପାରୁ ନାହିଁ । ଦେହ ସର୍ବସ୍ୱ ହେବା ପାଇଁ ତତ୍କାଳୀନ ସମାଜ ତାକୁ ଅନୁବନ୍ଧିତ କରିଥିଲେ ସୁଦ୍ଧା ଆତ୍ମାର ତୀବ୍ର ଆହ୍ୱାନ ତାକୁ ଉନ୍ମନା କରିଛି । ଏକ ପକ୍ଷରେ ତା' ଶରୀରକୁ ବନ୍ଦନା କରୁଥିବା ବିମ୍ବିସାର ଓ ଅନ୍ୟ ପକ୍ଷରେ ଶରୀରର କାମନା ବାସନାକୁ ତୁଚ୍ଛ କରି ଆତ୍ମାର ଊର୍ଦ୍ଧ୍ୱଗତି ପାଇଁ ସନ୍ଦେଶ ପ୍ରଦାନ କରୁଥିବା ଗୌତମବୁଦ୍ଧ, ଭୁବନ ମୋହିନୀ ବେଶରେ ସଜ୍ଜିତା ଆମ୍ରପାଲ୍ଲୀ ଜୀବନର ବହୁବାଞ୍ଛିତ ନିଷ୍ପତ୍ତିକୁ ଗ୍ରହଣ କରିନେଇଛି ।

'ମଧୁମତ୍ତାର ରାତ୍ରୀ' କିନ୍ତୁ ନାରୀ ପ୍ରତି ଚିରାଚରିତ ବିଚାର ଧାରାର ଏକ ନୀରବ ବିଦ୍ରୋହ । ଏ ଜନ୍ମରେ ନହେଲେ ସୁଦ୍ଧା ନାରୀ ପ୍ରତି ସାମାଜିକ ବିଧି ବ୍ୟବସ୍ଥାକୁ ମୌନ ପ୍ରତିବାଦ କରି ପରଜନ୍ମରେ ନାରୀତ୍ୱର ମହନୀୟ ଆବେଦନକୁ ଗଣଭୋଗ୍ୟା ନାରୀଟିଏ ଅନୁଭବ କରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି। ସେଥିପାଇଁ ସେ ନିର୍ବାଣ ତତ୍ତ୍ୱର ମହିମା ପ୍ରଚାର କରୁଥିବା ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ବାରମ୍ବାର ପରଜନ୍ମ ସମ୍ପର୍କରେ ଉତ୍ପୀଡ଼କ ପ୍ରଶ୍ନ ପ୍ରଚାରି ଅସ୍ଥିର କରିଦେଇଛି। ତପୋକ୍ଲିଷ୍ଟ ସଂଯମପିଣ୍ଡିତ ଏ ବୌଦ୍ଧ ଭିକ୍ଷୁମାନଙ୍କ ସାଧନାକୁ ନିଜର ମଧୁମତ୍ତ ଆକର୍ଷଣରେ ମୋହଗ୍ରସ୍ତ କରି ସେହି ବିଦ୍ରୋହ ବ୍ୟଞ୍ଜକ ପ୍ରଶ୍ନ କରିଛି । 'ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ ନିବେଦିତ ହେବା ହିଁ କ'ଣ କୁସୁମର ଭବିତବ୍ୟ'? ଏ ଗଭୀର ଜିଜ୍ଞାସା ଅନ୍ତରାଳରେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟରେ ଆଜୀବନ ପ୍ରତିପାଳିତା ଓ ନାରୀତ୍ୱକୁ ଅନ୍ୟର ପାଦତଳେ ନିବେଦିତ କରୁଥିବା ନାରୀଟିଏ 'ହୁଏତ କାମନା କରୁଥିଲା ଏକ ନାମହୀନ ଜନପଦର ଅଖ୍ୟାତ ଅଜ୍ଞାତ କୋଣରେ କେଉଁ ଏକ ସାମାନ୍ୟ ଗୃହସ୍ଥଳୀର ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ ।'

'ପିତା ଓ ପୁତ୍ର' ଗଳ୍ପ ସୁରେନ୍ଦ୍ର ମହାନ୍ତିଙ୍କ ଏକ ବହୁ ଚର୍ଚ୍ଚିତ ଗଳ୍ପ । ରୁଚିପୂର୍ଣ୍ଣ ସମ୍ଭ୍ରାନ୍ତ ଭାଷା ଶୈଳୀ ଓ ବିଷୟବସ୍ତୁର ନାଟକୀୟ ଉପସ୍ଥାପନାରେ ଉକ୍ତ ଗଳ୍ପଟି ତାଙ୍କ ସୃଷ୍ଟି ଅନ୍ୟ ସମସ୍ତ ଗଳ୍ପଠାରୁ ଅଗ୍ରଗଣ୍ୟ ମନେହୁଏ । ଗଳ୍ପଟିର କଥାବସ୍ତୁ ଅପେକ୍ଷା ଆଙ୍ଗିକ ଶୈଳୀ ବେଶ୍ ଆକର୍ଷଣୀୟ । ତାଙ୍କର ଅନ୍ୟାନ୍ୟ ବୌଦ୍ଧଯୁଗୀୟ ଗଳ୍ପ ଭଳି ଏଥିରେ ବୌଦ୍ଧ ଧର୍ମ ଦର୍ଶନର ବ୍ୟାଖ୍ୟା ନାହିଁ । ମଗଧର ରାଜା ଅଜାତଶତ୍ରୁଙ୍କର ପୁତ୍ର ଉଦାୟୀ ଓ ତାଙ୍କର ପରବର୍ତ୍ତୀ ତିନିଜଣ ବଂଶଧର ପିତୃହନ୍ତା ଥିଲେ । ପ୍ରଜାମାନେ ଏଥିରେ ଉତ୍ତେଜିତ ହୋଇ କାଶୀରାଜା ଶିଶୁନାଗଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରିଥିଲେ । ଇତିହାସର ଏହି ସତ୍ୟକୁ ଆଧାର କରି ପିତା ଓ ପୁତ୍ର ଗଳ୍ପ ପରିକଳ୍ପିତ ହୋଇଛି । ସ୍ରଷ୍ଟା ଯେତେ ନିଷ୍ଠୁର ନିର୍ମମ ନିଷ୍କରୁଣ ହେଲେ ସୁଦ୍ଧା ନିଜ ସୃଷ୍ଟି ନିକଟରେ ସେ ସର୍ବଦା ଅସହାୟ, କ୍ଷମାସ୍ନିଗ୍ଧ ଓ କରୁଣାମୟ । କିନ୍ତୁ ପିତୃତ୍ୱର ଅନୁଭବ ନହେବା ପର୍ଯ୍ୟନ୍ତ ସ୍ରଷ୍ଟାର ଏ ଅମୃତମୟ ଉପଲବ୍ଧି ଆସେ ନାହିଁ । ଉକ୍ତ ଗଳ୍ପରେ ଏହି ସତ୍ୟ ଉପସ୍ଥାପିତ ହୋଇଛି ।

'ମହାନିର୍ବାଣ' ଗଳ୍ପ ନାୟକ ବୌଦ୍ଧଭିକ୍ଷୁ ନୀଳୋତ୍ପଳ ଶତ ସାଧନା ଓ ସଂଯମ ଭିତରେ ଯେଉଁ ଅନିର୍ବଚନୀୟ, ଅଦ୍ୱୟ ଶୂନ୍ୟତାର ଅନୁଭବ ପାଇ ନଥିଲେ ମଧୁବ୍ରତାର ପେଲବ କରତଳ ସ୍ପର୍ଶ କରି ତାହା ପାଇଛନ୍ତି ବୋଲି ସ୍ୱୀକାର କରନ୍ତି । ଦେହର କ୍ଷୁଧାରେ ଆତ୍ମାର ଅଭୀପ୍ସା ମଳିନ ହୋଇପଡ଼ିଛି । ଏ ମହାସୁଖର ଅନୁଭବ ଭିତରେ ସେ ନିର୍ବାଣର ମହାଶୂନ୍ୟତା ଉପଲବ୍ଧି କରିଛନ୍ତି । ପ୍ରବୃତ୍ତି ଓ ନିବୃତ୍ତିର ସଂଘର୍ଷ ଭିତରେ ପ୍ରବୃତ୍ତି ଜୟଲାଭ କରିଛି । ନିର୍ବାଣ ଅପେକ୍ଷା ଜୀବନ ହୋଇ ଉଠିଛି ଅଧିକ କାମ୍ୟ । ବୌଦ୍ଧ ଦର୍ଶନ ତତ୍ତ୍ୱରେ ଏସବୁ କିନ୍ତୁ ସ୍ଖଳନ । ସେଥିପାଇଁ ବ୍ରହ୍ମଦଣ୍ଡ ଭୋଗିବାକୁ ପଡ଼େ । ଜୀବନର କ୍ଷଣଭଙ୍ଗୁରତା ଉପଲବ୍ଧି ପାଇଁ ଘୋର ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବାକୁ ହୁଏ । ନୀଳୋତ୍ପଳ ସେହି ଅଶୁଭ ଭାବନା ଅଭ୍ୟାସରେ ସମ୍ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇସାରିବା ପରେ ସୁଦ୍ଧା ମଧୁବ୍ରତାର ଶବପିଣ୍ଡ ତାଙ୍କର ସକଳ ଶୀଳ ସଂଯମକୁ ଚୂର୍ଣ୍ଣୀଭୂତ କରିଦେଇଛି । ମଧୁବ୍ରତାର ଉଲଗ୍ନ ଶବ ପିଣ୍ଡକୁ ଆଲିଙ୍ଗନ କରି ସେ ଅଗଣିତ କ୍ଷୁଧିତ ଚୁମ୍ବନରେ ଆଚ୍ଛନ୍ନ କରିଦେଇଛନ୍ତି । ନିର୍ବାଣର ମହାସୁଖକୁ ଅସ୍ୱୀକାର କରି ଜୀବନର କ୍ଷଣଭଙ୍ଗୁରତା ଭିତରେ ସେ ଅମୃତର ସନ୍ଧାନ କରିଛନ୍ତି ।


ସୁରେନ୍ଦ୍ରଙ୍କ ବୌଦ୍ଧଯୁଗୀୟ ଗଳ୍ପଗୁଡ଼ିକରେ ତାଙ୍କର ଗଭୀର ଅଧ୍ୟବସାୟ ଓ ଅଧ୍ୟୟନର ଚିତ୍ର ସୁସ୍ପଷ୍ଟ । ଏ ଗଳ୍ପଗୁଡ଼ିକରେ "ଜୀବନ ସଂଭୋଗର ନହବତରେ ପୁଷ୍କଳ ହେବ କି ତ୍ୟାଗ, ସଂଯମ ଓ କୃଚ୍ଛ୍ର ସାଧନାର ନିରବିଚ୍ଛିନ୍ନ ଯନ୍ତ୍ରଣା ଜର୍ଜରିତ ହୋଇ ନିର୍ବାଣ ନିମନ୍ତେ ବୁଦ୍ଧସଂଘ ଓ ଧର୍ମ ଆଶ୍ରା କରିବ ।" ଏ ଉତ୍ପୀଡ଼କ ଜିଜ୍ଞାସାରେ ବ୍ୟକ୍ତି ଅସ୍ଥିର ହୋଇ ପଡ଼ିଛି । ଏ ଜୀବନ ଜିଜ୍ଞାସା ଓ ଜୀବନର ଅନ୍ୱେଷଣ ଭିତରେ ମନେହୁଏ ଜୀବନ ସଂଭୋଗୀ ସୁରେନ୍ଦ୍ର ମହାନ୍ତି ଜୀବନର ହିଁ ବନ୍ଦନା କରିଛନ୍ତି । ତାଙ୍କ ଚରିତ୍ରଗୁଡ଼ିକ ସାଧନା ପିଣ୍ଡିତ ଜୀବନ ଭିତରେ ଯେତିକି ମର୍ଯ୍ୟାଦାବନ୍ତ ଓ ଗୁରୁଗମ୍ଭୀର ତା'ଠାରୁ ଅଧିକ ରମଣୀୟ ହୋଇଛନ୍ତି । ସ୍ଖଳନ ଓ ପାପାଚାର ମଧ୍ୟରେ ଜୀବନ ହିଁ ତାଙ୍କର ପରମକାମ୍ୟ, ନିର୍ବାଣ ନୁହେଁ । ଏ ସତ୍ୟ ସ୍ପଷ୍ଟ ଓ ନିର୍ଭୀକ ଭାବରେ ବହୁ ଚରିତ୍ରଙ୍କ ମୁହଁରେ ସେ ଉଦ୍‌ଘୋଷଣା କରିଛନ୍ତି । ■

ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍- ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ମୋ: ୯୪୩୭୦୩୩୦୭୪

# ପୂଜା ପତ୍ରିକା ପରିଚୟ

## ସୁଚିତ୍ରା

### ସଂପାଦକ : କନ୍ଦର୍ପ ବେହେରା




ଡଇଁଚା, ରେଢ଼ାଖୋଲ
ଜି: ସମ୍ବଲପୁର-୭୬୮୧୦୬
ମୂଲ୍ୟ:୫୦ ଟଙ୍କା

ସୃଜନର ସ୍ପନ୍ଦନ 'ସୁଚିତ୍ରା'ର ଶାରଦୀୟ ସଂଖ୍ୟା ୨୦୨୫ ଆମର ହସ୍ତଗତ ହୋଇଛି । କନ୍ଦର୍ପ ବେହେରାଙ୍କ ସଂପାଦନାରେ ପ୍ରକାଶିତ 'ସୁଚିତ୍ରା'ର ଚଳିତ ସଂଖ୍ୟାଟି କେତେ ଜଣ ବରିଷ୍ଠ, ଯୁବ ଲେଖକଙ୍କ କବିତା,ଗପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ସାକ୍ଷାତକାରରେ ସମୃଦ୍ଧ ହୋଇଛି । କବିତା ବିଭାଗରେ କ୍ଷମାନିଧି ଭୋଇଙ୍କ 'ତୁମେ', ରମାକାନ୍ତ ଜେନାଙ୍କ 'ଶବ୍ଦ ସହ ସାମ୍ନାସାମ୍ନି', ଦେବାଶିଷ ଚକ୍ରବର୍ତ୍ତୀଙ୍କ 'ନାକ୍‌ଟିଦେଉଳ', ଐଶ୍ୱର୍ଯ୍ୟା ମିଶ୍ରଙ୍କ 'ଶୂନ୍ୟା', ବିକାଶୀ ପ୍ରିୟଦର୍ଶିନୀ ରାଉତଙ୍କ 'ତୋ ଅମୃତ ପରଶରେ', ଇପ୍‌ସିତା ପ୍ରିୟଦର୍ଶିନୀ ପରିଡ଼ାଙ୍କ 'ମୃତ୍ୟୁ ପରର ଆତ୍ମା', ସନ୍ତୋଷିନୀ ଦାଶ (ଗିରି)ଙ୍କ 'ଜୀବନ', ସନ୍ତୋଷ କୁମାର ରଥଙ୍କ 'ସେଲ୍‌ଫି ବ୍ୟାଧି', ଡକ୍ଟର ଅନୀଲ କୁମାର ସାହୁଙ୍କ 'ପ୍ରୀତିପର୍ଣ୍ଣା' ଆଦି କବିତାରେ ସାମାଜିକ ବାସ୍ତବତା, ମଣିଷ ଜୀବନ ନାନା ଦ୍ୱନ୍ଦ୍ୱ, ସଂଘର୍ଷ,ନାରୀ ମନର ଅକୁହା ବେଦନା ପ୍ରତିଫଳିତ ହୋଇଛି । ସେହିପରି ବିପିନ ମହାନନ୍ଦଙ୍କ 'ସେଇ ଝିଅଟିର ଦୁଇ ନୀଳ ଆଖି', ଗାୟତ୍ରୀ ସିଂହଙ୍କ 'ଡୋରି', ସ୍ରୋତସ୍ୱିନୀ ପରିଡ଼ାଙ୍କ 'ଆଖିର କଥା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ତେବେ ପ୍ରବନ୍ଧ, ପ୍ରଥମ ବହିର ସ୍ମୃତି, ଧର୍ମ, ସାକ୍ଷାତକାର, କଥାବାର୍ତ୍ତା, ପର୍ଯ୍ୟଟନ, ପିଲାଙ୍କ ପୃଷ୍ଠା, ସମ୍ବଲପୁରୀ କବିତା ଆଦି ବିଭାଗର ଲେଖାଗୁଡ଼ିକ ମଧ ହୃଦୟସ୍ପର୍ଶୀ ହୋଇଛି । 'ସୁଚିତ୍ରା'ର ଶାରଦୀୟ ବିଶେଷାଙ୍କର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଆଗାମୀ ଶତାବ୍ଦୀ

### ସଂପାଦକ : ସେକ୍ ମସୁଦ୍ ଅଲି




ଏମ୍-୬୮, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର- ୯
ମୂଲ୍ୟ:୫୦ ଟଙ୍କା

ସାହିତ୍ୟ ପତ୍ରିକା 'ଆଗାମୀ ଶତାବ୍ଦୀ'ର ଶାରଦୀୟ ବିଶେଷାଙ୍କ -୨୦୨୫ ସେକ୍ ମସୁଦ୍ ଅଲିଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡକ୍ଟର ସତ୍ୟ ନାରାୟଣ ମିଶ୍ରଙ୍କ 'ଦୁର୍ଗତିନାଶିନୀ ଦୁର୍ଗତି', ଗୌରହରି ଦାସଙ୍କ 'ସୁରେନ୍ଦ୍ର ମହାନ୍ତିଙ୍କ ସ୍ପର୍ଶରେ ଶିଳା ଶାଳଗ୍ରାମ ପାଲଟୁଥିଲା', ଦାଶ ବେନହୁରଙ୍କ 'ଈଶ୍ୱର ତତ୍ତ୍ୱ', ଡକ୍ଟର ବିଜୟାନନ୍ଦ ସିଂହଙ୍କ 'ପୁଣ୍ୟତୋୟା ବିରୂପା-ଚିତ୍ରୋତ୍ପଳା ଭୂମିରେ ସ୍ୱାଧୀନତା ସଂଗ୍ରାମ', ଡକ୍ଟର ଶିଶିର ବେହେରାଙ୍କ 'ସଖୀତତ୍ତ୍ୱ ଓ ସନ୍ଥ ହାଡ଼ିବନ୍ଧୁ ଦାସ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଚିନ୍ତନଶୀଳ ହୋଇଛି । ସେହିପରି ସଦାଶିବ ଦାଶଙ୍କ 'ଏଇତ ଜୀବନ', ପ୍ରୀତିଧାରା ସାମଲଙ୍କ 'ମାଟିର ସଂସାର', ତୁହିନାଂଶୁ ରଥଙ୍କ 'ମୁଁ ସମୟ ପାଲଟି ଯାଏ', ସୁଶାନ୍ତ କୁମାର ନାୟକଙ୍କ 'ବର୍ଷା ଭିଜା କୋହ', ବିରଜା ରାଉତରାୟଙ୍କ 'ମେଘବର୍ଣ୍ଣା ଅଶ୍ରୁ' ଆଦି କବିତାଗୁଡ଼ିକରେ ମଣିଷ ଜୀବନର ଯନ୍ତ୍ରଣା, ସାଂପ୍ରତିକ ସମୟର ଚିତ୍ର ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି । ଗଳ୍ପ ବିଭାଗରେ ପଞ୍ଚାନନ କାନୁନ୍‌ଗୋଙ୍କ 'ଭଉଁରୀ', ସେକ୍ ମତଲୁବ ଅଲିଙ୍କ 'ଅନନ୍ତ ଅଭିସାର', ମାନସୀ ଦାସଙ୍କ 'ପୁତ୍ର କଳତ୍ର ଧନ ପାଇ', ସୁସ୍ମିତା ରଥଙ୍କ 'ଜୁଆର' ଆଦି ଗଳ୍ପ ହୃଦୟସ୍ପର୍ଶୀ ହୋଇଛି । 'ଆଗାମୀ ଶତାବ୍ଦୀ' ଏହି ସଂଖ୍ୟାର ପ୍ରତିଟି ଲେଖା ବେଶ୍ ଭାବଗର୍ଭକ ଓ ଆକର୍ଷଣୀୟ ହୋଇଛି । ■

## ସୁଗନ୍ଧ

### ସଂପାଦକ : ଦୀପ୍ତି ଖଣ୍ଡୁଆଳ



ସିହା, ଏରସମା
ଜଗତସିଂହପୁର-୭୫୪୧୩୯
ମୂଲ୍ୟ:୧୦୦ ଟଙ୍କା

ଦୀପ୍ତି ଖଣ୍ଡୁଆଳଙ୍କ ସଂପାଦନାରେ ପ୍ରକାଶିତ 'ସୃଜନର ସୁଗନ୍ଧ'ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ପାର୍ବଣ –୨୦୨୫ ପ୍ରକାଶ ପାଇଛି । ଏହି ସଂଖ୍ୟାରେ 'ସ୍ମରଣୀୟ ଗଳ୍ପ'ରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର', ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଦସ୍ୟୁ ହୃଦୟର ଦେବତା' ଦୁଇଟି ହୃଦୟସ୍ପର୍ଶୀ ଗପ ପ୍ରକାଶିତ ହୋଇଛି । 'କବିତା ବିଭାଗ'ରେ ସୀତାକାନ୍ତ ମହାପାତ୍ର, ବନଜ ଦେବୀ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ସ୍ୱପ୍ନା ମିଶ୍ର, ପିନାକୀ ମିଶ୍ର ପ୍ରମୁଖଙ୍କ କବିତାଗୁଡ଼ିକର ଆତ୍ମିକ ଓ ଆଙ୍ଗିକ ଉଭୟ ବିଭବ ମନଛୁଆଁ ହୋଇଛି । ସେହିପରି ଆର୍ଯ୍ୟ ଯଜ୍ଞଦତ୍ତ, ସତ୍ୟ ମିଶ୍ର, ଗୌରହରି ଦାସ, ଅରବିନ୍ଦ ରାୟ, ଅଜୟ ସ୍ୱାଇଁ, କୃପାସାଗର ସାହୁ ପ୍ରମୁଖଙ୍କ ଗପଗୁଡ଼ିକରେ ସାଂପ୍ରତିକ ସମୟର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଚିହ୍ନା ମାଟି: ଅଚିହ୍ନା ମଣିଷ', ଦାଶରଥି ଜେନାଙ୍କ 'ବ୍ରହ୍ମ ଓ ବିଶର ମହାନ୍ତି', ଡ.ସାରଦା ପ୍ରସାଦ କରଙ୍କ 'ଜୀବନ ଜିଇଁବାର ବିକଳ୍ପ କଳା ହସଟିଏ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସେଭଳି କାଶୀନାଥ ନନ୍ଦୀ ଓ ଗାୟତ୍ରୀ ଦାସଙ୍କ ମିନି ଗପ ଦୁଇଟି ମାର୍ମିକ ହୋଇଛି । ବଙ୍ଗାଳୀ ନନ୍ଦଙ୍କ ଦ୍ୱାରା ଅନୂଦିତ ହଦାତ୍ ହସନ୍ ମଣ୍ଟୋଙ୍କ 'ମିଷ୍ଟର୍ ଆଣ୍ଡ ମିସେସ୍'କୁ ଅନୁବାଦ ଗଳ୍ପ ଆକର୍ଷଣୀୟ ହୋଇଛି । 'ସୁଗନ୍ଧ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ବାଣ ବିସ୍ଫୋରଣରେ ଆହତ ଦୁଇ ଯୁବକଙ୍କ ମୃତ୍ୟୁ

ତିଗିରିଆ, ୧୮ ।୧୦ (ସମିସ): ତିଗିରିଆ ବାଣ ବିସ୍ଫୋରଣ ଘଟଣାରେ ଆହତ ଦୁଇ ଯୁବକଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମର ତେଲିସାହିର ଜୈନିକ ବ୍ୟକ୍ତି ଙ୍କ ଘରେ ଗତ ୧୪ ତାରିଖ ଦିନ ସକାଳେ ବେଆଇନ ଭାବେ ବାଣ ତିଆରି କରୁଥିବା ସମୟରେ ପୂର୍ବ ପ୍ରସ୍ତୁତ ବାରୁଦ ଗଦା ରେ ନିଆଁ ଲାଗି ଗ୍ରାମର

## ■ ଦୁର୍ଘଟଣା ପରେ ବି ପ୍ରଶାସନ ନିରବ
## ■ ପୁଲିସ ଉପସ୍ଥିତିରେ ଚାଲିଛି ବାଣ ବ୍ୟବସାୟ

ଦୁଇ ଯୁବକ ପାପୁନ ବେହେରା ଓ ବିପ୍ଳବ ସାହୁ ଆହତ ହୋଇଥିଲେ। ପାପୁନଙ୍କ ଶରୀରର ୯୫ ଭାଗରୁ ଅଧିକ ଅଂଶ ପୋଡି ଯାଇଥିବା ବେଳେ ବିପ୍ଳବଙ୍କ ଶରୀରର ମଧ୍ୟ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିଲା। ଉଭୟ ଆହତଙ୍କୁ ସଙ୍ଗେ ସଙ୍ଗେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲ କୁ ଚିକିତ୍ସା ପାଇଁ ପଠାଯାଇଥିଲା। ପରେ ସେଠାରୁ ଉଭୟଙ୍କୁ କଟକର ଏକ ଘରୋଇ ମେଡ଼ିକାଲ ରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ଆହତ ଦୁଇ ଯୁବକଙ୍କର ମୃତ୍ୟୁ ହୋଇଛି।

ମୃତ୍ୟୁ ବରଣ କରିଥିବା ପାପୁନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ପାପୁନ ଘରର ରୋଜଗାରିଆ ପୁଅ ଥିଲେ। ବିବାହ ପାଇଁ ତାଙ୍କର ନିର୍ବନ୍ଧ ସରିଥିବା ବେଳେ ଆଉ କିଛିଦିନ ପରେ ବିବାହ ହୋଇଥାନ୍ତା। ତାଙ୍କର ମୃତ୍ୟୁରେ ପରିବାର ଦୁଃଖରେ ଭାଙ୍ଗିପଡିଛି। ଆଜି ସକାଳେ ମୃତ୍ୟୁ ବରଣ କରିଥିବା ପାପୁନଙ୍କ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନ ରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନ ରେ ଶେଷ କୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ବିପ୍ଳବଙ୍କ ଶବ ଗ୍ରାମରେ ପହଞ୍ଚି ନଥିବା ଜଣାପଡିଛି। ଉଭୟ ଯୁବକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଣ ବିସ୍ଫୋରଣ କାରଣରୁ ଦୁଇଟି ମୂଲ୍ୟବାନ ଜୀବନ ଚାଲିଗଲାପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ପୁଲିସ ଉପରେ ଏହାର କୌଣସି ପ୍ରଭାବ ପଡିବା ଦେଖିବାକୁ ମିଳିନାହିଁ। ଘଟଣା ଘଟିବା ଦିନ ସ୍ଥାନୀୟ ପୁଲିସ ପ୍ରଶାସନ ଲୋକ ଦେଖାଣିଆ ପୁରୁଣା ତିଗିରିଆ ଗ୍ରାମରେ ଚଢ଼ାଉ କରି କିଛି ବାଣ ଜବତ କରିବା ସହିତ ୭ ଜଣଙ୍କୁ ଗିରଫ କରିଥିଲା । ତେବେ ବର୍ତ୍ତମାନ ଗ୍ରାମରେ ବେଧଡକ ବାଣ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ପୁଲିସର ଉପସ୍ଥିତି ରେ ଲୋକ କାର, ବାଇକ ସାହାଯ୍ୟରେ ଗ୍ରାମକୁ ଆସି ହଜାର ହଜାର ଟଙ୍କାର ବାଣ କିଣି ନେଉଥିବା ଦେଖିବାକୁ ମିଳିଛି। ସଂପୃକ୍ତ ଘଟଣା




ମୃତ ଦୁଇ ଯୁବକ ଓ ତାଙ୍କ ପରିବାର ଲୋକେଙ୍କୁ ଉପହାସ ସଦୃଶ ହୋଇଛି। ପୁଲିସ ବାଣ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ବଟି ନେଇ ଖୋଲାଖୋଲି ବେଆଇନ ବାଣ ବ୍ୟବସାୟକୁ ପ୍ରଶୟ ଦେଉଥିବାର ସାଧାରଣ ରେ ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ଲାଞ୍ଚ ଖୋର ପୋଲିସ ଅଧିକାରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ବେଆଇନ ବାଣ ବ୍ୟବସାୟ କୁ ଏହି ଥାନା ଅଧିନ ମାନପୁର ଗ୍ରାମ ପରି ସମ୍ପୂର୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ ପାଇଁ ସାଧାରଣ ରେ ଦାବି ହୋଇଛି।

### ■ ଚିକିତ୍ସା ସାରି ଡାକ୍ତରଖାନାରୁ ଫେରୁଥିଲେ

# ଦୁର୍ଘଟଣାରେ ୨ ମୃତ, ୬ ଗୁରୁତର

ବଲାଙ୍ଗିର, ୧୮ ।୧୦ (ସମିସ): ଚିକିତ୍ସା ପାଇଁ ସୁଦୂର ବୁର୍ଲା ଭିମସାର୍ ଡାକ୍ତରଖାନାକୁ ଏକ ବୋଲେରୋରେ ଯାଇଥିଲେ। ଡାକ୍ତର ଦେଖାଇବା ସହ ଔଷଧପତ୍ର କିଣି ଘରକୁ ଫେରୁଥିଲେ। ହେଲେ ବାଟ ଅଧରୁ ଟେକିନେଲା କାଳଯମ। ବଲାଙ୍ଗିର-ବରଗଡ଼ ୨୬ନଂ ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଗୋବିନ୍ଦପୁରର କବିରାଜ ଜଗତ (୫୦) ଏବଂ କଳାହାଣ୍ଡି ଜିଲ୍ଲା ତୁମୁରାର ମନିଜର ସେଠିଆ (୪୫)। ସେହିଭଳି, ଏହି





ଦୁର୍ଘଟଣାରେ ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ, ନୂଆପଡ଼ା ଜିଲ୍ଲା ଗୋବିନ୍ଦପାଲି ଗାଁର ମୋତିରାମ ତାଣ୍ଡି (୪୫), ମକରନ୍ଦ ତାଣ୍ଡି (୫୦), ଲମ୍ବୋଦର ଜଗତ (୬୫), ଚତୁର ତାଣ୍ଡି (୪୪) ଚାଳକ ଡିଙ୍ଗର ଜାଲ ଓ ମୃତ ମନିଜରଙ୍କ ସ୍ତ୍ରୀ ବିଳାସ ସେଠିଆ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସମସ୍ତେ ଏକ ବୋଲେରୋରେ ଗୁରୁବାର ବୁର୍ଲା ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ନେଇ ଶୁକ୍ରବାର ରାତିରେ ଘରକୁ ଫେରୁଥିଲେ। ରାତିରେ ଫେରିବା ବେଳେ ୨୬ନଂ ଜାତୀୟ ରାଜପଥର ଜାମସରଠାରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ କବିରାଜଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମନିଜର ପ୍ରାଣ ହରାଇଥିଲେ। ଅନ୍ୟ ଗୁରୁତରମାନଙ୍କୁ ପୁଇଁନ୍ତଲା ପୁଲିସ ପହଞ୍ଚି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ କିଭଳି ଏହି ଦୁର୍ଘଟଣା ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ। ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେଇଥିବା କୁହାଯାଉଛି। କିନ୍ତୁ ପୁଲିସ ଏ ସଂପର୍କରେ କିଛି ସ୍ପଷ୍ଟ କରିନାହିଁ।

### ■ ଅନୁକମ୍ପା ନିଯୁକ୍ତି ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଆବେଦନ ସମୟସୀମାରୁ ଦସ୍ତାବିଜ୍ ଦାଖଲ ସମୟ ଅବଧି ବାଦ୍ ଦେବାକୁ ନିର୍ଦ୍ଦେଶ

କଟକ, ୧୮ ।୧୦ (ସମିସ): ଅନୁକମ୍ପାମୂଳକ ନିଯୁକ୍ତି ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୃତ୍ୟୁ ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଇତ୍ୟାଦି ଦସ୍ତାବିଜ୍ ଦାଖଲ ପାଇଁ ଉତ୍ତରାଧିକାରୀ ନେଇଥିବା ସମୟକୁ ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ସମୟସୀମାରୁ ବାଦ୍ ଦେବାକୁ ହାଇକୋର୍ଟ କହିଛନ୍ତି। ଏଥିସହ, ଦସ୍ତାବିଜ୍ ଦାଖଲରେ ବିଳମ୍ବ ଆଧାରରେ ଆବେଦନକାରୀଙ୍କ ଆବେଦନକୁ ଖାରଜ କରାଯିବା ନେଇ ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରଶ୍ମିତା ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ରାୟ ଦେଇଛନ୍ତି। ଉକ୍ତ ଆବେଦନକୁ ୩ ମାସ ମଧ୍ୟରେ ବିଚାର କରାନଗଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ପକେଟରୁ ଦୈନିକ ୫୦୦ଟଙ୍କା ଲେଖାଁଏ ଆବେଦନକାରୀଙ୍କୁ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀଙ୍କ ପିତା ଭଞ୍ଜନଗରର ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୧୦ ମସିହାରେ ମୃତ୍ୟୁ ହୋଇଥିଲା। ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ବିଭିନ୍ନ ପ୍ରମାଣପତ୍ର ହାସଲ ବିଳମ୍ବ ହେତୁ ସେ ଧାର୍ଯ୍ୟ ସମୟରେ ଏଗୁଡ଼ିକ ଦାଖଲ କରିପାରିନଥିଲେ। ଫଳରେ ତାଙ୍କର ଆବେଦନକୁ କର୍ତ୍ତୃପକ୍ଷ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନ୍ୟାୟିକ ମାମଲାରେ ଯେଉଁଭଳି ଲିମିଟେସନ୍ ଆକ୍ଟ ୧୯୬୩ରେ ସୀମା ଅବଧି ଗଣନା କରିବା ସମୟରେ ରାୟ, ଆଦେଶ ଏବଂ ଡିକ୍ରିର କପି ପାଇବା ପାଇଁ ଲାଗିଥିବା ସମୟକୁ ବାଦ୍ ଦେବା ପାଇଁ ବ୍ୟବସ୍ଥା ରହିଛି, ସେହିଭଳି ବ୍ୟବସ୍ଥା ଅନୁକମ୍ପା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ନଥିଲେ ବି ଏଥିରୁ ସମାନ ଜ୍ଞାନ ଆହରଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି।

### ■ ଜୁଡିସିଆଲ ଏକାଡେମୀରେ ଦିନିକିଆ କର୍ମଶାଳା

# ମାନବଚାଲାଣ ଓ ଗୋତି ଶ୍ରମିକ ସମସ୍ୟା ଦୂର ପାଇଁ ସୋସିଆଲ ଅଡିଟ୍ ହେଉ: ମୁଖ୍ୟ ବିଚାରପତି

କଟକ,୧୮ ।୧୦(ସମିସ): ସମ୍ପ୍ରତି ମାନବ ଚାଲାଣ ଓ ଗୋତି ବା ବନ୍ଧକ ଶ୍ରମିକ ସମସ୍ୟା ଚିନ୍ତାର ବିଷୟହୋଇଛି। ଏହାର ଦୂରୀକରଣ ପାଇଁ ସୋସିଆଲ ଅଡିଟ୍‌ର ଆବଶ୍ୟକତା ରହିଛି। ବିଶେଷକରି ଏହା ସରକାରଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ନୀତି ପ୍ରଣୟନ ସହ ନିର୍ଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କରିବା ଉଚିତ। ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି

ଜଷ୍ଟିସ ହରୀଶ ଟଣ୍ଡନ ଆଜି ଏହା କହିଛନ୍ତି। କାମ ପାଇଁ ଦେଶାନ୍ତର ହେଉଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଚିହ୍ନଟ ସହ ସେମାନଙ୍କୁ ସଚେତନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଜଷ୍ଟିସ ଟଣ୍ଡନ ଆହ୍ୱାନ ଦେଇଛନ୍ତି।

ସେ କହିଥିଲେ ଯେ ପ୍ରବାସନର ଜାତୀୟ ହାର ୨୧.୬ ପ୍ରତିଶତ ଥିବା ବେଳେ ସେଥିରୁ ଓଡ଼ିଶାର ଅବଦାନ ୭୮ପ୍ରତିଶତ। ଏଣୁ ପ୍ରବାସନ ଏକ ଚିନ୍ତାଜନକ ବିଷୟ ହୋଇଥିବାରୁ ବାହାରକୁ ପ୍ରବାସନରେ ଯାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଡିଟ କରାଯିବା ଦରକାର। ମାନବଚାଲାଣ ଓ ବନ୍ଧକ ଶ୍ରମିକ ପଛରେ ଗରିବୀ, ସାମାଜିକ ବାଧ୍ୟବାଧକତା ଓ ଉନ୍ନତ ଜୀବନଯାପନ ଓ ଅଧିକ ଅର୍ଥ ଉପାର୍ଜନ କରିବାର ଆଶା ପ୍ରମୁଖ କାରଣ ବୋଲି ସେ କହିଥିଲେ।

କର୍ମଶାଳାରେ ସ୍ୱାଗତ ଭାଷଣ ପ୍ରଦାନ କରି ଜଷ୍ଟିସ୍ କେ.ଆର.ମହାପାତ୍ର ମାନବଚାଲାଣ ରୋକିବା ପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଇଣ୍ଟରନ୍ୟାସନାଲ ଜଷ୍ଟିସ୍ ମିଶନର ଜାତୀୟ ଉପ-ସଭାପତି ଡାନିଏଲ ଅଜୟ ଭର୍ଗିସ ନିଜର ବକ୍ତବ୍ୟ ମାଧ୍ୟମରେ ରାଜ୍ୟର ମାନବ ଚାଲାଣ ନେଇ ଏନ୍‌ସିଆର୍‌ବିର ତଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ସଭା ପରେ ବୈଷୟିକ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସଂଜୀବ କୁମାର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ ମାନବାଧିକାର କମିସନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ ପ୍ରମୁଖ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ଜଗନ୍ନାଥ କୋଇଲା ଖଣିରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି

ତାଳଚେର,୧୮ ।୧୦(ସମିସ): ତାଳଚେର ଜଗନ୍ନାଥ କୋଇଲା ଖଣିରେ ବେଆଇନ କୋଇଲା ଗଚ୍ଛିତ ସହ କୋଇଲାକୁ ମାଟି ଓ ପଥର ଦର୍ଶାଇ ଲୁଟ୍ ହୋଇଛି। ହଜାର ହଜାର କୋଟି ଟଙ୍କାର କୋଇଲାକୁ ନିମ୍ନମାନର ଦର୍ଶାଇ ହଡ଼ପ କରାଯାଉଛି। ଷ୍ଟକ୍‌ରେ ମୁଣ୍ଡା କୋଇଲାକୁ ଗୁଣ୍ଡ କରି ଚାଲାଣ କରାଯାଉଛି।



ଭଲ କୋଇଲାକୁ ପଥର କୋଇଲା ଦର୍ଶାଇ ତା' ଉପରେ ମାଟି ଘୋଡ଼ାଇ ହଡ଼ପ ହେଉଛି। ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ତାଳଚେର ବଲଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ କ୍ଲବ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏପରି ଅଭିଯୋଗ କରିବା ସହ ଏଥିରେ ଖଣି କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା କହିଛନ୍ତି।

ଜଗନ୍ନାଥ କୋଇଲା ଖଣିର ୪ନମ୍ବର ଷ୍ଟକ୍‌ୟାର୍ଡରେ ଗୁରୁବାର ସନ୍ଧ୍ୟାରେ ଏସ୍‌ଏସ୍ ବିଏଲ୍‌ଏ ନାମକ ଠିକାସଂସ୍ଥା କୌଣସି ଅନୁମତି ନ ଥାଇ କୋଇଲା ଡମ୍ପିଂ କରୁଥିଲା। ଖବର ପାଇ ବିଧାୟକ ଶ୍ରୀ ପ୍ରଧାନ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ଜଗନ୍ନାଥ କୋଇଲା ଖଣିର ଷ୍ଟକ୍‌ୟାର୍ଡ ଗୋଟିଏ ସ୍ଥାନରେ ଥିବା ବେଳେ ଖଣି ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖଣି ଭିତରେ ବିଭିନ୍ନ ସ୍ଥାନରେ କୋଇଲା ଗଦା କରାଯାଉଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଜଗନ୍ନାଥ କୋଇଲା ଖଣିରେ ଏଭଳି ଘୋଟାଲାକୁ ନେଇ ସେ ଗୋପାଳପ୍ରସାଦ ଥନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଏତଲାକୁ ପଞ୍ଜିକୃତ କରାଯାଇନଥିଲା। ଉକ୍ତ ଘଟଣାକୁ ନେଇ ସେ ତାଳଚେର ଖଣି ଉପନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କିଛି କୋଇଲା ଖଣ୍ଡକୁ ପରୀକ୍ଷା କରିବା ପାଇଁ ସାଙ୍ଗରେ ନେଇଥିଲେ। ତେବେ ଦୀର୍ଘ ମାସ ଧରି ଖଣି ଭିତରେ ଏପରି ଅନିୟମିତତା ହେଉଥିବା ବିଧାୟକ ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ଜଗନ୍ନାଥ ଖଣିର ମହାପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ, ଖଣି ପରିଚାଳକ ଓ ଠିକାଦାରଙ୍କ ସହ କିଛି ବଡ଼ ଅଧିକାରୀଙ୍କ ହାତ ଥିବା ସେ ଅଭିଯୋଗ

## ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କଲେ ତାଳଚେର ବିଧାୟକ

କରିଛନ୍ତି। ବର୍ଷବର୍ଷ ଧରି ଏଭଳି ଅନିୟମିତତା ଯୋଗୁଁ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଉଥିବା ସେ କହିଛନ୍ତି।

ଏ ସଂପର୍କରେ ତାଳଚେର ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଶ୍ରୀକାନ୍ତ କୁମାର ମାଣିକଙ୍କୁ ପଚାରିବାରୁ ସେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ। ଅନ୍ୟପକ୍ଷରେ ତାଳଚେର ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ କହିଛନ୍ତି, ଜଗନ୍ନାଥ କୋଇଲା ଖଣିରେ ହୋଇଥିବା ଅନିୟମିତତା ନେଇ ତଦନ୍ତ ଆରମ୍ଭ ହୋଇଛି। ମାଟିରେ ପୋତାଯାଇଥିବା କୋଇଲାଗୁଡ଼ିକୁ ପରୀକ୍ଷା ପାଇଁ ଅଣାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପନିର୍ଦ୍ଦେଶକ ସାମଲ କହିଛନ୍ତି।

# ଭୁଜାଲି ଦେଖାଇ ଲୁଟିନେଲେ ସ୍କୁଟି ଓ ଟଙ୍କା

ରାଜଘାଟ, ୧୮।୧୦ (ସମିସ): ବସ୍ତା ଥାନା ଅଧୀନସ୍ଥ ଅମର୍ଦ୍ଦାରୋଡ ଫାଣ୍ଡି ଅଞ୍ଚଳରୁ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୁଇ ଯୁବକଙ୍କୁ ଭୁଜାଲି ଦେଖାଇ ସ୍କୁଟି ଓ ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବାଲିଆପାଳ ଚୌମୁଖ ଅଞ୍ଚଳର ପ୍ରମୋଥ କୁମାର ଦାସ ତାଙ୍କ ସାଙ୍ଗ ଗୋପୀନାଥ ବାରିକ ଏକ ସ୍କୁଟି ଯୋଗେ କୌଣସି କାମରେ ଗତକାଲି ହଦମୌଦ ଗ୍ରାମକୁ ଆସିଥିଲେ। ସେଠାରୁ କାମ ସାରି ରାତିରେ ଘରକୁ ଫେରୁଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରି ଅମର୍ଦ୍ଦାରୋଡ ଷ୍ଟେସନରେ ଅଟକାଇ ଭୁଜାଲିରେ ଧମକ ଚମକ ଦେବା ସହ ସ୍କୁଟି ଓ ଟଙ୍କା ଲୁଟି ନେଇ ଚମ୍ପଟ୍ ମାରିଥିଲେ। ଘଟଣା ସମ୍ପର୍କରେ ପ୍ରମୋଥ ଶନିବାର ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ବେଳେ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଏହି ଆଖପାଖ ଅଞ୍ଚଳର ଜିସୁ ପାତ୍ର ବୋଲି ପୁଲିସକୁ ସୂଚନା ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶ ପୁଣି...

ତେଣୁ ସେମାନେ ଏହାକୁ କଦାପି ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଭାବେ ଜଣାଇଦେଇଛନ୍ତି। ତେଣୁ 'ଜୁଲାଇ ଚାର୍ଟର'ରେ ଦସ୍ତଖତ ପୂର୍ବରୁ ଆନ୍ଦୋଳନକାରୀ ଆଜି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଲୋଗାନମାନ ଦେଇ ସେମାନେ ଲୋକ ସଂସଦ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଦେଇଥିଲେ। ପୁଲିସ ସେମାନଙ୍କୁ ଅଟକାଇବାରୁ ଆହୁରି ଉଗ୍ର ହୋଇପଡ଼ିଥିଲେ। ପୁଲିସ ସହିତ ମଧ୍ୟ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିମାଡ଼ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ପୁଲିସକୁ ସାଉଣ୍ଡ ଗ୍ରେନେଡ ମଧ୍ୟ ବ୍ୟବହାର କରିବାକୁ ପଡ଼ିଥିଲା।। ଏଥିରେ ଉତକ୍ଷିପ୍ତ ହୋଇ ବିକ୍ଷୋଭକାରୀମାନେ ପୁଲିସ୍ ଗାଡ଼ି ଓ କଣ୍ଟ୍ରୋଲ ରୁମ୍‌ରେ ନିଆଁ ଲଗାଇ ଦେଇଥିଲେ। ଏହି ହିଂସା ପରେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି।

### ଘାରିଲା ଅକ୍ଟୋବର...

ଗତି କରି ଅକ୍ଟୋବର ୨୩ ତାରିଖ ସକାଳ ସୁଦ୍ଧା ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ହେବାକୁ ଥିବା ଏହି ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବ। ତାପରେ ଏହା ତାମିଲନାଡୁ, ପୁଡୁଚେରୀ ଏବଂ ନିକଟସ୍ଥ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡକୁ ଆଗେଇବ। ଏହାର ପ୍ରଭାବରେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗରେ ଘଣ୍ଟା ପିଛା ପବନର ଗତି ୩୦ରୁ ୪୦ କିମି ପବନ ବହିପାରେ। ୨୨ରେ ଏହା କ୍ରମଶଃ ବଢ଼ି ଘଣ୍ଟାପିଛା ୪୦ରୁ ୫୦ ଓ ୨୩ରେ ୪୫ରୁ ୫୫କିମି ପବନ ବହିବାର ଆଶା କରାଯାଉଛି। ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କତା ଜାରି କରାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ଦକ୍ଷିଣ ବଙ୍ଗୋପସାଗର, ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଅଛନ୍ତି, ସେମାନେ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଉପକୂଳକୁ ଫେରି ଆସିବାକୁ କୁହାଯାଇଛି। ଏହା ସହିତ ମତ୍ସ୍ୟଜୀବୀମାନେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗର ଓ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୯ ତାରିଖ ଅର୍ଥାତ୍ ରବିବାର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ୩୦ରୁ ୪୦ କିମି ବେଗର ପରବ ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୦ ଓ ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ଆକଳନ କରାଯାଇଛି।

### ଏଥର ଦୁଇଦିନ...

କୋର୍ଟ ବନ୍ଦ ରହିବ। ଅନ୍ୟପକ୍ଷରେ, ନୂଆପଡ଼ାରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହୋଇଥିବାରୁ ଏଠାରେ ସରକାରୀ କାର୍ଯ୍ୟାଳୟ ତଥା କୋର୍ଟ ଖୋଲା ରହିବ। ସେହିପରି ନୂଆପଡ଼ା ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ଜିଲ୍ଲାରେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏନେଇ ଉଭୟ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଦିଲ୍ଲୀରେ ଲୁଚିଛି...

କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାର ରତ୍ନବାଳା ଶତପଥୀ କହିଛନ୍ତି ଯେ ଚାକିରି ପାଇଁ ପିଲା ଯୋଗାଡ଼ କରିବା ଏବଂ ବସ୍ ରାଜ୍ୟ ବାହାରକୁ ପଠାଇବାରେ ମୁନା ମହାନ୍ତି ଓ ଶ୍ରୀକାନ୍ତ ମହାରାଣାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଅଭିମନ୍ୟୁ ଦୋରା ତାଙ୍କର ଦଶପଲ୍ଲା ଘରେ ମୁନା ଓ ଶ୍ରୀକାନ୍ତକୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ୩୦ରେ ତିନୋଟି ବସ୍ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଥିବା ସେ କହିଛନ୍ତି।

### ■ ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଘାଟିତ

# ଏଣିକି ଅନ୍‌ଲାଇନ୍‌ରେ ମିଳିବ ଜମି ଡିମାର୍କେସନ୍ ସେବା

ଭୁବନେଶ୍ୱର,୧୮ ।୧୦(ସମିସ): ଜମି ରେଜିଷ୍ଟ୍ରେସନ ପାଇଁ ସ୍ଲଟ୍ ବୁକିଂଠାରୁ ଆରମ୍ଭ କରି ଡିମାର୍କେସେନ ପର୍ଯ୍ୟନ୍ତ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ। ଯେଉଁଦିନ ଜମି ଡିମାର୍କେଶନ ହେବ, ସେହିଦିନ ଆବେଦନକାରୀଙ୍କୁ ଉପସ୍ଥିତ ରହିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଜସ୍ୱ ବିଭାଗର ଅନ୍‌ଲାଇନ ୱେବସାଇଟକୁ ଯିବାକୁ ପଡିବ। ସେଥିରେ ମୋବାଇଲ ନମ୍ବର ପଞ୍ଜୀକରଣ

## ■ ରାଜସ୍ୱ ଆଇନରେ ସଂଶୋଧନ ଏବଂ ସଂସ୍କାର ଆଣାଯିବା ଜରୁରୀ: ସୁରେଶ ପୂଜାରୀ
## ■ ସରକାରୀ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ

କରି ଜମି ଡିମାର୍କେସେନ ପାଇଁ ଆବେଦନ କରିବାକୁ ହେବ। ପରେ ଆବଶ୍ୟକ ଜମିଜମା କାଗଜପତ୍ର ସହ ଫି' ଦେବାକୁ ପଡ଼ିବ। ଆବେଦନ ଦାଖଲ କରିବା ପରେ ତହସିଲଦାର ଆବେଦନ ଯାଞ୍ଚ କରିବେ ଏବଂ ଆବେଦନକାରୀଙ୍କ ମୋବାଇଲ ନମ୍ବରକୁ ଏସ୍‌ଏମ୍‌ଏସ୍‌ରେ ତାରିଖ ଆସିଯିବ। ସେହିଦିନ ତହସିଲ ଅଧିକାରୀ ଏବଂ ଅମିନ ଆସି ଜମିର ଡିମାର୍କେସେନ କରିବେ।

ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି) ଠାରେ ଆୟୋଜିତ ଦୁଇ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇ ପଡିଛି। ରାଜସ୍ୱ ସେବା ସଠିକ୍ ଭାବରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଶ୍ରୀ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ଆଧୁନିକ ବୈଷୟିକ ଜ୍ଞାନର ଉପଯୋଗ କରି ରାଜସ୍ୱ ସେବାକୁ ଆହୁରି କ୍ରିୟାଶୀଳ କରାଯାଇପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦାଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ ହୋଇଥିବା ବେଳେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜସ୍ୱ ପର୍ଷଦର ସଦସ୍ୟ ଦେଓରଞ୍ଜନ କୁମାର ସିଂହ ଆଇନର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଆୟୁକ୍ତଙ୍କ ସଚିବ ନିହାର ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


VEHICLE FOR SALE
Tata Ace EV , Model - 2023, Registration No-OD-02-CL-6834, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

ସତ୍ୟପାଠ
ସତ୍ୟପାଠ ନଂ ୧୩୫୫/୧୪.୧୦.୨୦୨୫ ମୁଁ ପ୍ରଶାନ୍ତ କୁମାର ମହାନ୍ତି , ପିତା- ବ୍ରଜକିଶୋର ମହାନ୍ତି,ସା - ପୁଣ୍ଡିଲୋ, ପୋ - ଇଙ୍କାପଡ଼ା, ଥାନା- କୁଦାନଗରୀ, ଜିଲ୍ଲା - କେନ୍ଦ୍ରାପଡ଼ା ଘୋଷଣା କରୁଛି କି, ଦେବବ୍ରତ ମହାନ୍ତି ଏବଂ ଓମ ମହାନ୍ତି ଜଣେ ଏବଂ ସମାନ ବ୍ୟକ୍ତିଙ୍କ ନାମ ଅଟେ, ଯିଏ କି ମୋର ପୁଅ। ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ମହାନ୍ତି ନାମ ରହିଥିବାବେଳେ ଆଧାରକାର୍ଡରେ ତାହା ଓମ ମହାନ୍ତି ହୋଇଛି। ଆଜିଠାରୁ ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ନାମ ବ୍ୟବହାର କରାଯିବାକୁ ମୁଁ ଘୋଷଣା କରୁଛି।

PUJA OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
By virtue of an affidavit sworn before the Notary Public, Bhubaneswar, dated 10/10/2025. I Prasanna Kumar Sahoo, S/o- Udayanath Sahoo, Aadhaar no- 8807 8625 1753 declare that I have changed my name from Prasanna Kumar Sahoo to Prasanna Sahoo. Henceforth I shall be known as **Prasanna Sahoo** for all purposes.

AFFIDAVIT
By virtue of an affidavit sworn before The Executive Magistrate, Nabarangpur vide no. 924 dated 16/10/2025, I, Jayakudi Jani D/o- Late Deba Jani, W/o- Late Dambaru Jani, resident of Vill.- New Hirli, Po.- Agnipur, Ps./Dist.- Nabarangpur, Odisha, PIN- 764059 state that, I have changed my name from **DAIKHUDI JANI** to **JAYAKUDI JANI**. Henceforth I shall be known as **JAYAKUDI JANI** for all future purposes.

AFFIDAVIT
I, Devaraj Tripathi, S/o- Late Ananda Chandra Tripathi, resident of plot no 1203/A, Nilakanthanagar, Nayapalli, P.s- Nayapalli, PIN-751012, Bhubaneswar, Odisha declare by this affidavit No. 848 dtd- 17/10/2025 that for all purposes I shall be known and signed as Devaraj Tripathi according to my Matric Certificate and Aadhar Card, instead of Devraj Tripathi which reflects in some of my documents.

AFFIDAVIT
I, MONALISHA ROUT, Wife of Tarun Kumar Rout, R/o Subhadra, Apartment, Po: KIIT P.S.Infocity, Bhubaneswar, PIN:- 751024, Dist: Khordha, Odisha, declare by this affidavit No.70AA409213, Dtd:11.07.2025, that now onwards I shall be known as Monalisha Nayak for all future purposes.
MONALISHA NAYAK

AFFIDAVIT
By virtue of an affidavit CF No.9 sworn before Executive Magistrate, Bhubaneswar on Dtd.16.10.2025 I, Sudha Jerendina Lakra, W/o- Hemant Kujur, R/o Plot No.333, Jayadev Vihar, Nayapalli, Bhubaneswar, Dist.- Khordha- 751013 declare that I have changed the name of my daughter from rhia Elisha Kujur to Rhea Elisha Kujur. Henceforth, she will be known as **Rhea Elisha Kujur** for all future purposes.

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-377E, ତା.11.10.2025ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଭୁବନେଶ୍ୱର, ସମ୍ବଲପୁର ଓ ଅନୁଗୁଳ ୟୁନିଟ୍ ଠାରେ ଏବଂ ଖାସନ-ସବଲା (3ୟ ଓ 4ର୍ଥ ଲାଇନ), କରପଡ଼ା-ବୁଢ଼ାପଙ୍କ (3ୟ ଓ 4ର୍ଥ ଲାଇନ), ଶାଳଗାଁ-ବୁଢ଼ାପଙ୍କ (3ୟ ଓ 4ର୍ଥ ଲାଇନ)ର ଅବଶିଷ୍ଟ ଷ୍ଟେସନ / ସ୍ଥାନ ସମ୍ବନ୍ଧୀୟ ସେବା ଭବନ, ସଙ୍କେତ ଏବଂ ଦୂରସଂଚାର ରୁମଗୁଡ଼ିକରେ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ (Precision) AC ଏବଂ 2TR ସ୍ପ୍ଲିଟ୍ ACର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଓ ପ୍ରଚଳନ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 119.23 ଲକ୍ଷ, EMD : ₹ 2,09,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.11.2025ରିଖ 1500 ଘଣ୍ଟାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତାହୋଣିଆରୀଙ୍କୁ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ବାତିଲ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦଲିଲ ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଅଣାଯାଉଛି। ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତର ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ଦଲିଲରୁ ଉଦ୍ଧୃତ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-137/CI/25-26

AFFIDAVIT
By virtue of an Affidavit (SL No. 01, date- 18.10.2025) Sworn Before the Executive Magistrate, Padampur. I, **Pooja Budek** (new name), D/o Banamali Budek, permanent & current resident of At- Bubuda, Po- Dahigaon, Ps- Buden, Dist- Bargarh, PIN- 768036, Odisha declare that I have changed my name from **Kumari Pooja Budek** (old name) to **Pooja Budek** (new name). Henceforth, I shall be known as **Pooja Budek** (new name) for all purposes.
**Pooja Budek**

AFFIDAVIT
By virtue of an Affidavit (SL No. 04, date- 16.10.2025) Sworn Before the Executive Magistrate, Padampur. I, **Shibashrita Panda** (new name), S/o- Kallola Kumar Panda, permanent & current resident of AT- Padampur (Kapsila), Po- Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Sibashrita Panda** (old name) to **Shibashrita Panda** (new name). Henceforth, I shall be known as **Shibashrita Panda** (new name) for all purposes.
**Shibashrita Panda**

### ୯ ଦଫା ଦାବି ନେଇ ସରକାରଙ୍କ ଉପରେ ବାର୍ଷିଲା ଆଶା କର୍ମୀ ସଂଘ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ରାୟଗଡ଼ା, ୧୮ ।୧୦(ସମିସ)




ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ଆଜି ରାୟଗଡ଼ା ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ଦୀର୍ଘ ଦିନର ବିଭିନ୍ନ ଦାବି ପୂରଣ ହୋଇନଥିବା ଯୋଗୁଁ କେନ୍ଦ୍ର ଏବଂ ରାଜ୍ୟ ଆଶା କର୍ମୀ ସଂଘର ନିଷ୍ପତ୍ତି କ୍ରମେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ରାୟଗଡ଼ା ଗାନ୍ଧୀ ପାର୍କ ଠାରେ ଜିଲ୍ଲାର ବହୁ ଆଶାକର୍ମୀ ଏକତ୍ରିତ ହୋଇ ଆଶା କର୍ମୀ ସଂଘର ଜିଲ୍ଲା ସଭାନେତ୍ରୀ ତମାଳ ସାହୁକାର, ଜିଲ୍ଲା ସମ୍ପାଦିକା ଗୀତାଞ୍ଜଳୀ ହିଆଲ ଏବଂ କୋଷାଧ୍ୟକ୍ଷ ପୁଷ୍ପାଞ୍ଜଳି ବେହୁରାଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ପତ୍ର ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ରାଜ୍ୟ ଉପସଭାନେତ୍ରୀ ମମତା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଲେଙ୍କା ସହ ଜିଲ୍ଲାର ୧୧ଟି ବ୍ଲକରୁ ବହୁ ସଂଖ୍ୟାରେ ଆଶା କର୍ମୀ ଯୋଗ ଦେଇଥିଲେ । ୯ ଦଫା ଦାବି ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା, ଆଶା କର୍ମୀ ମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଯେଉଁ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ଦିଆଯାଇନାହିଁ ସେମାନଙ୍କୁ ମାସିକ ୧୮ ହଜାର ଟଙ୍କା ପ୍ରଦାନ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ଅବସର କାଳୀନ ସମୟରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା ସହ ମାସିକ

**ବିକ୍ଷୋଭ, ବିରାଟ ଶୋଭାଯାତ୍ରା**

୫ ହଜାର ଟଙ୍କା ପେନସନ ଦେବା, ପ୍ରତ୍ୟେକ ମାସ ୧୦ ତାରିଖ ମଧ୍ୟରେ ଦେୟ ପ୍ରଦାନ କରିବା ପ୍ରଭୃତି ବିଭିନ୍ନ ଦାବି ରହିଛି । ସରକାର ଉକ୍ତ ଦାବି ଗୁଡ଼ିକୁ ତୁରନ୍ତ ଦୃଷ୍ଟି ଦେଇ ସମାଧାନ ନ କଲେ ଆସନ୍ତା ଦିନରେ ଆଶାକର୍ମୀ ମାନେ ଭାରତୀୟ ମଜଦୂର ସଂଘର ସହଯୋଗରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଶ୍ରମିକ ନେତା ଶ୍ରୀ ଦାସ ପ୍ରକାଶ କରିଥିଲେ ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ବାଇକ୍ ଚାଳକ

ରାୟଗଡ଼ା, ୧୮ ।୧୦(ସମିସ): ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ଜଣେ ବାଇକ ଚାଳକ । ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ କୁମାରଧାମୁଣି ଛକ ନିକଟରେ ଆଜି ଏକ ବାଇକ ଚାଳକଙ୍କୁ ପଛ ପଟୁ ଧକ୍କା ଦେଇଥିଲା ଏକ ମାଲବାହୀ ଟ୍ରକ୍ । ସୂଚନାଯୋଗ୍ୟ, ଆଜି ସକାଳ ପ୍ରାୟ ୬ଟା ସମୟରେ କୋଲନରା ବ୍ଲକ ଅଧିନସ୍ଥ ଡୁମୁରିଗୁଡା ଗ୍ରାମପଞ୍ଚାୟତର ପରଡିଗୁଡା ଗ୍ରାମର ବାସିନ୍ଦା କପିଳ ଭୋଇ ଥେରୁବାଲି, ଇମ୍ପା କଳ କାରଖାନା କାର୍ଯ୍ୟାସ୍ଥଳକୁ ଯାଉଥିଲେ । କୁମାରଧାମୁଣି ଛକ



ନିକଟରେ ତାଙ୍କ ବାଇକ୍ ପଛପଟ ଏକ ମାଲବାହି ଟ୍ରକ୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ସେ ବାଇକରୁ ଡେଇଁ ପଡ଼ି ନିଜର ଜୀବନ ରକ୍ଷା କରିଥିବା ବେଳେ ଟ୍ରକ ଡ୍ରାଇଭର ଜଣକ ଘଟଣାସ୍ଥଳରୁ ଫେରାର ହେବା ପାଇଁ ଟ୍ରକ ଆଗରେ ଫସି ଥିବା ତାଙ୍କ ବାଇକକୁ ପ୍ରାୟ ଏକ କିମି ଘୋଷାଡ଼ି ନେଇ ଚାଲି ଯାଇଥିଲା । ଏହି ଘଟଣା ସମ୍ପର୍କରେ ଥେରୁବାଲି ଫାଣ୍ଡି ଏସଆଇ ବସନ୍ତ କୁମାର ବେହେରା ଖବରପାଇ ଘଟଣା ସ୍ଥଳକୁ ଆସି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିଲେ ।

## ଦୁର୍ଘଟଣାରେ ମୃତକଙ୍କ ପରିଚୟ ମିଳିଲା

ବିଷମ କଟକ, ୧୮ ।୧୦(ସମିସ): ଗତ କାଲି ରାତିରେ ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ମାଁ ମାର୍କମା ମହାବିଦ୍ୟାଳୟ ନିକଟରେ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବା ଯୁବକର ପରିଚୟ ମିଳିଛି । ମୃତ ଯୁବକ ଜଣକ ବିଷମ କଟକ ଥାନା ଅନ୍ତର୍ଗତ ଭାତପୁର ଗ୍ରାମପଞ୍ଚାୟତର ମାଝିହଲମା ଗ୍ରାମର ସାନସା ମେଲାକ(୩୫) ବୋଲି ଜଣାପଡ଼ିଛି । ମୃତକଙ୍କୁ ଛାଡ଼ି ଫେରାର ହୋଇଥିବା ଆହତ ଦୁଇଜଣ ହେଲେ ସାସେରାଓ ୱାଡକା ଏବଂ ସିଦ୍ଧାନ୍ତ ବାର୍ଲିକା ବୋଲି ଜଣାଯାଇଛି । ଘଟଣା କ୍ରମରେ ଏହି ତିନି ଜଣ ଯୁବକ ଗୁରୁବାର ରାତ୍ରିରେ ଏହି ତିନି ଜଣ ଯୁବକ ବିଷମ କଟକ ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସି ବିଳମ୍ବିତ ରାତ୍ରିରେ ନିଜ ଗାଁ ମାଝି ହଲମାକୁ ଚାଲି ଚାଲି ଯାଉଥିବା ବେଳେ ମାଁ ମାର୍କମା କଲେଜ ନିଟକରେ କୌଣସି ଏକ ଗାଡି ସେମାନଙ୍କୁ ପଛ ପଟରୁ ଧକ୍କା ଦେଇଥଲା । ଘଟଣା ସ୍ଥଳରେ ସାନସାର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣ ଆହତ ଚେତାଶୂନ୍ୟ ହୋଇଥିଲେ । ଦୁର୍ଘଟଣା ଘଟାଇ ଗାଡିଟି ଘଟଣା ସ୍ଥଳରୁ ଚାଲିଯାଇଥିଲା । ଦୁର୍ଘଟଣାର କିଛି ସମୟ ପରେ ଉଭୟ ଆହତଙ୍କ ଚେତା ଫେରିଥିବା ବେଳେ ସେମାନେ ଅନ୍ୟଉପାୟ ନ ପାଇ ଭୟଭୀତ ହୋଇ ଜଙ୍ଗଲ ରାସ୍ତା ପଟେ ଚାଲି ଚାଲି ଯାଇ ନିକଟସ୍ଥ ନାନାରିଗୁଡା ଗ୍ରାମରେ ପହଞ୍ଚି ସେଠାରେ ଆଶ୍ରୟ ନେଇଥିଲେ । ଆହତ ଦୁଇଜଣ ଭୟଭୀତ ହୋଇ ଦୁର୍ଘଟଣା ସମ୍ବନ୍ଧରେ କାହାରିକୁ କିଛି କହିନଥିଲେ । ତେବେ ଏହି ତିନିଜଣ ଶୁକ୍ରବାର ଦିନ ଗାଁରେ ନ ପହଞ୍ଚିବାରୁ ପରିବାର ଲୋକେ ବିଭିନ୍ନ ଆଡେ ଖୋଜାଖୋଜି କରି ଦୁଇ ଆହତଙ୍କୁ ଠାବ କରି ସେମାନଙ୍କ ଠାରୁ ସମସ୍ତ କଥା ଶୁଣି ବିଷମ କଟକ ଥାନାରେ ପହଞ୍ଚି ଶବ ଚିହ୍ନଟ କରିଥିଲେ । ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବିଷମ କଟକ ପୁଲିସ । ଦୁର୍ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରାଯାଇପାରିନାହିଁ ।

## ମୃତ ଡ୍ରାଇଭର ପରିବାରକୁ କାଶିପୁର ଡ୍ରାଇଭର ମହାସଂଘର ସହାୟତା



ଟିକିରି, ୧୮ ।୧୦(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ସର୍ଗୀଗୁଡା ଗ୍ରାମର ଡ୍ରାଇଭର ହରିଶ୍ଚନ୍ଦ୍ର ମାଝୀ ଚଳିତ ମାସ ୧ତାରିଖରେ ବାଇକ୍ ପୂଜା ସାରି ବୁଲିବାକୁ ଗଲାବେଳ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ମୃତ୍ୟୁବରଣ କରିଥିଲେ । ଶୁକ୍ରବାର ଦିନ ଦଶାହ କାର୍ଯ୍ୟ ଚାଲିଥିବା ବେଳେ ଓଡ଼ିଶା ଡ୍ରାଇଭର ମହାସଂଘ କାଶିପୁର ବ୍ଲକ ଓ ଡୁଡୁକାବାହାଲ ପଞ୍ଚାୟତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିବାରକୁ ୧୦ ହଜାର ଟଙ୍କା ସହାୟତ କରିଥିଲେ । କାଶିପୁର ଡ୍ରାଇଭର ମହାସଂଘର ସହ ସମ୍ପାଦକ କିଶୋର ଭୁଆଁ, ଡୁଡୁକାବାହାଲ ପଞ୍ଚାୟତ ସଭାପତି ପରମେଶ୍ୱର ମାଝୀ, ସମ୍ପାଦକ ତ୍ରୀନାଥ ମାଝୀ, ଆଡମିନ ରଞ୍ଜନ ନାଏକ, ସକ୍ରୀୟ ସଦସ୍ୟ କାମେଶ୍ୱର ମାଝୀ, ବୁଲକା ମାଝୀ, ପାତ୍ର ମାଝୀ, ସଞ୍ଜୟ ମାଝୀ, ତ୍ରିଲୋଚନ ମାଝୀ, ସିମାଞ୍ଚଳ ମାଝୀ, ଜୟରାମ ମାଝୀ, ଗାମ୍ଭି ମାଝୀ, ଗାହିଲା ମାଝୀ, ତନୁ ଗୌଡ଼, ନବଗୌଡ଼, ପ୍ରଫୁଲ ଦିଶାରୀ, ବିନୋଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କାଶିପୁର ବ୍ଲକର ଅନ୍ୟ ପଞ୍ଚାୟତର ଡ୍ରାଇଭର ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ମିଳୁନି ରନ୍ଧନ ଗ୍ୟାସ୍, ଉପଭୋକ୍ତା ହନ୍ତସନ୍ତ

ବିଷମ କଟକ, ୧୮ ।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକରେ ରନ୍ଧନ ଗ୍ୟାସ୍ ଯୋଗାଣରେ ଉପୁଜିଛି ଘୋର ସମସ୍ୟା । ଗତ ଏକ ସପ୍ତାହରୁ ଅଧିକ ହେବ ରନ୍ଧନ ଗ୍ୟାସ୍ର ଘୋର ଅଭାବ ଦେଖାଦେଇଛି । ରାନ୍ଧନ ଗ୍ୟାସ ନ ପାଇଁ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ୍ ହେଉଛନ୍ତି । ବିଷମ କଟକ ଗ୍ୟାସ୍ ଏଜେନ୍ସି ନିକଟକୁ ଗ୍ୟାସ୍ ସିଲିଣ୍ଡର ଆସିପାରୁନଥିବା ବେଳେ ଉପଭୋକ୍ତ ମାନେ ରନ୍ଧନ ଗ୍ୟାସ ପାଇପାରୁନାହାନ୍ତି । ଫଳରେ ଜାଳେଣି କାଠ ଉପରେ ନିର୍ଭର କରିବାକୁ ପଡୁଛି । ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବା ବେଳେ ପ୍ରତ୍ୟେକଙ୍କ ଘରେ ରନ୍ଧନ ଗ୍ୟାସ୍ର ଆବଶ୍ୟକତାର ବଢ଼ି ଯାଇଛି । ଏ ସମୟରେ ରନ୍ଧନ ଗ୍ୟାସ୍ ଅଭାବ ଉପଭୋକ୍ତାଙ୍କୁ ସମସ୍ୟାରେ ପକାଇ ଦେଇଛି । ଏ ନେଇ ଗ୍ୟାସ୍ ଏଜେନସିକୁ ଯୋଗାଯୋଗ କରାଯାଇଥିବା ବେଳେ ଗତ ୭ଦିନ ହେବ ଗ୍ୟାସ୍ ନିମନ୍ତେ ରାୟଗଡ଼ା ଡିପୋକୁ ଇଣ୍ଡେଣ୍ଟ ଦିଆଯାଇଛି । କିନ୍ତୁ ଗ୍ୟାସ୍ ଆସିପାରିନାହିଁ କି ଡିପୋ ତରଫରୁ ଗ୍ୟାସ୍ କେବେ ଆସିବ ତାର ମଧ୍ୟ ସଠିକ୍ ସୂଚନା ମିଳିପାରୁନାହିଁ । ବର୍ତ୍ତମାନ ରାୟଗଡ଼ା ଡିପୋରେ ମଧ୍ୟ ରନ୍ଧନ ଗ୍ୟାସ୍ ନଥିବାରୁ ପରୋକ୍ଷରେ ସୂଚନା ମିଳିଛି । ବିଷମକଟକ ରନ୍ଧନ ଗ୍ୟାସ୍ କେବେ ଉପଲବ୍ଧ




ହେବେ, ସେ ନେଇ ଗ୍ୟାସ୍ ଏଜେନସିଙ୍କ ନିକଟରେ କୌଣସି ସଠିକ୍ ତଥ୍ୟ ମଧ୍ୟ ନାହିଁ । ବର୍ତ୍ତମାନ ସୁଦ୍ଧା ବିଷମକଟକର ୫୦୦ ଉପଭୋକ୍ତ ରନ୍ଧନ ଗ୍ୟାସ୍ ନିମନ୍ତେ ବୁକିଙ୍ଗ କରିଛନ୍ତି । ରନ୍ଧନ ଗ୍ୟାସ୍ ପହଞ୍ଚିବା କ୍ଷଣି ପ୍ରାଥମିକତା ଦେଇ ଏହି ଗ୍ରାହକ ମାନଙ୍କୁ ଘରେ ତରୁନ୍ତ ରନ୍ଧନ ଗ୍ୟାସ ଯୋଗାଇ ଦିଆଯିବ ବୋଲି ଗ୍ୟାସ୍ ଏଜେନ୍ସି ମାଲିକ ପ୍ରକାଶ କରିଛନ୍ତି ।

## ବାଲ୍ୟ ବିବାହ ମୁକ୍ତ ଭାରତ ସମ୍ପର୍କରେ ସଚେତନତା



ମୁନିଗୁଡ଼ା, ୧୮ ।୧୦(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ମୁନିଖୋଲ ଗ୍ରାମ କମ୍ୟୁନିଟି ହଲ ପରିସରରେ ରାୟଗଡ଼ା ଶକ୍ତି ଅନୁଷ୍ଠାନ ପକ୍ଷରୁ ଏକ ବାଲ୍ୟ ବିବାହ ମୁକ୍ତ ଭାରତ ସମ୍ପର୍କରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁନିଖୋଲ ସରପଞ୍ଚ ପାଇକ ଜାକେସିକା, ସରସ୍ୱତୀ ଶବର, ଅନନ୍ତ ନୁଣ୍ଡୁକା, ପ୍ରକାଶ କରସିକା, ଫାର ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁରନ୍ଦର ବନ୍ତ, ପ୍ରଦୀପ ରାଉତରାୟ, ଦୁର୍ଯ୍ୟାଧନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମୁନିଗୁଡା ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିବା ବେଳେ ଶକ୍ତି ଅନୁଷ୍ଠାନର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

ରାୟଗଡ଼ା, ୧୮ ।୧୦(ସମିସ): ଆଜି ସ୍ଥାନୀୟ ନିୟୁ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନ୍ସପାଲ ରମେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଥେରୁବାଲି ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ମନୋଜ ଶତପଥୀ ଓ ବିଦ୍ୟାଳୟର ଶିକ୍ଷା ସଂଯୋଜିକା ସୁନୀତା ଖାଡାଙ୍ଗାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରିଥିଲେ । ଅବିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା ସହଯୋଗ କରିଥିଲେ ।



### ● ଭାଲୁଗୁଡ଼ା ଗ୍ରାମରେ ଜଳ ସଂକଟ

## ଫାଟିଗଲା ସୋଲାର ଜଳ ପ୍ରକଳ୍ପ ଟାଙ୍କି

**ବିଭାଗୀୟ ଯନ୍ତ୍ରୀ ଶୁଣିଲେନି ଲୋକଙ୍କ ଗୁହାରି**

ନନ୍ଦପୁର, ୧୮ ।୧୦ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ କସନ୍ଦୀ ପଞ୍ଚାୟତର ଭାଲୁଗୁଡ଼ା ଗ୍ରାମରେ ଏବେ ଉତ୍କଟ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମରେ ପାନୀୟ ଜଳ ଯୋଗାଣ ବାଧିତ ଥିବାରୁ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଗ୍ରାମରେ ୧୫ ଘରର ପ୍ରାୟ ୬୦ ଜଣ ବସତି ସ୍ଥାପନ କରିଛନ୍ତି । ହେଲେ ସୋଲାର ଜଳ ପ୍ରକଳ୍ପ ଥିଲା ସେହି ଗ୍ରାମର ଜଳର ଏକମାତ୍ର ବିକଳ୍ପ ବ୍ୟବସ୍ଥା । ସେ ଗ୍ରାମରେ ଗୋଟିଏ ମଧ୍ୟ ନଳକୂପ ବା କୁପର ବ୍ୟବସ୍ଥା ନାହିଁ । ସୂଚିତ ଯେ ଟାଙ୍କିରୁ ପାଣି ଲିକେଜ୍ ନେଇ ସମ୍ପୃକ୍ତ ଜେଇଙ୍କୁ ବହୁବାର ଅଭିଯୋଗ କରିଛନ୍ତି । ହେଲେ ସେ ଏହାକୁ ଗୁରୁତ୍ୱ ଦେଇ ନଥିବା ଗ୍ରାମର ଧନପତି ଗୋଲାରୀ, ଜଗନ୍ନାଥ ଖଞ୍ଜିଆ, ଲିଙ୍ଗରାଜ ତଲବ ଓ ଅନ୍ୟାନ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିନ୍ତୁ ଗତ ଶୁକ୍ରବାର ହଠାତ୍ ସେହି ପ୍ରକଳ୍ପର ଟାଙ୍କି ଫାଟି ଯାଇଥିଲା । ବର୍ତ୍ତମାନ ଗ୍ରାମବାସୀ ପ୍ରାୟ ୧ କିଲୋମିଟର ଦୂରରେ ଅବସ୍ଥିତ ଚୁଆରୁ ଜଳ ଆଣି ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି । ସରକାରଙ୍କ ଦ୍ୱାରା ଜଳ ସଂକଟ ନିବାରଣ ପାଇଁ ନିର୍ମିତ ସୋଲାର ଜଳ ପ୍ରକଳ୍ପର ଟାଙ୍କି ଫାଟି ଯିବା କାରଣରୁ ତାହା ବର୍ତ୍ତମାନ ଅକାମୀ ଅବସ୍ଥାରେ ପଡ଼ି ରହିଛି । ଫଳସ୍ୱରୂପ ଗ୍ରାମବାସୀମାନେ ପୁରୁଣା ଚୁଆ ଓ ଝରଣା ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି । ଗ୍ରାମବାସୀମାନେ ପଞ୍ଚାୟତ, ବ୍ଲକ ଓ ଜଳ ବିଭାଗ ଅଧିକାରୀଙ୍କ ନିକଟରେ ଆବେଦନ କଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ହୋଇ ନଥିବା କାରଣରୁ ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତ୍ୱରିତ ଭାବରେ ଏହି ପ୍ରକଳ୍ପ ଟାଙ୍କି ମରାମତି କରି ଗ୍ରାମକୁ ଜଳ ଯୋଗାଣ ନିଶ୍ଚିତ କରାଯାଉ ବୋଲି ସ୍ଥାନୀୟ ଜନ ସାଧାରଣ ସ୍ୱର ଉତ୍ତୋଳନ କରିଛନ୍ତି ।



## ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ ଦୌଡ଼ କାର୍ଯ୍ୟକ୍ରମ



ଚନ୍ଦ୍ରପୁର, ୧୮ ।୧୦(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ଥିବା ୪ର୍ଥ କେନ୍ଦ୍ରୀୟ ପୋଲିସ ସୁରକ୍ଷା ବଳ ଆଜି ରାୟଗଡ଼ା କେନ୍ଦ୍ରୀୟ ସୁରକ୍ଷା ବଳ ଅଧିକାରୀ ଫିରଜ କୁଜୁରଙ୍କ ନିର୍ଦ୍ଦେଶ ଅନୁସାରେ ୪ଏଫ୍ କମାଣ୍ଡର ଓମ ପ୍ରକାଶ ଓସିଆରପିଏଫ୍ ଯବାନଙ୍କ ସହିତ ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ଅଭିଯାନରେ ଦୌଡ଼ିବା, ଚାଲିବା ନେଇ ଆମ ଶରୀର କିପରି ସୁସ୍ଥ ରହିବ ସେନେଇ ଲୋକମାନଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ଗତ ୧୭ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମାଣ୍ଡର ଓମ ପ୍ରକାଶ କହିଛନ୍ତି ।

## ଗଞ୍ଜେଇ ଚାଷକୁ ନଷ୍ଟ କଲେ ପ୍ରଶାସନ



ଗୁଡ଼ାରୀ, ୧୮ ।୧୦(ସମିସ): ଗତ ଶୁକ୍ରବାର ଦିନ ଗୁଡ଼ାରୀ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଗୁଡାରୀ ବ୍ଲକ ମଧୁକୁପୁଦା ଏବଂ ସାକାରବାଜୁ ଗାଁରେ ଗଞ୍ଜେଇ ଚାଷ ନ କରିବା ବିଷୟରେ ସେଠାକାର ଲୋକମାନଙ୍କୁ ସଚେତନତ କରାଇଥିଲେ । ପରେ କରାଲଗୁଡି, ନୂଆ ଗ୍ରାହିବନ୍ଧ, ଗୁମି ପ୍ରତ୍ୟେକ ଗାଁରେ ୧ ଏକର ଗଞ୍ଜେଇ କାଟି ନଷ୍ଟ କରାଯାଇଥିବା ଜଣାପଡ଼ିଛି ।ଏ ସମ୍ପର୍କରେ ଗୁଡାରୀ ପି ଏସ ମାମଲା ନମ୍ବର ୧୧୦, ୧୧୧ ଏବଂ ୧୧୨ ରେଜିଷ୍ଟ୍ରେସନ୍ ହୋଇଛି । ଏହି କାର୍ଯ୍ୟକ୍ରମ ସମୟରେ ଗୁଡାରୀ ତହସିଲଦାର ଏସ.ସ୍ନେହଲତା ଏବଂ ଗୁଣପୁର ଏସଡିପିଓ ବାବୁଲି ନାୟକେ, ଅବକାରୀ କର୍ମଚାରୀ, ବନ କର୍ମଚାରୀ, ଓଏସଏସଏଫ୍, ଗୁଡାରି ଏବଂ ପୁଲିସ କର୍ମଚାରୀ ଗୁଡାରି ଉପସ୍ଥିତ ଥିଲେ ।

## କାଳୀପୂଜା, ଦଶମହାବିଦ୍ୟା ଉତ୍ସବ ପାଇଁ ପ୍ରସ୍ତୁତି ଜୋରଦାର

ରାୟଗଡ଼ା, ୧୮ ।୧୦(ସମିସ): ରାୟଗଡ଼ା ସହରର ଫ୍ରେଣ୍ଡସ ୟୁଥ୍ ଆସୋସିଏସନ ପକ୍ଷରୁ ଚଳିତ ବର୍ଷ ୪୩ତମ ବାର୍ଷିକ ମା' ଜଗତଜନନୀ କାଳୀପୂଜା ଦଶମହାବିଦ୍ୟା ଉତ୍ସବ-୨୦୨୫ ପ୍ରତିବର୍ଷ ଭଳି ମହାଆଡମ୍ବର ସହକାରେ ପାଳନ କରାଯିବାକୁ ପୂଜା କମିଟି ନିଷ୍ପତି ନେଇଛି । ଏହି କ୍ରମରେ ସହରର ବ୍ଲକ କଲୋନୀ ସ୍ଥିତ କାଳୀ ପୂଜା ମଣ୍ଡପରେ ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଆକର୍ଷଣୀୟ ତୋରଣ ପ୍ରସ୍ତୁତି ଜୋରଦାରରେ ଚାଲିଛି । ଆସନ୍ତା ଅକ୍ଟୋବର ୨୦ ତାରିଖ ସୋମବାର ଦୀପାବଳୀ ଅମାବାସ୍ୟା ମଧ୍ୟରାତ୍ର ଠାରୁ ଅକ୍ଟୋବର ୩୧ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ୧୨ଦିନ ଧରି ପୂଜା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ୨୦ତାରିଖ ସକାଳେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ମଣ୍ଡପ ସାଲାସୁଦ୍ଧି, ଆବାହନ ଓ ବିଲମ୍ବବରଣ, କଳସ ଆବାହନ, ଅଧିବାସ, ସନ୍ଧ୍ୟା ଦେବୀ ସ୍ୱାଗତ ପୂଜା, ସାଲା ମଣ୍ଡପ ମଧ୍ୟେ କଳସ ପ୍ରବେଶ, ଦ୍ୱାରପାଳ, ପ୍ରାଣ ପ୍ରତିଷ୍ଠା, ନିଶିପୂଜା, ପୁଷ୍ପାଞ୍ଜଳି, ପ୍ରସାଦ ସେବା ଆଦି ପୂଜା ବିଧି ସ୍ଥିର ହୋଇଥିବା ବେଳେ ୨୧ତାରିଖରୁ ୩୦ତାରିଖ ମଧ୍ୟରେ ମା'ଗୁରୁତାରା ପୂଜା, ମା' ତ୍ରିପୁରା ସୁନ୍ଦରୀ ପୂଜା, ମା' ଭୁବନେଶ୍ୱରୀ, ମା' ତ୍ରିପୁରା ଭୈରବୀ, ମା' ଛିନ୍ନମସ୍ତା, ମା' ଧୂମାବତୀ, ମା' ବଗଳାମୁଖୀ, ମା' ମାତାଙ୍ଗନୀ, ମା' କମଳାତ୍ମିକା (ସ୍ୱୟଂ ମହାଲକ୍ଷ୍ମୀ ପୂଜା) ଏବଂ ବାଲ୍ୟକୁମାରୀ ପୂଜା ଓ ପୂର୍ଣ୍ଣାହୁତି ପୂଜାବିଧି ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ପୂଜା କମିଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ହି ଉତ୍ସବ ପାଳନ ଅବସରରେ ପ୍ରାୟ ୨୦୦ଟି ଷ୍ଟଲ ଖୋଲାଯିବା ସହ ମୀନାବଜାର ଏବଂ ୨୧ ତାରିଖରୁ ୩୦ତାରିଖ ଯାଏଁ ପ୍ରତିଦିନ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଦିଲୀପ



ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଉପସଭାପତି ଶିବାଜୀ ଦାସ, ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରାମପୁରୀ ଗଣେଷ, ସଂଗଠନ ସମ୍ପାଦକ ଜେ.ପି.ରାଇଗୁରୁ, ପ୍ରସନ୍ନ କୁମାର ରାଓ, କୋଷାଧ୍ୟକ୍ଷ ଗୌରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି ।

### ଗଜଲକ୍ଷ୍ମୀ ପୂଜା ପାଇଁ ଅମ୍ବାଦଳା ଚଳଚଞ୍ଚଳ

# ମନମୋହୁଛି ମେଲୋଡି, ମିନାବଜାର

ମୁନିଗୁଡା, ୧୮ ।୧୦(ସମିସ)



ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଠାରେ ଚାଲିଥିବା ରାୟଗଡ଼ା ଜିଲ୍ଲାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ରହିଛି ଅମ୍ବାଦଳା ସହର । ପ୍ରତିଦିନ ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ମିନା ବଜାର ଲାଗିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୁପର ଡ୍ୟାନ୍ସର ମାଧ୍ୟମରେ ବୁଗିବୁଗି କାର୍ଯ୍ୟକ୍ରମ ଚାଲିଛି । ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାପାଇଁ ଅମ୍ବାଦଳା ସହର ଉତ୍ସବ ମୁଖର ହୋଇଉଠିଥିବା ବେଳେ ପ୍ରତିଦିନ ସଂଧ୍ୟା ବେଳେ ମା'ଙ୍କ ଆଳତି ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ମିନା ବଜାରରେ ବୁଲି ବିଭିନ୍ନ ଘର କରଣ ସାମଗ୍ରୀ କିଣି ଆନନ୍ଦ ନେଉଛନ୍ତି ଶ୍ରଦ୍ଧାଳୁ । ଗଜଲକ୍ଷ୍ମୀ ପୂଜାରେ ମିନା ବଜାର ସାଙ୍ଗକୁ ଏଠାକୁ ଆସିଥିବା ବିଭିନ୍ନ ପ୍ରକାରର ଚଟପଟି ସୁସ୍ୱାଦୁ ଖାଦ୍ୟ ଲୋକଙ୍କୁ ଆକୃଷ୍ଟ କରୁଛି । ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ ମାଧ୍ୟମରେ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ କମିଟି ପକ୍ଷରୁ ସୁନ୍ଦର ପ୍ରୟାସ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ଭାଗ ନେଇଥିବା ପ୍ରତିଯୋଗି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରାଙ୍କ ନିର୍ଦ୍ଦେଶରେ ପୋଲିସ ମୁତୟନ ମଧ୍ୟ କରାଯାଇଛି । ପୂଜା କମିଟି ସଭାପତି ଉମେଶ ସାମନ୍ତଙ୍କ ସମେତ ତପନ କୁମାର ବିଶ୍ୱାଳ, ସିବାସିଶି ପାଣିଗ୍ରାହୀ, ନିରାକାର ବିଶ୍ୱାଳ, ଜଗା ପାଣିଗ୍ରାହୀ, ଜିତୁ ଗୌଡ, ପ୍ରଶାନ୍ତ ପାଣିଗ୍ରାହୀ, ସୋମନାଥ ଦଣ୍ଡସେନା, ତପନ ବିଶ୍ୱାଳ, କେଶବ ଗୌଡ, ବୁଲୁ ରଥ, ପ୍ରମୋଦ ରାଉତ, ଭିକାରୀ ଭୋଇ, ବାଲାଜୀ ପ୍ରସାଦ ଗୁରୁ, ରାଜା ଭୋଇ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ପୁରୋହିତ ଆକ୍ଷୟ କୁମାର ରଥ, ବିପିନ ବିହାରୀ କର, ଯୋଗେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଛନ୍ତି । ବୁଗି ବୁଗି କାର୍ଯ୍ୟକ୍ରମରେ ପ୍ରତିଦିନ ସ୍ଥାନୀୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଓ ଅରୁଣ ସାହୁ ସବୁ ବର୍ଷ ଭଳି ଭାସ୍ୟକାର ଭାବେ ନିଜର ଦାୟିତ୍ୱ ନିର୍ବାହ କରିବା ସହ ମଞ୍ଚ ପରିଚାଳନା କରି ଲୋକଙ୍କୁ ଉତ୍ସାହ କରିଥିବା ଦେଖିବାକୁ ମିଳିଛି ।

# ବାଣ ବଦଳରେ ଦୀପର ଚାହିଦା

ପାପଡ଼ାହାଣ୍ଡି, ୧୮।୧୦(ସମିସ)



ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାଣ ବଦଳରେ ଜଳିବ ଦୀପ। ଏଥର ଦୀପାବଳିରେ ଫୁଟିବନି ଘାତକ ବାଣ। ଏନେଇ ସୁପ୍ରିମକୋର୍ଟ ଦେଇଛନ୍ତି ନିର୍ଦ୍ଦେଶ। ଜମିଛି ଦୀପ କାରବାର। ବାଣ ବଦଳରେ ଦୀପ ଜାଳି ଦୀପାବଳି ପାଳନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଏବଂ ମୈଦଲପୁର ଅଞ୍ଚଳବାସୀ। ତେବେ ପ୍ରୋତ୍ସାହନ ଓ ବିକ୍ରି ବଟାର ଅସୁବିଧା ପାଇଁ ସମସ୍ୟାରେ ପଡୁଛନ୍ତି ଦୀପ କାରିଗର। ଚଳିତ ବର୍ଷ ଦୀପାବଳି ହେବ ଦୀପମୟ। ପରିବେଶରେ ପ୍ରଦୂଷଣର ମାତ୍ରା ବଢୁଥିବାରୁ ବାଣ ଉପରେ ଗତ ବର୍ଷ ଲାଗିଥିଲା ସୁପ୍ରିମକୋର୍ଟଙ୍କ ଛାଟ। ଫଳରେ ଇକୋ ଫ୍ରେଣ୍ଡଲି ଦୀପାବଳୀ ପାଳନ ପାଇଁ ପ୍ରସ୍ତୁତ ହେଉଛନ୍ତି ପାପଡ଼ାହାଣ୍ଡି ଏବଂ ମୈଦଲପୁର ଅଞ୍ଚଳବାସୀ। ମାଟି ଦୀପର ଚାହିଦା ବୃଦ୍ଧି ଆରମ୍ଭ ହୋଇଛି। ଚଳଚଞ୍ଚଳ ହୋଇଉଠୁଛି ଦୀପ କାରାବାର। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗାଁ ସମେତ ପାପଡ଼ାହାଣ୍ଡି, ମୈଦଲପୁର ଅଞ୍ଚଳର କୁମ୍ଭାରଶାଳ ବର୍ତ୍ତମାନ ଚଳଚଞ୍ଚଳ ହୋଇଉଠିଛି। କୁମ୍ଭାର କାମ ସେମାନଙ୍କ କୌଳିକ ବୃତ୍ତି ହୋଇଥିବାରୁ ସେମାନେ ବର୍ଷ ସାରା ଅନ୍ୟ କୌଣସି ବୃତ୍ତି ନ କରି ଏହି କୁମ୍ଭାର କାର୍ଯ୍ୟ କରନ୍ତି। ତେବେ ଦୀପାବଳୀରେ ଦୀପର ଚାହିଦା ବୃଦ୍ଧି ପାଉଥିବାରୁ ଦୀପ କାର୍ଯ୍ୟ ଉପରେ ଅଧିକ ଧ୍ୟାନ ଦିଅନ୍ତି। ଏହି ପାପଡ଼ାହାଣ୍ଡି ଓ ମୈଦଲପୁର ଅଞ୍ଚଳର ଦୀପର ଚାହିଦା ଜିଲ୍ଲା, ତଥା ପୋଡ଼ଶୀ ଜିଲ୍ଲା କଳାହାଣ୍ଡି, କୋରାପୁଟ, ରାୟଗଡ଼ା, କଟକ, ଭୁବନେଶ୍ୱର ସମେତ ପଡୋଶୀ ରାଜ୍ୟ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ଯାଏ ରହିଛି। କିଛି ବର୍ଷ ପୂର୍ବରୁ ଆଧୁନିକତାର ଛାପରେ ଦୀପର ସ୍ଥାନ ଚାଇନା ଲାଇଟ୍ ନେଇଥିଲା। କିନ୍ତୁ ଲୋକେ ଧୀରେ ଧୀରେ ସଚେତନ ହୋଇ ପୁନର୍ବାର ପାରମ୍ପରିକ ଦୀପ ଜଳାଇ ଦୀପାବଳି ପାଳନ ଆରମ୍ଭ କରୁଛନ୍ତି। ଚଳିତ ବର୍ଷ ଦୀପ କାରିଗରଙ୍କ ବେପାର ନେଇ କିଛି ବେପାରୀଙ୍କ ଆଶା ଉଜ୍ଜୀବିତ ହୋଇଛି। ଅପରପକ୍ଷରେ ବାହାର ରାଜ୍ୟ ମାନଙ୍କରେ ଭଲ ବେପାର ହେଉଛି।

### ଅବହେଳିତ କୁମ୍ଭକାର ପରିବାର

ସେଠାରେ ବିକ୍ରି କରିବାର ସୁବିଧା ନ ଥିବାରୁ ସ୍ଥାନୀୟ ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହୋଇ ଅଳ୍ପ ମୂଲ୍ୟରେ ଦୀପ ବିକ୍ରି କରୁଛନ୍ତି। ଉପଯୁକ୍ତ ଲାଭ ପାଇପାରୁ ନ ଥିବା କହିଛନ୍ତି। ମାଟିକୁ ଜୀବନ୍ତ ଆକାର ଦେଇ ନିଜର ପରିବାର ପ୍ରତିପୋଷଣ କରୁଥିବା ପାପଡ଼ାହାଣ୍ଡି ଓ ମୈଦଲପୁର ଅଞ୍ଚଳର କୁମ୍ଭାର ପରିବାର ମାନଙ୍କ ମାଟି ସାମଗ୍ରୀ ବିକ୍ରି ପାଇଁ ସ୍ଥାୟୀ ବଜାରର ଅଭାବ ରହିଛି।

● ନୂତନ ଜୁନିଅର ଏମ୍‌ଭିଆଇଙ୍କ ଦବଙ୍ଗଗିରି !

# ଗାଡ଼ି ଯାଞ୍ଚ ସମୟରେ ମାନୁନାହାନ୍ତି ସରକାରୀ ନିୟମ

କୋରାପୁଟ/ପୋଡ଼ାଗଡ଼, ୧୮।୧୦(ସମିସ): କୋରାପୁଟ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବିଗତ ଦିନ ମାନଙ୍କରେ ବିଭିନ୍ନ କେଳେଙ୍କାରୀକୁ ନେଇ ଚର୍ଚ୍ଚାରେ ରହିଥିବା ବେଳେ, ପୁଣି ଏକ ଅଧିକାରୀଙ୍କ ଦବଙ୍ଗଗିରି ଚଳାଇଥିବା ଅଭିଯୋଗ ହୋଇଛି। ଗାଡି ଯାଞ୍ଚ ସମୟରେ ଏହି ଅଧିକାରୀଙ୍କର ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳୁଛି। କିଛି ଦିନ ପୂର୍ବରୁ ଏହି ନୂତନ ଜୁନିଅର ଏମ୍‌ଭିଆଇଙ୍କ ସହ କାର୍ଯ୍ୟରତ ଥିବା କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆଙ୍କ ସହ ଜଣେ ଟ୍ରକ ଡ୍ରାଇଭରଙ୍କ ବଚସା ହେଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣା ଥାନାରେ



ପହଞ୍ଚିଥିଲା। ରାସ୍ତାରେ ଗାଡି ଯାଞ୍ଚ ସମୟରେ ଏହି ଅଧିକାରୀ ଏକ ଅଟୋ (ଡଜ୍‌୧୨ଇ ୮୭୩୧) ଗାଡିକୁ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡି ଚଳାଉଥିଲେ ଓ ଉକ୍ତ ଅଟୋଟିକୁ କନେଷ୍ଟବଳ ମୃଦଙ୍ଗିଆ ନିଜେ ଡ୍ରାଇଭିଙ୍ଗ କରି ପରିବହନ କାର୍ଯ୍ୟାଳୟ ପରିସରକୁ ଆଣି ଜବତ କରି ରଖିଥିଲେ, କିନ୍ତୁ ନା ଗାଡ଼ିଟିର ଚାଲାଣ କାଟିଥିଲେ ନା ସିଜର ଲିଷ୍ଟ ଅଫିସରେ ଦେଇ ଥିଲେ ଓ କୌଣସି ମନ୍ଦ ଉଦେଶ୍ୟ ରଖି ବେଆଇନ୍ ଭାବେ ଗାଡ଼ିଟିର କୌଣସି ଚାଲାଣ କିମ୍ବା ସିଜର ଲିଷ୍ଟ ନକରି ଦୀର୍ଘ ୨୦ ଦିନ ହେଲା ଅଟକ ରଖିଥିଲେ, ଗୁରୁବାର ଗାଡ଼ିଟିର ଚାଲାଣ କଟାଯାଇଥିଲା ଅନ୍ୟପଟେ ବୁଧବାର ରାତି ଚେକିଙ୍ଗ ସମୟରେ ଏକ ମାରୁତି ବ୍ରିଜା କାର ଓଡ଼ି ୨୪ଇ ୫୫୪୩କୁ ଯାଞ୍ଚ ପାଇଁ ଅଟକାଇ ଥିଲେ। ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଚାଲାଣ କରାଯାଇଥିଲା। ଗାଡିଟିକୁ ଜବତ କରି କୋର୍ଟ ଚାଲାଣ କରିବା ନିୟମ ଥିବା ସତ୍ତ୍ୱେ କିଭଳି ଭାବେ ଗାଡ଼ିଟିକୁ ଛାଡିଦିଆ ଯାଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦୁଇଟି ଘଟଣା ବିଷୟରେ ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଚନ୍ଦ୍ରା ବିଶ୍ୱାସଙ୍କୁ ପଚାରିବାରୁ, ସେ କହିଛନ୍ତି ଯେ କନିଷ୍ଠ ମୋଟର ଯାନ ନିରୀକ୍ଷକ ନୂଆ ଆସିଥିବାରୁ ସେ ଏହି ବିଷୟରେ ଅବଗତ ନାହାନ୍ତି। ଏଠି ପ୍ରଶ୍ନ ଉଠୁଛି, ଅଭିଜ୍ଞତା ନଥିବା ଅଧିକାରୀଙ୍କୁ କିଭଳି ଏଭଳି ଗୁରୁଦାୟିତ୍ୱ ଦିଆଯାଉଛି, ଯେଉଁଥିରେ ଜନସାଧାରଣ ହଇରାଣ ହେଉଛନ୍ତି। ଏହି ଦୁଇ ଘଟଣାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଆଗାମୀଦିନରେ ପରିବହନ ବିଭାଗ ଜନସାଧାରଣଙ୍କର ସୁରକ୍ଷା ଉଦ୍ଦେଶ୍ୟରେ କିଭଳି ସରକାରଙ୍କ ନିୟମ ଅନୁସାରେ କାମ କରୁଛି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

## ଧନତେରାସ୍ ପାଇଁ ସୁନା ଦୋକାନରେ ଭିଡ଼



ଉମରକୋଟ ୧୮।୧୦(ସମିସ): ଧନତେରାସ୍‌ରେ ଲୋକେ ଘରକୁ ସୁନା କିଣି ଆଣନ୍ତି। ଏଥିପାଇଁ ଉମରକୋଟ ସହରର ବିଭିନ୍ନ ସୁନା ଦୋକାନମାନଙ୍କରେ ଗ୍ରାହକଙ୍କ ପ୍ରବଳ ଭିଡ ଜମି ଥିବା ଦେଖିବାକୁ ମିଳିଛ। ଆଗକୁ ବାହାଘର ସିଜିନ ଥିବା ବେଳେ ଏବେ ବଜାରରେ ସୁନା ଦର ଆକାଶଛୁଆଁ। ଚାରିଆଡେ ଝଟକୁଛି ସୁନା, ରୂପା, ହୀରା ଓ ପ୍ଲାଟିନମ୍‌ର ଅଳଙ୍କାର। ଦର ଉଚ୍ଚା ରହିଛି, ହେଲେ କମିନି ଚାହିଦା। କାରଣ ଆଜି ଧନତେରସ୍। ସୁନାଦର ବୃଦ୍ଧିକୁ ନେଇ ଗହଣା କିଣିବାକୁ ଡରୁଛନ୍ତି ଗ୍ରାହକ। ତଥାପି ଆଗକୁ ଆହୁରି ସୁନା ଦର ବଢ଼ିବା ଆଶଙ୍କାରେ ଲୋକେ ଏହି ଧନତେରସ ଅବସରରେ ସୁନା କିଣି ନେବାକୁ ଭିଡ଼ ଜମାଉଛନ୍ତି। ଏଭଳି ସମୟରେ ଚଳିତ ବର୍ଷ ଧନତେରସ ପାଇଁ ଗ୍ରାହକ ବେଶ୍ ଉତ୍ସାହିତ ଅଛନ୍ତି। ଚଳିତ ବର୍ଷ ସୋ'ରୁମ୍ ଗୁଡିକ ସୁନା ଆଣିଥିବା ସୂଚନା ମିଳିଛି। ପାରମ୍ପରିକ ଅଳଙ୍କାର ସହିତ ନୂଆ ନୂଆ ଡିଜାଇନ୍ ଓ ଟ୍ରେଣ୍ଡର ଅଳଙ୍କାର ବି ଆସିଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୨୦ରୁ ୨୫ ପ୍ରତିଶତ ଅଧିକ ବ୍ୟବସାୟ କରିବା ଆଶାରେ ରହିଛନ୍ତି ଗହଣା ବ୍ୟବସାୟୀ। ଏବେ ଉମରକୋଟ ଠାରେ ୨୨ କେରେଟ ସୁନା ଦର ୧୦ ଗ୍ରାମ ପିଛା ୧ଲକ୍ଷ ୨୦ ହଜାର ଟଙ୍କା ଓ ୨୪ କେରେଟ ସୁନା ୧ଲକ୍ଷ ୩୨ ହଜାର ଓ ରୂପା କିଲୋ ପିଛା ଦର ୧ଲକ୍ଷ ୯୦ ହଜାର ରହିଛି। ତେବେ ଧନତେରସକୁ ନଜରରେ ରଖି ବିଭିନ୍ନ ଜୁଏଲାରୀ ଦୋକାନ ଗ୍ରହକଙ୍କୁ ଆକର୍ଷିତ କରିବାକୁ ସୁନା, ରୂପା, ଗହଣା ଉପରେ ଆକର୍ଷଣୀୟ ଅଫର ବି ରଖିଛନ୍ତି।


## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ତେନ୍ତୁଳିଖୁଣ୍ଟି, ୧୮।୧୦(ସମିସ): ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଏବିଡ଼ିଓ କୃପାସିନ୍ଧୁ ନାୟକ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରାଧାକାନ୍ତ ରଣା, ପରଜା ବାରଙ୍ଗ ପଦର ସରପଞ୍ଚ ସୁକାନ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୯୬ ଜଣ ଭିନ୍ନକ୍ଷମଙ୍କୁ ଅସ୍ଥିଶଲ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୧୯ ଜଣଙ୍କୁ ଚକ୍ଷୁ ଓ ୨୧ ମାନସିକ ରୋଗୀଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ୨୫ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୧୪ ଜଣଙ୍କୁ ଡିଆରଆଇ ଋଣ, ୪ ଜଣଙ୍କୁ ବାଣିଶ୍ରୀ ବୃତ୍ତି ଓ ୬ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଶିବିରରେ ଚକ୍ଷୁ ବିଶେଷଜ୍ଞ ଡା. ସତ୍ୱନା ସାଗରିକ ପ୍ରଧାନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଶିବାନନ୍ଦ ବୁଦ୍ଧିଆ, ଇଏନ୍‌ଟି ବିଶେଷଜ୍ଞ ବିଭୁ କଲ୍ୟାଣ ତ୍ରିପାଠୀ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ବିଏସଏସଓ ରବୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ସବୀର ବାଘ, ଭଞ୍ଜ କିଶୋର ବାଘ, ଉମା ମହେଶ୍ୱରୀ, ପିଇଓ ପ୍ରତାପ ରୁଦ୍ର ଷଡଙ୍ଗୀ ସହଯୋଗ କରିଥିଲେ। ଶିବିରରେ ନବରଙ୍ଗପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ହାତଧୂଆ ଦିବସ

କୋଟପାଡ଼, ୧୮।୧୦ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସୁନାରବେଲି ନୂଆଗାଁଠାରେ ବିଶ୍ୱ ହାତ ଧୋଇବା ଦିବସ ୨୦୨୫ ଅବସରରେ, ଅମର ଜ୍ୟୋତି ଫାଉଣ୍ଡେସନ୍, ରେକିଟ୍ ଡେଟୋଲ୍ ସ୍କୁଲ୍ ହାଇଜିନ୍ ଏଜୁକେସନ୍ ପ୍ରୋଗ୍ରାମ୍ ସହଯୋଗରେ ଓଡ଼ିଶାର କୋରାପୁଟ ଜିଲ୍ଲାର ଏସ୍‌ବି ନୂଆଁଗାଁ ଠାରେ ହାତ ସ୍ୱଚ୍ଛତା



ସଚେତନତା ଅଭିଯାନ ହୋଇଛି। ଏହି ଉତ୍ସବରେ ଶହ ଶହ ସ୍କୁଲ ପିଲା, ଶିକ୍ଷକ ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଗୋବର୍ଦ୍ଧନ ପନିକା ସହ ଜାତୀୟ ପୁରସ୍କାରପ୍ରାପ୍ତ ମହିଳା ଜେମା ପନିକା ଏବଂ ଏସ୍‌ବି ନୂଆଁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ରେକିଟ୍ କର୍ପୋରେଟ୍ କମ୍ୟୁନିକେସନ ଏବଂ କର୍ପୋରେଟ୍ ବ୍ୟାପାର ନିର୍ଦ୍ଦେଶକ ରବି ଭଟନାଗର୍ ଏବଂ ଅମର ଜ୍ୟୋତି ଫାଉଣ୍ଡେସନର ଅଧ୍ୟକ୍ଷ ବିଧୁଭୂଷଣ ପାଣ୍ଡାଙ୍କ ନେତୃତ୍ୱ ଏବଂ ଅବଦାନକୁ ମଧ୍ୟ ସ୍ୱୀକୃତି ଦିଆଯାଇଥିଲା, ଏହି ଅବସରରେ ଉଦବୋଧନ ଦେଇ ତାପସ ହୋତା, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଏ. ଜେ. ଫାଉଣ୍ଡେସନ, କୋରାପୁଟ କହିଛନ୍ତି, ପିଲାମାନେ ଏହି ଆନ୍ଦୋଳନର କେନ୍ଦ୍ରରେ ରହିଛନ୍ତି। ପଙ୍କଜ ସରାବୁ, ସୁଶ୍ରୀ କିରଣ ମହୁରିଆ, ସୁଶ୍ରୀ ସୈଲେନ୍ଦ୍ରୀ ଚଲାଣ, ସୁଭମ୍ ନାୟକ ଏବଂ ଦେବ ସାଗର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୋଟିଆ ଓ ଦେଓମାଳୀ ଗସ୍ତରେ ରାଜସ୍ୱ କମିଶନର





ପଟ୍ଟାଙ୍ଗି, ୧୮।୧୦(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆ ପଞ୍ଚାୟତର ଉପର ଗଞ୍ଜେଇପଦର୍ ଗ୍ରାମରେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ପାଇଥିବା ହିତାଧିକାରୀଙ୍କୁ ବଣ୍ଟନ କରିବା ସହ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଗସ୍ତ କଲେ ରାଜସ୍ୱ ବିଭାଗୀୟ କମିଶନର ଆଇଏଏସ ସଂଗ୍ରାମ କେଶରୀ ମହାପାତ୍ର। ଆଜି ରାଜସ୍ୱ ବିଭାଗୀୟ କମିଶନର ଶ୍ରୀ ସାମଲ କୋଟିଆ ପଞ୍ଚାୟତ ଗସ୍ତରେ ଆସିଥିଲେ। ତାଙ୍କ ସହ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଅଧିକାରୀ ଗଣ ଉପର ଗଞ୍ଜେଇପଦର ଗ୍ରାମରେ ପହଞ୍ଚିଥିଲେ। ତାଙ୍କୁ ଉପସ୍ଥିତ ସ୍ଥାନୀୟ ବାସିନ୍ଦା ଭବ୍ୟ ସ୍ୱାଗତ କରିଥିଲେ। ସେ ଆୟୋଜନ କରାଯାଇଥିବା ସଭାକାର୍ଯ୍ୟରେ ଯୋଗଦାନ ଦେଇଥିଲେ। ସେଠାରେ ସେ ନୂତନ ୪୦ଟି ହିତାଧିକାରୀଙ୍କୁ ଜବ୍‌କାର୍ଡ, ନୂତନ ୨ ଜଣ ହିତାଧିକାରୀଙ୍କୁ ଭତ୍ତା, ନୂତନ ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ, ଦୁଇଗୋଟି ମହିଳା ସ୍ୱୟଂସହାୟକଗୋଷ୍ଠୀ ତଥା ଇଷ୍ଟର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସୁନା ପାହାଡ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜୀବନ ଜୀବିକା ନିର୍ବାହ ନିମନ୍ତେ ଉଭୟଙ୍କୁ ୧୫୫୬୩୭ ଟଙ୍କା ପୃଥକ ଭାବେ ଋଣ ପ୍ରଦାନ ଏବଂ ୫ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ଏହାପରେ ସୁଭଦ୍ରା ମା ଙ୍କ ମାଣ୍ଡିଆ ନିର୍ମିତ ପିଠା, ଲଡୁ ଆଦି ପ୍ରଦର୍ଶନୀ କୁ ଦେଖିଥିଲେ। ସେଠାରୁ ସେ କୋଟିଆରେ ନିର୍ମାଣ ହୋଇଥିବା ସରକାରୀ ଡାକ ବଙ୍ଗଳା ଠାରେ ପ୍ରଶାସନ ସହ ରୁଦ୍ଧ ଦ୍ୱାର ଆଲୋଚନା କରିଥିଲେ। ସେଠାରୁ ସେ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ଜଙ୍ଗଲ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କଟେଜରେ ପହଞ୍ଚିଥିଲେ। ସେଠାରେ ଏକ ବର ଗଛ ଚାରା ରୋପଣ କରିବା ସହ କଟେଜ ଗୁଡ଼ିକୁ ଦେଖି ଫେରିଯାଇଥିଲେ। ତାଙ୍କ ସହିତ ସିଡ଼ିଓ ବେଣୁଧର ଶବର, ସିଡିଏମ୍‌ଓ ଡ. ରବିନାରାୟଣ ମିଶ୍ର, ପିଏଆଇଟିଡିଏ ସ୍ନେହପ୍ରଭା ମାଝି, ଡିଏଫ୍‌ଓ କେ ଭି ଭାସ୍କର ରାଓ, କୋଟିଆ ସରପଞ୍ଚ ଲିୟୁ ଗେମେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ସାମଲ, ତହସିଲଦାର ଦେବେନ୍ଦ୍ର ଧାରୁଆ, ଏଇଇ ବିଶ୍ୱନାଥ ମାଦେଲି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିର ଅଧିକାରୀ ଡ. ଭାଗବତ ମୁର୍ମୁ, ଏଇଇ ବିଶ୍ୱନାଥ ମାଦେଲୀ, ଏମ୍‌ଆଇ ଅଶୋକ କୁମାର ସାହୁ, ଡବ୍ଲ୍ୟୁଇଓ ଅନିଲ କୁମାର ସେଠୀ, ବିଏସଏସ ଓ ସୁଧୀର କୁମାର ସାହୁ, କୋଟିଆ ଥାନା ଅଧିକାରୀ ରାଜ କୁମାର ଶବର, ଏଏଓ ଲେଲେନ୍ ସାବର୍ ପ୍ରମୁଖ ଅଧିକାରୀ ଗଣ ଉପସ୍ଥିତ ରହିଥିଲେ।

### କାହା ସ୍ୱାର୍ଥରେ ଆବାସ ଯୋଜନା

# ଭଙ୍ଗା ଦଦରା ଘରେ ରହୁଛନ୍ତି ବୃଦ୍ଧ ଦମ୍ପତି



ବୈପାରୀଗୁଡ଼ା, ୧୮।୧୦(ସମିସ): ଭଙ୍ଗା ଦଦରା କୁଡ଼ିଆ ପଲିଥିନ ତଳେ ବିତୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ। ଏମାନଙ୍କ ପାଇଁ ଆବାସ ସାତ ସପନ। ପରିଣତ ବୟସରେ ଘର ଖଣ୍ଡିଏ ପାଇଁ ଦମ୍ପତି କରିଛନ୍ତି ଆକୁଳ ନିବେଦନ। ଏଭଳି ଘଟଣା ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ପଞ୍ଚାୟତର ଦାନ୍ଦରଖଲ ଗାଁରେ। ଗାଁର ବୃଦ୍ଧ ଦମ୍ପତି ସୁନାଧର ଖିଲ ଏବଂ ପତ୍ନୀ ନୟନା ଖିଲଙ୍କ ଅସହାୟ ଅବସ୍ଥାରେ କାଟୁଛି ଜୀବନ। ଦୃଷ୍ଟିବାଧିତ ପତ୍ନୀଙ୍କୁ ନେଇ ଦୟନୀୟ ଅବସ୍ଥାରେ ପଡ଼ିରହିଛନ୍ତି ସୁନାଧାର। ସେମାନଙ୍କ ଘର କହିଲେ କେଇ ଖଣ୍ଡ କାଠରେ ମାଟିଝାଟିରେ ନିର୍ମିତ ଛୋଟ କୁଡ଼ିଆ। ଘରର ଛାତ କହିଲେ ପଲିଥିନ। ଦଶ ବର୍ଷ ହେଲା ଏଭଳି ଭଙ୍ଗା କୁଡ଼ିଆରେ ପଲିଥିନ ତଳେ ପଡ଼ି ରହିଛନ୍ତି ବୃଦ୍ଧ ଦମ୍ପତି। ଘର ଭିତରେ ଦିନରେ ସୂର୍ଯ୍ୟ ରାତିରେ ତାରା ଦେଖାଯାନ୍ତି। ଗୋଟିଏ ସ୍ଥାନରେ ହିଁ ଖାଇବା, ଶୋଇବା ଓ ରହିବା। ବର୍ଷା ହେଲେ ଘର ଭିତରେ ପାଣି ଲହଡ଼ି ଭାଙ୍ଗୁଛି। ଏମାନଙ୍କ ପାଖରେ ସରକାରୀ ଯୋଜନା ଅପହଞ୍ଚ। ଘର ଖଣ୍ଡିଏ ପାଇଁ ଦାବି କରିଛନ୍ତି ସୁନାଧାର ଖିଲ ଓ ନୟନା ଖିଲ। ଏହି ଅସହାୟ ପରିବାରକୁ ସରକାରୀ ଯୋଜନା କହିଲେ, ବାର୍ଦ୍ଧକ୍ୟ ଭତ୍ତା ଏବଂ ୧୦ କିଲୋ ଚାଉଳ। କିନ୍ତୁ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ନାହିଁ। ବହୁବାର ଦାବି କରିଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଘର ଖଣ୍ଡେ ମିଳିଲା ନାହିଁ। ଘରର ପରିସ୍ଥିତି ଦେଖିଲେ କୌଣସି ସମୟରେ ଘର ଭାଙ୍ଗି ଯିବାର ଆଶଙ୍କା ରହିଛି। ସ୍ଥାନୀୟ ବାସିନ୍ଦା ତଥା ପୂର୍ବତନ ୱାର୍ଡ ସଭ୍ୟ ଲୋଇଚନ ମାଝୀଙ୍କ କହିବା ଅନୁଯାୟୀ, ଡବଲ ଇଞ୍ଜିନ ସରକାର ଶାସନ କାଳରେ ଏହି ଅସହାୟଙ୍କୁ ଘର ଯୋଗାଇ ଦେଲେ ପ୍ରକୃତ ହିତାଧିକାରୀ ପାଖରେ ଯୋଜନା ସଫଳ ହୋଇଥାନ୍ତା। ଏନେଇ ସ୍ଥାନୀୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭରତ ଖରା ଖାଇଛନ୍ତି ଯେ, ଅସହାୟ ବିଧବା, ବିକଳାଙ୍ଗ ପରିବାର ପାଇଁ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ରହି। ଏହି ବୃଦ୍ଧ ଦମ୍ପତିଙ୍କୁ ଏହି ଯୋଜନା ଅଧୀନରେ ଘର ଯୋଗାଇ ଦିଆଯିବ।

# କୋଟିଆର ଉନ୍ନତି ପାଇଁ ନିବେଦନ କଲେ ପୂର୍ବତନ ସାଂସଦ

ପଟ୍ଟାଙ୍ଗି, ୧୮।୧୦(ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆ ପଞ୍ଚାୟତର ଉପର ଗଞ୍ଜେଇପଦର୍ ଏବଂ କୋଟିଆ ଗସ୍ତ ପରେ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଗସ୍ତ କଲେ ରାଜସ୍ୱ ବିଭାଗୀୟ କମିଶନର ଆଇଏଏସ ସଂଗ୍ରାମ କେଶରୀ ମହାପାତ୍ର। ଦେଓମାଳି ଠାରେ କୋଟିଆରେ ଜନ୍ମ ନେଇଥିବା ପୂର୍ବତନ ସାଂସଦ ଜୟରାମ ପାଙ୍ଗି ବିବାଦୀୟ କୋଟିଆକୁ ନେଇ ରାଜସ୍ୱ ବିଭାଗୀୟ କମିଶନର ଆଇଏଏସ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସହ ଆଲୋଚନା କରିଥିବା ଦେଖିବାକୁ



ମିଳିଛି। କୋଟିଆର ବିବାଦୀୟ ୨୧ ଖଣ୍ଡ ଗ୍ରାମ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ଆନ୍ଧ୍ର କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ନକରି କେବେ ସ୍ୱାସ୍ଥ୍ୟ ସେବା, ଅଳ୍ପ ଜାଗାରେ ବିଦ୍ୟୁତ ସେବା, କିଛି ଲୋକଙ୍କୁ ଚାଉଳ, ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେଇ ଲୋକଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଓଡ଼ିଶା ସରକାର ଆନ୍ଧ୍ର ଅପେକ୍ଷା ଉକ୍ତ ୨୧ ଖଣ୍ଡ ଗ୍ରାମ ନିମନ୍ତେ ପ୍ରତ୍ୟେକ ଯୋଜନାରେ ଅଧିକା ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ଆନ୍ଧ୍ର-ଓଡ଼ିଶା ବିବାଦଟି ତୁରନ୍ତ ସମାଧାନ ହୋଇ ପାରିବନି। କିନ୍ତୁ ଓଡ଼ିଶା ସରକାର ଚାହିଁଲେ, ଆନ୍ଧ୍ରକୁ ଚେକ୍ ଦେବା ନିମନ୍ତେ ଓଡ଼ିଶା ସରକାର ସେ ଦେଇଥିବା ପ୍ରସ୍ତାବଟିକୁ ଗ୍ରହଣ କରିପାରିବେ ବୋଲି ସେ ରାଜସ୍ୱ ବିଭାଗୀୟ କମିଶନର ଶ୍ରୀ ମହାପାତ୍ରଙ୍କୁ ନିବେଦନ କରିଥିଲେ। ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ସହ ଏ ନେଇ ଆଲୋଚନା କରାଯିବ ବୋଲି ସେ କହିଥିବା ଜଣାପଡ଼ିଛି। ପୂର୍ବତନ ସାଂସଦ ଶ୍ରୀ ପାଙ୍ଗି ଦେଓମାଳିର ଶିଖରକୁ ଛାଡି ଜଙ୍ଗଲ ବିଭାଗ କଟେଜ ନିର୍ମାଣ କରିଛି। ଏନ୍‌ଜିଟି ଯେଉଁଳି କେସ୍ କରିଛି, ତାହାହେଲେ ଓଡ଼ିଶାର କୌଣସି ସ୍ଥାନରେ ଖଣି ଖନନ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

## ସେମିଳିଗୁଡା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷଙ୍କ ପରଲୋକ



ସେମିଳିଗୁଡା, ୧୮।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ତଥା କୋରାପୁଟ ଜିଲ୍ଲାର ବୀର ସନ୍ତାନ କର୍ଣ୍ଣେଲ ଶିବ ପ୍ରସାଦ ବିଶ୍ୱାଳଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶିବ ପ୍ରସାଦ ଡୁମୁରିପୁଟ ନିକଟସ୍ଥ ନିଘାମାନଗୁଡା ଏବଂ ବାହାରେ ଉଚ୍ଚ ଶିକ୍ଷା ଲାଭ କରି ସେମିଳିଗୁଡା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାବରେ ଯୋଗଦାନ କରିଥିଲେ। ଏହାର କିଛି ମାସପରେ ସେ ସିଡିଏସ୍ ପାଇ ଆର୍ମିରେ ଯୋଗଦାନ କରି ସଫଳତାର ସହ ଦେଶ ମାତୃକାର ସେବାକରି କର୍ଣ୍ଣେଲ ପଦବୀରେ ଥାଇ ଅବସର ଗ୍ରହଣ କରିଥିଲେ। ଭୁବନେଶ୍ୱରରେ ସମାଜସେବା କାର୍ଯ୍ୟରେ ନିଜକୁ ସମ୍ପୃକ୍ତ ରଖିଥୁଲେ। ଅବସରପ୍ରାପ୍ତ ପୋଲିସ ଅଧିକାରୀ ସ୍ୱର୍ଗତ ଯୋଗେନ୍ଦ୍ର ନାଥ ବିଶ୍ୱାଳଙ୍କର ସେ ମଧ୍ୟମ ପୁତ୍ର ଥିଲେ। ଶ୍ରୀ ବିଶ୍ୱାଳଙ୍କ ବିୟୋଗରେ ସେମିଳିଗୁଡା, ଡୁମୁରିପୁଟ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଡିସେମ୍ବର ୧୨ରେ ମଣ୍ଡେଇ ମହୋତ୍ସବ: ଜିଲ୍ଲାପାଳ

ନବରଙ୍ଗପୁର, ୧୮।୧୦(ସମିସ)



ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ମଣ୍ଡେଇ ମହୋତ୍ସବ -୨୦୨୫ ପାଳିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ନବରଙ୍ଗପୁର ପୌରପାଳିକା ଅଧକ୍ଷ କୁନୁ ନାୟକ, ଉମରକୋଟ ପୌରପାଳିକା ଅଧକ୍ଷ ରାଧା ଭତରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଏଜେଣ୍ଡା ପାଠ କରିଥିଲେ। ନବରଙ୍ଗପୁର ଜିଲ୍ଲାର ମହାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ର ପ୍ରତୀକ ମଣ୍ଡେଇ ମହୋତ୍ସବ ଜିଲ୍ଲାର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନ କୁ ଆଣିବା ଓ ସାଂସ୍କୃତିକ ବୈଭବ ର ଆଦାନ ପ୍ରଦାନ ପାଇଁ ଏକ ବଳିଷ୍ଠ ଅବଦାନ ରହିଛି। ବୈଠକରେ ଚଳିତ ବର୍ଷ ମଣ୍ଡେଇ ମହୋତ୍ସବ ଆସନ୍ତା ନଭେମ୍ବର ୨୫ ତାରିଖରେ ଉମରକୋଟ ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ଠାରେ ଶୁଭାରମ୍ଭ ହେବ। ମୁଖ୍ୟ ଜିଲ୍ଲାସ୍ତରୀୟ ମଣ୍ଡେଇ ମହୋତ୍ସବ ଆସନ୍ତା ଡିସେମ୍ବର ୧୨ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ନୂତନ ମଣ୍ଡେଇ ପଡ଼ିଆରେ ଅନୁଷ୍ଠିତ ହେବ। ଶୁଭାରମ୍ଭ ୧୨ ତାରିଖ ଦିନ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଯିବ। ବୈଠକରେ ଭୂମି ପୂଜନ, ମଞ୍ଚ ପ୍ରସ୍ତୁତି କମିଟି, ଅତିଥି ନିମନ୍ତ୍ରଣ, ସାଂସ୍କୃତିକ ଦଳ ଚୟନ, ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା, ଦେଶିଆ ନାଟକ ଆୟୋଜନ, ଅଭ୍ୟର୍ଥନା କମିଟି, ପ୍ରଚାର ପ୍ରସାର, ଅର୍ଥ କମିଟି, ପଲ୍ଲୀଶ୍ରୀ ମେଳା ଷ୍ଟଲ, ଖାଦ୍ୟ ଷ୍ଟଲ, ବିଭାଗୀୟ ଷ୍ଟଲ, ସଂସ୍ଥାପନ କମିଟି, ମଞ୍ଚ କମିଟି, ସ୍ମରଣିକା, କବିତା ପାଠଉତ୍ସବ, ମଣ୍ଡେଇ ପଡ଼ିଆ ସ୍ୱେଚ୍ଛାସେବୀ କମିଟି, ମଞ୍ଚ ନାଟକ କମିଟି, ପରିବହନ କମିଟି, ମଣ୍ଡେଇ ପରିଚୟ ପାତ୍ର ଏବଂ ପାସ୍, ପୁରସ୍କାର କମିଟି, ପ୍ରତିଯୋଗିତା କମିଟି, ଜଳ ଓ ପରିମଳ, ବିଦ୍ୟୁତ୍, ପାର୍କିଂ ଉପରେ ବିଶେଷ ଆଲୋଚନା ହୋଇଥିଲା। ଆଲୋଚନା କ୍ରମେ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଲେଜର ସୋ, ରେକର୍ଡ ଡାନ୍ସ ବ୍ୟବସ୍ଥା ବନ୍ଦ କରାଗଲା। ଓରମାସ ତରଫରୁ ମଣ୍ଡେଇ ପଡ଼ିଆରେ ୩୭୦ଟି ଷ୍ଟଲ ନିର୍ମାଣ କରାଯିବ। ଏଥିରୁ ୧୦୦ ଟି ବ୍ୟବସାୟିକ ଷ୍ଟଲ, ୧୧୦ ଟି ବିଭାଗୀୟ ଷ୍ଟଲ, ୨୫ଟି ଖାଦ୍ୟ ଷ୍ଟଲ, ୧୨୦ ଟି ଏସଏଚଜି ଷ୍ଟଲ ଓ ୧୫ଟି ଅନ୍ୟାନ୍ୟ ଷ୍ଟଲ ରହିବ। ଜିଲ୍ଲାପାଳ ମଣ୍ଡେଇ ମହୋତ୍ସବର ଶାନ୍ତି ଶୃଙ୍ଖଳା ସହ ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଜିର ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ମଣ୍ଡେଇ ଉତ୍ସବ ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ବିଡିଓ, ବିଭିନ୍ନ କମିଟିର ଅଧକ୍ଷ, ସଭ୍ୟ, ସଭ୍ୟା, ସହରର ବୁଦ୍ଧିଜୀବୀ, ଲେଖକ, କବି, ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଜନ ପ୍ରତିନିଧି, ସାଂସ୍କୃତିକ ଅନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଘଣ୍ଟାଏ ବର୍ଷାରେ ବେହାଲ ପୁରୀ ସହର

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୱାର୍ଡରେ ପଶିଲା ପାଣି





ପୁରୀ, ୧୮ ।୧୦ (ସମିସ): ମୂଷଳ ବର୍ଷାରେ ପୁରୀ ସହର ବେହାଲ। ପ୍ରାୟ ଘଣ୍ଟାକର ବର୍ଷାରେ ବଡ଼ଦାଣ୍ଡରୁ ବେଳାଭୂମି ପର୍ଯ୍ୟନ୍ତ ସବୁ ରାସ୍ତାରେ ଜମିଛି ଆଣ୍ଠୁଏ ଉଚ୍ଚର ପାଣି। ସାହି ଗଳିକନ୍ଦି ରାସ୍ତା କଥା ନ କହିବା ଭଲ। ସବୁଠି ଅଧିକ ଦୟନୀୟ ହୋଇପଡ଼ିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ୱାର୍ଡରେ ପଶିଛି ବର୍ଷା ପାଣି ସାଙ୍ଗକୁ ଡ୍ରେନ୍ ପାଣି। ସ୍ଥିତି ଏମିତି ହୋଇଛି ଯେ ବର୍ଷା ପାଣିରେ ସିରିଞ୍ଜଠାରୁ ଆରମ୍ଭ କରି ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ଭାସୁଥିବା ଦେଖାଯାଇଥିଲା। ପ୍ରାୟ ୨ଘଣ୍ଟା ଧରି ମହିଳା ମେଡିସିନ୍ ୱାର୍ଡରେ ରୋଗୀ ଓ ସେମାନଙ୍କ ଅଭିଭାବକମାନେ ହନ୍ତସନ୍ତ ହୋଇଥିଲେ। ପାଣି ସଫା କରିବା ଲାଗି ସଫେଇ କର୍ମଚାରୀ ନାକେଦମ୍ ହୋଇପଡ଼ିଥିଲେ। ଶେଷରେ ମୋଟର ଲାଗି ୱାର୍ଡ ଭିତରୁ ପାଣି ନିଷ୍କାସନ କରିବାକୁ ପଡ଼ିଥିଲା।

ଶନିବାର ସକାଳୁ ପାଗ ଠିକ୍‌ଠାକ୍ ଥିଲା। ହେଲେ ଅପରାହ୍ଣରେ ହଠାତ୍ ବରକୋଳିଆ ଠୋପା ବର୍ଷା ସହର ସାରା ଅଜାଡ଼ି ହୋଇପଡ଼ିଥିଲା। ଏଥିରେ ସହରର ସବୁ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ବିଶେଷକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବଡ଼ଦାଣ୍ଡର ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ପାଣି ଜମିଥିଲା। ବଡ଼ଦାଣ୍ଡର ମେଡିକାଲ ଛକ,

**■ ଭାସିଲା ଚିକିତ୍ସା ସାମଗ୍ରୀ, ରୋଗୀ ହନ୍ତସନ୍ତ**
**■ ବଡ଼ଦାଣ୍ଡରୁ ବେଳାଭୂମି ସବୁଠି ଜମିଲା ପାଣି**

ମାର୍କେଟ ଛକ, ବଳଗଣ୍ଡି ପ୍ରଭୃତି କେତେକ ସ୍ଥାନରେ ପ୍ରାୟ ୩ଫୁଟ୍‌ର ପାଣି ଜମି ଯାଇଥିଲା। ସେହିପରି ଭିଆଇପି ରୋଡ୍‌ର ଅଗ୍ନିଶମ କେନ୍ଦ୍ର ସମ୍ମୁଖ, ବେଳାଭୂମିର ରେଣୁକା ଗଳି ଭଳି ବହୁ ଜାଗାରେ ରାସ୍ତାରେ ଜମିଥିଲା ଆଣ୍ଠୁଏ ଉଚ୍ଚର ପାଣି। ଆଶ୍ରମ ଛକରୁ ଷ୍ଟେସନ୍‌କୁ ସଂଯୋଗ କରୁଥିବା ରାସ୍ତା, ଝାଡ଼େଶ୍ୱରୀ ମନ୍ଦିର ନିକଟରେ ବି ରାସ୍ତାରେ ପ୍ରବଳ ପାଣି ଜମିଥିଲା। ପ୍ରାୟ ଘଣ୍ଟାଏ ଧରି ହୋଇଥିବା ମୂଷଳବର୍ଷାରେ ସହରର ସବୁ ରାସ୍ତାଘାଟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ଉଚ୍ଛୁଳି ନଳା ପାଣି ରାସ୍ତାରେ ଭାସିଥିଲା। ବିଭିନ୍ନ ଜାଗାରେ ଡ୍ରେନ୍ ଚୋକ୍ ହୋଇଯିବାରୁ ଜଳ ନିଷ୍କାସନ ହୋଇପାରି ନ ଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମହିଳା ମେଡିସିନ ୱାର୍ଡରେ ସ୍ଥିତି ଅଧିକ ସଙ୍ଗିନ ହୋଇଥିଲା। ଏହି ବିଭାଗ ଭିତରେ ପାଣି ପଶିଯାଇଥିଲା। ଏପରି କି ବର୍ଷା ପାଣିର ସୁଅ ଛୁଟିଥିଲା ୱାର୍ଡରେ। କିଛି ରୋଗୀଙ୍କୁ ବେଡ୍ ମିଳି ନ ଥିବାରୁ ସେମାନେ ତଳେ ଗଦି ଉପରେ ବସିଥିଲେ। ହଠାତ୍ ବର୍ଷା ପାଣି ୱାର୍ଡ ଭିତରେ ପଶିବା ପରେ ରୋଗୀମାନେ ହନ୍ତସନ୍ତ ହୋଇଥିଲେ। ରୋଗୀ ଏବଂ ସମ୍ପର୍କୀୟମାନେ ନିରୁପାୟ ହୋଇଯାଇଥିଲେ। ୱାର୍ଡ ଭିତରେ ଚଲାବୁଲା କରିପାରି ନ ଥିଲେ। ରୋଗୀ ଏବଂ ସମ୍ପର୍କୀୟ ବେଡ୍ ଉପରେ ବସି ରହିଥିଲେ। ଡାକ୍ତର ବି ଚିକିତ୍ସା ପାଇଁ ଆସିପାରିନଥିଲେ। ମଟର ପମ୍ପ ଅଣାଯାଇ ୱାର୍ଡ ଭିତରୁ ପାଣି ନିଷ୍କାସନ କରାଯାଇଥିଲା। ପ୍ରାୟ ୨ଘଣ୍ଟା ଧରି ଏଭଳି ସ୍ଥିତି ଲାଗି ରହିଥିଲା। ୱାର୍ଡକୁ ଭଲ ଭାବେ ସଫା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ଏବଂ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଅନ୍ୟପକ୍ଷରେ ପୁରୀ ଜିଲ୍ଲା ଆପ୍ ପକ୍ଷରୁ ମଧ ଏଭଳି ସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ପୁରୀ ଭଳି ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସହର ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ସ୍ପଷ୍ଟ ହେଉଛି। ତୁରନ୍ତ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯିବା ପାଇଁ ସେ ଦାବି କରିଛନ୍ତି।

### ନୂଆପଡ଼ା ଉପନିର୍ବାଚନ

# ଠେଲାପେଲାରେ ନାମାଙ୍କନପତ୍ର ଦାଖଲ

ନୂଆପଡ଼ା, ୧୮ ।୧୦ (ସମିସ): ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶନିବାର ଦିନ ଠେଲାପେଲା ଭିତରେ ନାମାଙ୍କନପତ୍ର ଦାଖଲ କରିଛନ୍ତି ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀ। ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଜିଲ୍ଲାପାଳଙ୍କ ପତ୍ରାଙ୍କ ସଂଖ୍ୟା ୨୭/୨୫ରେ କଂଗ୍ରେସ ଦଳକୁ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖରିଆରରୋଡ୍ ଶଙ୍କର ମନ୍ଦିରଠାରୁ ନୂଆପଡ଼ା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ

**କଂଗ୍ରେସରୁ ଘାସିରାମ, ବିଜେପିରୁ ଜୟ**



ରାଲି କରିବାକୁ ଅନୁମତି ଦିଆଯାଇଥିଲା। ଅନ୍ୟପଟେ ଜିଲ୍ଲା ବିଜେପି ସଭାପତି କମଳେଶ ଦୀକ୍ଷିତାଙ୍କ କହିବାନୁଯାୟୀ ସେମାନଙ୍କୁ ମଧ ୩ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିଲା। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କର୍ମୀଙ୍କ ଗହଣରେ ଦିନ ସାଢ଼େ ୧୧ଟାରେ ଖରିଆରରୋଡ୍‌ଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ତାଙ୍କ ରାଲି ଠିକ୍ ନୂଆପଡ଼ାରେ ପହଞ୍ଚିଲା ବେଳକୁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସମର୍ଥକଙ୍କ ସହ ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିଲେ। ଫଳରେ ବିଜେପିକୁ ନୂଆପଡ଼ା ବସ୍ତି ମୁଣ୍ଡରେ ଅଟକି ରହିବାକୁ ପଡ଼ିଥିଲା।

ଦିନ ପ୍ରାୟ ସାଢ଼େ ୧୨ଟାରେ ଘାସିରାମଙ୍କ ସହ ୫ଜଣ ସମର୍ଥକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ବାକି ଲୋକଙ୍କୁ ପୁଲିସ ଭିତରକୁ ଛାଡ଼ିନଥିଲା। ଠିକ୍ ପରେପରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ସମର୍ଥକଙ୍କ ସହ ପ୍ରବେଶ କରିଥିଲେ। ହେଲେ ଏହି ସମୟରେ ବିଜେପି ତରଫରୁ ବହୁ ନେତା ଯଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବର୍ତ୍ତମାନର ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସମେତ ବହୁ ପଦାଧିକାରୀଙ୍କୁ ପୁଲିସ ଛାଡ଼ି ଦେଇଥିଲା। ଏହାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ସରକାରୀ ଦଳ ନିଜେ ନିୟମ ଭାଙ୍ଗୁଛି ବୋଲି ଅଭିଯୋଗ କରି କଂଗ୍ରେସ କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ କିଛି ସମୟ ପାଇଁ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଦୁଇ ଦଳର ସମର୍ଥକମାନେ ଭିତରକୁ ପ୍ରବେଶ କରିବାରୁ ପରିସର ଲୋକାରଣ୍ୟ ହୋଇଯାଇଥିଲା।

ଏ ସଂପର୍କରେ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆମେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯେକୌଣସି ଦଳ କିମ୍ବା ବ୍ୟକ୍ତିବିଶେଷ ଆଣିଦେଲେ ଗ୍ରହଣ କରିଥାଉ। କୌଣସି ଦଳକୁ ସମୟ ଦିଆଯାଇନଥିଲା। ଅଫିସ ଭିତରକୁ ପ୍ରାର୍ଥୀଙ୍କ ସମେତ ମାତ୍ର ୫ଜଣ ପ୍ରବେଶ କରିପାରିବେ। ବାହାର ଏରିଆରେ ଯେତେଲୋକ ବି ରହିପାରିବେ ବୋଲି କହିଥିଲେ।

# ଟିଟିଲାଗଡ଼ ଷ୍ଟେସନ୍‌ରୁ ୭୦ ଲକ୍ଷ ଟଙ୍କା ଜବତ

## ବିହାର ନିର୍ବାଚନରେ ବିନିଯୋଗ ହୋଇଥା'ନ୍ତା !

ବଲାଙ୍ଗିର/ଟିଟିଲାଗଡ଼, ୧୮ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳଷ୍ଟେସନ୍‌ରୁ ରେଳବାଇ ପୁଲିସ୍ (ଆର୍‌ପିଏଫ୍) ଆଜି ଦୁଇଜଣ ଯୁବକଙ୍କ ପାଖରୁ ୭୦ଲକ୍ଷ ଟଙ୍କା ଜବତ କରିଛି। ଏହି ଘଟଣାରେ ପୁଲିସ ଉକ୍ତ ଯୁବକଦ୍ୱୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ, କେସିଙ୍ଗାର ପ୍ରଭାତ ସାହୁ ଓ ଉମେଶ ପ୍ରସାଦ। ଟଙ୍କା ବ୍ୟାଗ୍ ଧରି ଦୁହେଁ ଧରତୀ-ଆବବା ଏକ୍ସପ୍ରେସ୍‌ରେ ଯାଉଥିଲେ। ଟ୍ରେନ୍‌ଟି ଏର୍ଣ୍ଣାକୁଲମରୁ ହାଟିଆ ଯାଉଥିଲା। ତେବେ ହାଟିଆ ବିହାରର ସୀମା ହୋଇଥିବା ଓ ସେଠାରେ ନିର୍ବାଚନ ଚାଲିଥିବାରୁ ଏହି ଟଙ୍କା ସେଥିପାଇଁ ଯାଉଥିବା ଆଲୋଚନା ହେଉଛି। ଆରପିଏଫ୍ ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଟ୍ରାକ୍ କରି ଧରିଥିବା ଜଣାଯାଇଛି।



ଅପରପକ୍ଷେ, ଷ୍ଟେସନ୍‌ରୁ ଏତେ ପରିମାଣର ଟଙ୍କା ଜବତ ହେବା ପରେ ସମସ୍ତେ ଚକିତ ହୋଇଯାଇଥିଲେ। କାହିଁକି ଏହି ଦୁଇଜଣ ଯୁବକ ଏତେ ପରିମାଣର ଟଙ୍କା ବ୍ୟାଗ୍‌ରେ ନେଇ ଯାଉଥିଲେ, ସେନେଇ ପଚରାଉଚରା ପରେ ମଧ ଆରପିଏଫ୍ କିଛି ଉତ୍ତର ପାଇ ନଥିଲା। ଦେଶର ବିଭିନ୍ନ ସ୍ଥାନରେ ନିର୍ବାଚନ ଚାଲିଥିବାରୁ ଏତେ ପରିମାଣର ଟଙ୍କା ଜବତକୁ ନେଇ ନାନା ଆଲୋଚନା ଆରମ୍ଭ ହୋଇଛି।

ନୂଆପଡ଼ା ଉପ-ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଗକୁ ବିହାର ନିର୍ବାଚନ ମଧ ରହିଛି। ବିହାର ନିର୍ବାଚନରେ ଏହି ଟଙ୍କା ଖର୍ଚ୍ଚ କରିବାକୁ ନିଆଯାଉଥିବା ଆଲୋଚନା ହେଉଛି। ଯଦିଓ ଏନେଇ ଆର୍‌ପିଏଫ କିମ୍ବା ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ପାଖରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ତଥାପି ଏହି ଆଲୋଚନାକୁ ଅସ୍ୱୀକାର କରାଯାଇନପାରେ। ଅନ୍ୟପକ୍ଷରେ ଗତ ସାଧାରଣ ନିର୍ବାଚନ ସମୟରେ ବଲାଙ୍ଗିର ସମେତ ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କା ଜବତ ହୋଇଥିଲା। ବଲାଙ୍ଗିରରେ ଥିବା ମଦଭାଟିରୁ ବିପୁଳ ଟଙ୍କା ଜବତ ହୋଇଥିଲା। ଛତିଶଗଡ଼ରେ

**■ ବ୍ୟାଗ୍‌ରେ ନେଇ ଯାଉଥିବା ୨ ଯୁବକ ଅଟକ**
**■ ରେଳବାଇ ପୁଲିସର ତନାଘନା ଆରମ୍ଭ**

ସରକାର ଗଢ଼ିବା ପାଇଁ ତାହା ଠୁଳ କରାଯାଇଥିବା ସେହି ସମୟରେ ଚର୍ଚ୍ଚା ହୋଇଥିଲା। ଏହାସହ ବଲାଙ୍ଗିର ତଥା ଆଖପାଖ ଜିଲ୍ଲାରେ ଥିବା ପ୍ରାୟ ଦେଶୀ ମଦଭାଟି ସହ ବିହାର ଲିଙ୍କ୍ ରହିଛି। ଏଥିପାଇଁ ବିହାର ନିର୍ବାଚନ ପୂର୍ବରୁ ଏହି ସବୁ କାରବାର ଆରମ୍ଭ ହୋଇଥିବା ମଧ ଚର୍ଚ୍ଚା ହେଉଛି। ଏହି ଟଙ୍କା କେଉଁଠାକୁ ଯାଉଥିଲା, କାହା ପାଖକୁ ଯାଉଥିଲା, କ'ଣ ପାଇଁ ଯାଉଥିଲା; ଏବେ ଏମିତି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

### 'ପୀତବାସ' ହତ୍ୟାକାଣ୍ଡକୁ ବିତିଲା ୨ସପ୍ତାହ

# ଭୁବନେଶ୍ୱରରୁ ଜଣଙ୍କୁ ଉଠାଇଲା ପୁଲିସ

ବ୍ରହ୍ମପୁର,୧୮।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ବିତିଛି ଦୁଇସପ୍ତାହ। ତଦନ୍ତ ତ୍ୱରାନ୍ୱିତ ହୋଇଥିଲେ ହେଁ ଠୋସ୍ ପ୍ରମାଣ ପାଇପାରିନାହିଁ ପୁଲିସ। ଘଟଣାରେ ଶତାଧିକ ସିସିଟିଭି ଫୁଟେଜ ଯାଞ୍ଚ ସହିତ ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଛି। ପଚରାଉଚରା ପରେ ଅନେକଙ୍କୁ ଛାଡି ଦିଆଯାଇଥିବା ବେଳେ ବର୍ତ୍ତମାନ ୮ଜଣ ପୁଲିସ କବ୍‌ଜାରେ ଥିବା ସୂଚନା ମିଳିଛି। ବ୍ରହ୍ମପୁରରୁ ଜଣେ ମଦ ବ୍ୟବସାୟୀଙ୍କୁ ଶୁକ୍ରବାର ପଚରାଉଚରା ପରେ ଛାଡ଼ି ଦେଇଥିବା ବେଳେ ଶନିବାର ଭୁବନେଶ୍ୱରରୁ ଜଣକୁ ଉଠାଇ ଆଣି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଫଳରେ ଜନୈକ କର୍ପୋରେଟରଙ୍କ ସମେତ ଅଟକ ସଂଖ୍ୟା ୮ରେ ସ୍ଥିର ରହିଛି।

ଅଟକଙ୍କ ମଧ୍ୟରେ ବ୍ରହ୍ମପୁର ଉପକଣ୍ଠ ତଥା ଅନ୍ତେଇର ପୂର୍ବତନ ସରପଞ୍ଚ ପ୍ରଦୀପ ବିଶୋୟୀ ହତ୍ୟାକାଣ୍ଡ ଘଟଣାର ଜଣେ ଅଭିଯୁକ୍ତ ଥିବା ବେଳେ ପୁଲିସ ସ୍କାନରରେ ଚର୍ଚ୍ଚିତ 'ବିଷୋୟୀ ଗ୍ୟାଙ୍ଗ'ର ସର୍ଦ୍ଦାର ରହିଥିବା ଜଣାପଡ଼ିଛି। ପୀତବାସ ପଣ୍ଡା ଗୁଳିକାଣ୍ଡ ଘଟଣାର ତଦନ୍ତ ଚାଲିଥିବା ବେଳେ ବିଷୋୟୀ ଗ୍ୟାଙ୍ଗର ସର୍ଦ୍ଦାର କୁହାଯାଉଥିବା ଅନ୍ୟତମ ଦୁର୍ଦ୍ଦାନ୍ତ ଅପରାଧୀ ଫେରାର୍ ଥିବା ଜଣାପଡ଼ିଛି। ସେପଟେ କବ୍‌ଜାରେ ଥିବା ୮ ଜଣଙ୍କୁ ଜେରା ବେଳେ ମିଳିଥିବା ତଥ୍ୟ ଆଧାରରେ ପୁଲିସ

**■ 'ଗୋଡ଼ିପଡ଼ା' ଟୋଲ୍ ଗେଟ୍‌ରେ ପୁଣି ଯାଞ୍ଚ ହେଲା ସିସିଟିଭି ଫୁଟେଜ**
**■ ପଚରାଉଚରା ପରେ ଛାଡ଼ ପାଇଲେ ମଦ ବ୍ୟବସାୟୀ, ୮ ଅଟକ**
**■ ପୁଲିସ ସ୍କାନରରେ 'ବିଷୋୟୀ ଗ୍ୟାଙ୍ଗ'ର ସର୍ଦ୍ଦାର!**

ଗୋଡ଼ିପଡ଼ା ଟୋଲ୍‌ଗେଟର ସିସିଟିଭି ଫୁଟେଜକୁ ପୁଣି ଯାଞ୍ଚ କରିଛି। ଶୁକ୍ରବାର ରାତିରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗୋଡ଼ିପଡ଼ା ଟୋଲ୍‌ଗେଟ୍‌କୁ ଯାଇ ନିର୍ଦ୍ଦିଷ୍ଟ ତାରିଖର ନିର୍ଦ୍ଦିଷ୍ଟ ସମୟରେ ଯାତାୟାତ କରିଥିବା ଯାନବାହାନର ନମ୍ବରକୁ ଯାଞ୍ଚ କରିଛି। ଆଗକୁ ଅଟକ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି।

# ୧୯ ଇନ୍ସପେକ୍ଟର୍, ୧୪୮ ଏସ୍‌ଆଇଙ୍କ ବଦଳି

କଟକ,୧୮ ।୧୦(ସମିସ): ଖାଲି ପଦବୀ, ପ୍ରଶାସନିକ ଆବଶ୍ୟକତା ଏବଂ ସରକାରୀ ସେବାର ଆଗ୍ରହକୁ ଦୃଷ୍ଟିରେ ରଖି ୧୯ଜଣ ପୁଲିସ ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ବିଭିନ୍ନ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନକୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଭି.ଏସ୍. ଜୀବନ ସଂଗ୍ରାମ, ଶ୍ୟାମସୁନ୍ଦର ସୋରେନ, ବିଜୟ କୁମାର ମୁଦୁଲି, ଅମୂଲ୍ୟ ନାୟକ, ସାଧାଇ ଶଙ୍କର ଟୁଡୁ, କୁଳମଣି ଗିରି, ବରୁଣ କୁମାର ଜେନା, ମହମ୍ମଦ ସରାଫତ, ଅସିତ କୁମାର ପତି, ମଧୁସୂଦନ ସାମଲ, ହରିହର ସେଠୀ, ମାକ୍ସିମସ କିରୋ, ବାବାଜୀ ନାୟକ, ନାରଣ କିଶୋର ବେଉରା, ଶିବନାରାୟଣ ଷଡ଼ଙ୍ଗୀ, ବାସୁଦେବ ସାମଲ, ଜଗନ୍ନାଥ ଆଚାର୍ଯ୍ୟ, ବୃନ୍ଦାବନ ସାହୁ, ଛାୟାକାନ୍ତ ସାହୁ ପ୍ରମୁଖ ଇନ୍ସପେକ୍ଟରଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ସେହିଭଳି ୧୪୯ପୁଲିସ୍ ଏସଆଇ (ସଶସ୍ତ୍ର)ଙ୍କୁ ବଦଳି ଆଦେଶ ଜାରି କରାଯାଇଛି।

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସରକାରଙ୍କ ଉପରେ ବର୍ଷିଲା ସିପିଆଇ




ଭୁବନେଶ୍ୱର, ୧୮ ।୧୦(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଦ୍ୱାରା ଗତ ରାଜ୍ୟ ସମ୍ମିଳନୀରେ ନବନିର୍ବାଚିତ ରାଜ୍ୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦର ବୈଠକ ଦୁଇଦିନ ଧରି ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ରାଜନୈତିକ ସ୍ଥିତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିବାବେଳେ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟି ମହାଅଧିବେଶନରେ ଗୃହୀତ ବିବରଣୀ ଉପସ୍ଥାପନ କରିଥିଲେ।

ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, କଟକ ଦୁର୍ଗାପୂଜା ଭସାଣି ହିଂସା, ଗଣଦୁଷ୍କର୍ମ, ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ନିର୍ଯାତନା, ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଫଳତା ଓ ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ବ୍ୟର୍ଥତାକୁ ନେଇ ଆଲୋଚନା କରାଯିବା ସହ ଆଗାମୀ ଦିନରେ ଜନସଚେତନତା ଓ ଜନଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ରାଜ୍ୟର ସମସ୍ତ ବାମ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଶକ୍ତି ଏକଜୁଟ ହୋଇ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରିବା ପାଇଁ ସିପିଆଇ ଆହ୍ୱାନ ଦେଇଛି।

ବୈଠକରେ ରାଜ୍ୟ ସଂଗଠନ ପାଇଁ ଦୁଇଜଣ ସହ-ସମ୍ପାଦକ ଭାବେ କ୍ଷୀରୋଦ ସିଂହଦେଓ ଓ ଜୟନ୍ତ ଦାସଙ୍କ ସମେତ ଆଶିଷ କାନୁନ୍‌ଗୋ, ଅଶୋକ ଦାଶ, ଏନ. ନାରାୟଣ ରେଡ଼ି, ପ୍ରକାଶ ଚନ୍ଦ୍ର ପାତ୍ର, ବିଜୟ ଜେନା, ଦାମୋଦର ବେହେରା ଓ ରମଣୀରଞ୍ଜନ ରାଉତରାୟ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଭାବେ ନିର୍ବାଚିତ କରାଯାଇଛି। ଜୟନ୍ତ ଦାସ ମଧ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ବୈଠକରେ ରାଜ୍ୟ ପାର୍ଟିର ବିଭିନ୍ନ ଗଣସଂଗଠନ ବିଭାଗ ଓ ଜିଲ୍ଲାମାନଙ୍କର ଦାୟିତ୍ୱ ବଣ୍ଟନ କରାଯାଇଛି।

# କାନାଡ଼ାରେ ଗୁରୁଜୀଙ୍କ ଦ୍ୱାରା ଶିରିଡ଼ି ସାଇବାବାଙ୍କ ମନ୍ଦିର ପାଇଁ ଭୂମିପୂଜା

ସରେ, ବ୍ରିଟିଶ କଲମ୍ବିଆ(କାନାଡ଼ା), ୧୮ ।୧୦: ବିଶ୍ୱ ଶିରିଡ଼ି ସାଇ ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଯୁକ୍ତରାଷ୍ଟ୍ର ଆମେରିକା ପରେ କାନାଡ଼ା ଗସ୍ତରେ ଯାଇ ସରେଠାରେ ଶିରିଡ଼ି ସାଇବାବାଙ୍କର ଏକ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜା କରିଛନ୍ତି। ଗୁରୁଜୀ ଡ. ଶତପଥୀ ପୂଜାସ୍ଥଳରେ ପହଞ୍ଚିବା ପରେ ମନ୍ଦିର ଟ୍ରଷ୍ଟି ଓ ଭକ୍ତମାନଙ୍କ ପକ୍ଷରୁ ପାରମ୍ପରିକ ରୀତିନୀତି ସହକାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଗୁରୁଜୀ ଡ. ଶତପଥୀଙ୍କ କରକମଳରେ ଭୂମିପୂଜା ଉତ୍ସବ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଭକ୍ତମାନଙ୍କୁ ସମ୍ବୋଧିତ କରି ଗୁରୁଜୀ କହିଥିଲେ ଯେ ମନ୍ଦିର ନିର୍ମାଣ ପୂର୍ବରୁ ଧରିତ୍ରୀମାତାଙ୍କର ଆଶୀର୍ବାଦ ଭିକ୍ଷା ନିମନ୍ତେ ଭୂମି ପୂଜନ କରାଯାଇଥାଏ। ଏହାପରେ ଗୁରୁଜୀ ମଧ୍ୟାହ୍ନ ଆରତୀ କରିଥିଲେ। ଅପରାହ୍ଣରେ ଗୁରୁଜୀ ସରେଠାରେ ଶିରିଡି ସାଇବାବାଙ୍କର ଅନ୍ୟ ଏକ ମନ୍ଦିର ପରିଦର୍ଶନରେ ଯାଇଥିଲେ। ଗୁରୁଜୀଙ୍କ ଆଗମନ ଉପଲକ୍ଷେ ମନ୍ଦିର ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁନିକୁନି ପିଲାମାନେ ମନମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଗୁରୁଜୀ ତାଙ୍କର ଉଦ୍‌ବୋଧନରେ ଛୋଟ ପିଲାମାନଙ୍କର ବହୁମୁଖୀ ବିକାଶ ତଥା କଳା, ସଂସ୍କୃତି, ସଂଗୀତ, ସାହିତ୍ୟ ଓ ବିଜ୍ଞାନ ଆଦି ସମସ୍ତ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ।



# ଖୋଲିଲା ଶିମିଳିପାଳ ଅଭୟାରଣ୍ୟ

## ପ୍ରଥମ ଦିନରେ ବୁଲିଲେ ୧୨୯ ଜଣ ପର୍ଯ୍ୟଟକ

ବାରିପଦା, ୧୪।୧୦ (ସମିସ): ଶନିବାରଠାରୁ ଶିମିଳିପାଳ ଜାତୀୟ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଖୋଲିଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଗେଟ୍ ଏବଂ ଯଶିପୁରର

**■ ପ୍ଲାଷ୍ଟିକ୍‌ମୁକ୍ତ ଶିମିଳିପାଳ ପାଇଁ ପର୍ଯ୍ୟଟକଙ୍କୁ ନିବେଦନ**
**■ ଆକର୍ଷଣରେ ବ୍ୟାଘ୍ର ସଂଗ୍ରହାଳୟ**

କାଳିଆଣିଠାରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରଯାଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ, ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ପ୍ରଶାନ୍ତ ପଟେଲ ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭୟାରଣ୍ୟକୁ ସ୍ୱାଗତ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ଆଜି ପ୍ରଥମ ଦିନରେ ଉଭୟ ଦ୍ୱାର ମାଧ୍ୟମରେ ୩୩ଟି ଯାନରେ ମୋଟ ୧୨୯ ଜଣ ପର୍ଯ୍ୟଟକ ଶିମିଳିପାଳ ଭ୍ରମଣ କରିଛନ୍ତି। ପିଠାବାଟା ଦ୍ୱାରର ଖୋଲା ଜିପ୍ ୮ଟି ସାଫାରିରେ ପର୍ଯ୍ୟଟକ ୩୫, ଦୈନିକ ୧୨ଟି ପର୍ଯ୍ୟଟକ ଯାନରେ



୪୦ଟି ପର୍ଯ୍ୟଟକ ବୁଲିଛନ୍ତି। ସେହିପରି ଯଶିପୁର ଫାଟକ ପଟେ ଓପନ୍ ଜିପ୍ ୩ଟି ସଫାରିରେ ୧୮ଜଣ ପର୍ଯ୍ୟଟକ ଓ ଦୈନିକ ପର୍ଯ୍ୟଟକ ୧୦ଟି ଯାନ ୩୬ ଜଣ ପର୍ଯ୍ୟଟକ ବୁଲି ଶିମିଳିପାଳ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରି ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ୍ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ମଧ ଏହି କଟକଣା ଜାରି ରହିବ। ସେହିପରି ଶିମିଳିପାଳରେ ଥିବା ଯାତ୍ରୀ ନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.tourism.com) ୱେବସାଇଟ୍‌ରେ ଅଗ୍ରୀମ ବୁକିଂ କରିପାରିବେ।

ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଗତବର୍ଷ ଯଶିପୁରଠାରେ ନୂତନ କରି ଖଇରୀ ବାଘୁଣୀ ସ୍ମୃତିରେ ପ୍ରତିଷ୍ଠିତ ସଂଗ୍ରହାଳୟ ପର୍ଯ୍ୟଟକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ର ପାଲଟିଛି। ଏଥିସହ ଦୁଃସାହାସିକ କ୍ରୀଡ଼ା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକଲିଂ ଭଳି କିଛି ନୂଆଧରଣର କ୍ରୀଡ଼ାର ମଧ ବ୍ୟବସ୍ଥା ରହିଛି। ତାଛଡ଼ା ଶିମିଳିପାଳ ଭିତରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳରେ ନେଚର୍ ଗେମିଂର ସୁବିଧା କରାଯାଇଛି।



# 'ବାସ୍ତବ'ରେ ବଲିଉଡ୍‌ର ତୁଷାର ବେଦୀ

'ବନସ୍ୱର୍ଣ୍ଣ ଟେଲିଭିଜନ୍' ଦ୍ୱାରା ପ୍ରଯୋଜିତ ତଥା 'ଏଲ୍‌ଟି ପ୍ରଡ଼କସନ୍' ସହଭାଗିତାରେ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ' ଅକ୍ଟୋବର ୧୮ରେ ମୁକ୍ତିଲାଭ କରିଛି। ଏହି ସିନେମାଟି ଏକ ସସ୍‌ପେନ୍ସ, ଥ୍ରୀଲ୍‌ର ତଥା ପାରିବାରିକ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର। କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ସଂଳାପ ରଚନା କରିଛନ୍ତି ସଞ୍ଜୟ ମହାକୁଳ। ଏହାର ସହ ପ୍ରଯୋଜନା କରିଛନ୍ତି ନିବେଦିତା ପଟ୍ଟନାୟକ। ଅରୁଣ ମନ୍ତ୍ରୀ, ନିହାର ପ୍ରିୟାଶୀଷ ଏବଂ ବିକୁ ବାବୁ ଗୀତ ରଚନା କରିଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ମୋଣ୍ଟାଜ୍ ଗୀତ ଜ୍ଞାନ ବେହେରା କରିଛନ୍ତି। ହ୍ୟୁମାନ ସାଗର ଏବଂ ଅନ୍ତରୀକ୍ଷା ନାୟକ କଣ୍ଠଦାନ କରିଛନ୍ତି। ସମସ୍ତ ଗୀତର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ତୁଷାର ବେଦୀ, ଅଙ୍କିତା ଦାଶ, ରବି ମିଶ୍ର, ଅଭିଜିତ ଦାଶ, ଭୂପତି ତ୍ରିପାଠୀ, ପ୍ରଭାତୀ ସାହୁ, ଅଭିଷେକ, ଲୁଲୁ ଆଚାର୍ଯ୍ୟ, ମଧୁସ୍ମିତା, ଅମର, ମିଟୁ ମିଥୁନ, ସୋନାଲି, ବିଜୟ, ଆକାଶ, ପୂଜା, ସ୍ମିତା, ମନୋଜ ସାହୁ, ଶକ୍ତି ଏବଂ ସୂର୍ଯ୍ୟ ଭଳି ଅନେକ କଳାକାର ଚଳଚ୍ଚିତ୍ରରେ ନିଜ ଅଭିନୟର ପରାକାଷ୍ଠା ଦେଖାଇଛନ୍ତି। ■

# ବିଜେତା ବିଜଲାନୀ




ଅଶନୀର ଗ୍ରୋଭରଙ୍କ ରିଆଲିଟି ଶୋ' 'ରାଇଜ୍ ଆଣ୍ଡ ଫଲ୍'ର ବିଜେତା ହୋଇଛନ୍ତି ଟେଲିଭିଜନର ଲୋକପ୍ରିୟ ଅଭିନେତା ଅର୍ଜୁନ ବିଜଲାନି। ୨୮ ଲକ୍ଷ ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୬ରେ ଏହି ଶୋ' ଆରମ୍ଭ ହୋଇଥିଲା। ତେବେ ଏହି ଶୋ'ରେ ସାମିଲ ପ୍ରତିଯୋଗୀ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ଟାସ୍କ ସାମ୍ନା କରିଥିଲେ। ତେବେ ଏହି ଶୋ'ର ଆରମ୍ଭ ଅର୍ଜୁନ କାର୍ଯ୍ୟକର୍ତ୍ତା (ୱାର୍କର) ଭାବେ କରିଥିଲେ। ହେଲେ ଧୀରେ ଧୀରେ ସେ ତାଙ୍କର ରଣନୀତି, ଦୃଢ଼ତା ଏବଂ ନିରନ୍ତରତା ବଳରେ ଶାସକ ଭୂମିକା ପର୍ଯ୍ୟନ୍ତ ଯାତ୍ରା ଜାରି ରଖିଲେ। ପୂରା ସିଜନ୍‌ରେ ସେ ପ୍ରମାଣ କରି ଦେଲେ ଯେ, ସେ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ରଖନ୍ତି। ଶୋ'ରେ ବିଜେତା ହୋଇ ବେଶ୍ ଖୁସି ଥିବା କହିଛନ୍ତି ଅର୍ଜୁନ। କେବଳ ସେତିକି ନୁହେଁ, ଏହି ଶୋ'ର ଯାତ୍ରା ଆଦୌ ସହଜ ନ ଥିବା ସେ କହିଛନ୍ତି। ଏହାସହ ତାଙ୍କର ଏହି ବିଜୟରେ ପ୍ରତ୍ୟେକ ପ୍ରତିଯୋଗୀଙ୍କ ଯୋଗଦାନ ଥିବା ସେ ସ୍ୱୀକାର କରିଛନ୍ତି। ■


# ଶିଶୁ ନିର୍ଯାତନାର କାହାଣୀ 'ପରୀ'



ସମାଜରେ ବଢ଼ି ଚାଲିଛି ଶିଶୁମାନଙ୍କ ଉପରେ ଅତ୍ୟାଚାର। ଯୌନ ନିର୍ଯାତନା ଭଳି ପାଶବିକ ମାନସିକତା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। 'ପରୀ' ଏକ ନିରୀହ, କୋମଳ ଫୁଲକଢ଼ି। ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର। ମାତ୍ର ଅକାଳରେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ। ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡ଼ିଯାଇଛି ବିଚରା ବାପାମାଆ। ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକାତର ଘଟଣା ଉପରେ ସିନେମା 'ପରୀ'ର କାହାଣୀ ଗତିଶୀଳ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି, ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ଡକ୍ଟର ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରମୋଦ ପରିଡ଼ା ରଚନା କରିଥିବା ଗୀତଗୁଡ଼ିକକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି। ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। କୋରିଓଗ୍ରାଫର୍ ଏସ୍.କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ସିନେମାଟିରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଞ୍ଜୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି। ■

# ଅକ୍ଷୟଙ୍କ ନାଁରେ ଟାଟୁ କରିବେନି ଟ୍ୱିଙ୍କଲ

ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ ଖାନ୍ନା ଏବେ 'ଟୁ ମଚ୍ ୱିଥ୍ କାଜୋଲ ଏବଂ ଟ୍ୱିଙ୍କଲ' ଶୋ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ତେବେ ଏହି ଶୋ'ରେ ନିକଟରେ ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ନଜର ଆସିଥିଲେ। ଏହି ଶୋ'ରେ ଉଭୟ ଅକ୍ଷୟ ଏବଂ ସୈଫ୍ ନିଜ ଟାଟୁ ବାବଦରେ କହିଥିଲେ। ଅକ୍ଷୟ ନିଜ ଶରୀରରେ ଟ୍ୱିଙ୍କଲ ଏବଂ ତାଙ୍କ ଦୁଇ ପିଲା ଆରବ ଏବଂ ନିତାରାଙ୍କ ନାଁର ଟାଟୁ କରିଛନ୍ତି। ଏହାରି ଭିତରେ ଟ୍ୱିଙ୍କଲ କେବେ ବି ଅକ୍ଷୟଙ୍କ ନାଁରେ ଟାଟୁ ନିଜ ଶରୀରରେ କରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି। ଅବଶ୍ୟ ସେ କାହିଁକି ଅକ୍ଷୟଙ୍କ ଟାଟୁ କରିବେ ନାହିଁ, ସେକଥା ବି କହିଛନ୍ତି। ଟ୍ୱିଙ୍କଲ କହିଛନ୍ତି, ଜୀବନରେ କୌଣସି ଜିନିଷ ସ୍ଥାୟୀ ନୁହେଁ। ଏପରିକି ଟାଟୁ ନୁହେଁ କି ବାହାଘର। ତେଣୁ ଟାଟୁ କରି ହୁଏତ ତାହାକୁ ପରେ ବଦଳାଇବାକୁ ପଡ଼ିପାରେ। ତେଣୁ ଟ୍ୱିଙ୍କଲ ଟାଟୁ କରିବାକୁ ଚାହୁଁ ନ ଥିବା କହିଛନ୍ତି। ଅବଶ୍ୟ ଟ୍ୱିଙ୍କଲଙ୍କ ଏହି କଥାରେ ସମସ୍ତେ ଖୁବ୍ ହସିଛନ୍ତି। ■



## ସାକ୍ଷାତକାର

ଅଧ୍ୟାପିକା ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣିଆଣିଲା ଅଭିନୟ ଜଗତକୁ। ଏବେ ସେ ଅନେକ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ଏଭଳି ଜଣେ ଅଭିନେତ୍ରୀ ହେଉଛନ୍ତି ଭୁବନେଶ୍ୱରର ପ୍ରିୟଙ୍କା ପାଣିଗ୍ରାହୀ। ବାଲେଶ୍ୱର ତାଙ୍କର ଜନ୍ମସ୍ଥାନ। ପ୍ରିୟଙ୍କା ଜଣେ ଆଇନ୍ ଛାତ୍ରୀ। ହେଲେ ଓଲିଉଡ୍ ସିନେମା, ବିଜ୍ଞାପନରେ କାମ କରି ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ 'ଆଶିକ୍ ଦିୱାନା' ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି। ତେବେ ଅଭିନୟ କ୍ଷେତ୍ରରେ ତାଙ୍କର ସଫଳତାର ରାଜ୍ ବିଷୟରେ ଜାଣିବା ତାଙ୍କ ମୁହଁରୁ।



# "ଶିଖିବାର ମନୋବୃତ୍ତି ଜଣେ ଭଲ କଳାକାରର ପରିଚୟ"

**ପ୍ରିୟଙ୍କା ପାଣିଗ୍ରାହୀ, ଅଭିନେତ୍ରୀ**

**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା**

- ପିଲାଦିନେ ଅଭିନେତ୍ରୀ ହେବି ବୋଲି ଭାବି ନ ଥିଲି। ଇଚ୍ଛା ଥିଲା ଜଣେ ଅଧ୍ୟାପିକା ହେବି। ହେଲେ ମୋର ସୌଭାଗ୍ୟ ମୁଁ ଅଭିନୟ ଜଗତକୁ ଟାଣି ହୋଇଆସିଛି। 'ତେଜସ୍ୱିନୀ' ମୋର ପ୍ରଥମ ଧାରାବାହିକ। 'ଟୋକାଟା ଫସିଗଲା' ଓଡ଼ିଆ ଫିଲ୍ମରୁ ଡେବ୍ୟୁ କରିଥିଲି। ଏହା ବାଦ୍ ୪ରୁ ୫ଟି ସିନେମାରେ ଅଭିନୟ କରିଛି। ହେଲେ ତନ୍ମଧ୍ୟରୁ 'ଟୋକାଟା ଫଶିଗଲା' ମୋର କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା। ଏବେ 'ଆଶିକ୍ ଦିୱାନା' ସିନେମାରେ ଅଭିନୟ କରିଛି।

**'ଆଶିକ୍ ଦିୱାନା'ରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- 'ଆଶିକ୍ ଦିୱାନା'ରେ ମୋ ବିପକ୍ଷରେ ଅଛନ୍ତି ଦୀପକ ଭାଇ। ଦୀପକଙ୍କ ଦୁଇ ଜଣ ପତ୍ନୀ ମୁଁ ଆଉ ରିଆ ଦିଦି। ଦୁଇ ଜଣ ପତ୍ନୀଙ୍କୁ ନେଇ ଏହି ସିନେମାରେ ଭରପୂର ମଜାଦାର ଦୃଶ୍ୟ ରହିଛି। ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା। ଏହି ଚରିତ୍ର କରିବାକୁ ମୋତେ ଆଦୌ କଷ୍ଟ କରିବାକୁ ପଡ଼ିନି। ମୁଁ ବାସ୍ତବରେ ଯେମିତି ଚୁଲବୁଲି ସେମିତି ମୋତେ ଚରିତ୍ର ମିଳିଛି। ଏହି ଚରିତ୍ରକୁ ମୁଁ ଭରପୂର ଏନ୍‌ଜଏ କରିଛି।

**ଅଭିନୟକୁ ବାଦ୍ ଦେଲେ, ଆପଣ ଅନେକ ବିଜ୍ଞାପନରେ କାମ କରିଛନ୍ତି, ଏଥିପାଇଁ କେମିତି ସମୟ ଦିଅନ୍ତି?**

- କୌଣସି ବ୍ରାଣ୍ଡର ଫେସ୍ ହେବାକୁ ବହୁତ କଷ୍ଟ କରିବାକୁ ପଡ଼େ। ହେଲେ ଧନ୍ୟବାଦ ଦେବି ଭଗବାନଙ୍କୁ। ଭଗବାନଙ୍କ ଆଶୀର୍ବାଦ ଆଉ ମୋର ପ୍ରଶଂସକଙ୍କ ଭଲପାଇବା ପାଇଁ ମୁଁ ଅନେକ ଲୋକପ୍ରିୟ ବ୍ରାଣ୍ଡର ଫେସ୍ ହୋଇପାରିଛି। ସେଇଟା ମୋ ପାଇଁ ଖୁସିର କଥା। ଯେତେବେଳେ ବି ଏମିତି କାମ ଆସିବ ଯେତେ ବ୍ୟସ୍ତ ଥିଲେ ବି ମୁଁ ସେ କାମ କରିବି।

**ପ୍ରିୟଙ୍କା ସ୍କ୍ରିପ୍ଟକୁ ଘୋଷନ୍ତି, ନା ଚରିତ୍ରରେ ପଶିଯାଆନ୍ତି?**

- ମୋତେ ଯେଉଁ ଚରିତ୍ର ମିଳେ, ତାହା ଭିତରେ ପଶିଗଲେ, ସ୍କ୍ରିପ୍ଟ ଘୋଷିବାକୁ ପଡ଼େ ନାହିଁ। ସୁଟିଂ ଆରମ୍ଭ ଦିନରୁ ଶେଷ ହେବା ଯାଏଁ ମୁଁ ସେହି ଚରିତ୍ରରେ ବୁଡ଼ି ରୁହେ।

**ଦୀପକଙ୍କ ସହ ଆପଣଙ୍କ ବଣ୍ଡିଂ?**

- 'ଆଶିକ୍ ଦିୱାନା' ସେଟ୍‌ରେ ସବୁଦିନ ମଜା ହେଉଥିଲା। ଭୋଜି କରୁଥିଲୁ। ପରିବାର ଭଳି ଚଳୁଥିଲୁ। ସତ କହିବି 'ଆଶିକ୍ ଦିୱାନା' ମୋତେ ଦୀପକଙ୍କ ଭଳି ଜଣେ ଭଲ ବନ୍ଧୁ ଭେଟି ଦେଇଛି।

**ଡ୍ରିମ୍ ରୋଲ୍ କ'ଣ?**

- ଭଲ ତଥା ସମାଜକୁ ବାର୍ତ୍ତା ଦେଉଥିବା ପରି ସମସ୍ତ କାହାଣୀରେ ଅଭିନୟ କରିବାକୁ ଚାହିଁବି। କିନ୍ତୁ ହଁ, ପୋଲିସ୍ ଅଫିସର୍ ଚରିତ୍ର କାମ କରିବାକୁ ବହୁତ ଇଚ୍ଛା ଅଛି।

**ଫିଟ୍‌ର ରାଜ୍ କ'ଣ?**

- ଫିଟନେସ୍‌କୁ ନେଇ ବହୁତ ସଚେତନ। ଡାଏଟ୍, ଖାଇବା, ଶୋଇବା, ବ୍ୟାୟାମ ଆଦିକୁ ନିର୍ଦ୍ଦିଷ୍ଟ ସମୟରେ କରେ। ସ୍କିନ୍‌ର ଯତ୍ନ ନିଏ।

**ଆପଣଙ୍କ କାମରେ ଜୀବନସାଥି କେତେ ସହଯୋଗ କରନ୍ତି?**

- ସେ ଜଣେ ବ୍ୟବସାୟୀ। ମୁଁ ଅଭିନେତ୍ରୀ। ସେ ବହୁତ ଚୁପ୍‌ଚାପ। ଯେହେତୁ ଉଭୟଙ୍କ ପେସା ଭିନ୍ନ। ତେଣୁ ପରସ୍ପରକୁ ସମୟ ଦେଇପାରୁ। ମୋ କାମ କେମିତି ଭଲ ହେବ ସେନେଇ ସେ ବହୁତ ଗୁରୁତ୍ୱପୂର୍ଣ୍ଣ ମତ ଦିଅନ୍ତି। ମୋତେ ଉତ୍ସାହିତ କରନ୍ତି। ତାଙ୍କର ୧୦୦ % ସହଯୋଗ ନଥିଲେ ମୁଁ ଏତେ ଖୁସିରେ କାମ କରିପାରି ନଥାନ୍ତି।

**ପ୍ରିୟଙ୍କା ସବୁବେଳେ ଶାଢ଼ିରେ ନଜର ଆସନ୍ତି, ରାଜ୍ କ'ଣ?**

- ଶାଢ଼ି ହେଉଛି ଭାରତର ପାରମ୍ପରିକ ପୋଷାକ। ଶାଢ଼ିରେ ସବୁଝିଅମାନେ ସୁନ୍ଦର ଲାଗନ୍ତି। ଓଡ଼ିଆ ଝିଅ ବିବାହ ପରେ ଶାଢ଼ି ପିନ୍ଧିବାକୁ ବହୁତ ପସନ୍ଦ କରନ୍ତି। ତେବେ ମୋ ସ୍ୱାମୀଙ୍କୁ ମୋ ଶାଢ଼ିପିନ୍ଧା ଭଲ ଲାଗୁଥିବାରୁ ମୁଁ ସବୁବେଳେ ଶାଢ଼ି ପିନ୍ଧେ।

**ଅଭିନୟ ଦୁନିଆକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଏବେ ପ୍ଲାଟଫର୍ମ ବହୁତ। ପିଲାମାନେ ସାମାଜିକ ଗଣମାଧ୍ୟମରେ ନିଜ ଦକ୍ଷତା ପ୍ରତିପାଦନ କରି ରାତାରାତି ଷ୍ଟାର୍ ପାଲଟି ଯାଉଛନ୍ତି। ନିହାତି ସେମାନଙ୍କ ଭିତରେ କିଛି ଭଲ ଗୁଣ ରହିଛି। ତେଣୁ ଯେତେ ଯାଏଁ ଶିଖିବାର ମନୋବୃତ୍ତି ତାଙ୍କର ଥିବ ସେତେ ଯାଏଁ ସେ ଜଣେ ଭଲ କଳାକାର ହୋଇପାରିବେ। ଯେଉଁଦିନ ଗର୍ବ ଆସିଯିବ କଥା ସରିଲା।

**ଆଗାମୀ ଯୋଜନା କ'ଣ?**

- ଚଳିତ ବର୍ଷରେ ମୋର ଅନେକ ପ୍ରୋଜେକ୍ଟ ରିଲିଜ୍ ହେବାର ଅଛି। ନିଃଶ୍ୱାସ ଚାଲିଥିବା ଯାଏଁ ଭଲ ଭଲ ଫିଲ୍ମରେ କାମ କରିବାକୁ ଚାହିଁବି। ଦର୍ଶକଙ୍କ ସହ କିପରି ସିଧାସଳଖ ଯୋଡ଼ି ହୋଇ ରହିବି ତାହାକୁ ଗୁରୁତ୍ୱ ଦେବି। ■



ପରଦା ପଛର କାହାଣୀ

# ବିନା ପାରିଶ୍ରମିକରେ ଫିଲ୍ମରେ ଅଭିନୟ

ଡ୍ରିମ୍‌ଗର୍ଲ ହେମାମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଅଭିନୟ ଓ ସୁନ୍ଦରତାରେ ସେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି। ତାଙ୍କ ନାମ ଶୁଣିଲେ ଫିଲ୍ମ ଦେଖିବାକୁ ହଲ୍‌ରେ ଦର୍ଶକଙ୍କ ଭିଡ଼ ଜମୁଥିଲା। ତାଙ୍କୁ ଫିଲ୍ମରେ ନେବା ପାଇଁ ସିନେ ନିର୍ମାତା ଓ ନିର୍ଦ୍ଦେଶକଙ୍କ ଲମ୍ବା ଲାଇନ୍ ଲାଗୁଥିଲା। ତେବେ ହେମାମାଳିନୀ ପ୍ରତ୍ୟେକ ଫିଲ୍ମରେ ନିଜ ଡିମାଣ୍ଡ ଅନୁଯାୟୀ ପାରିଶ୍ରମିକ ନେଇଥାନ୍ତି। କିନ୍ତୁ ଏକ ଫିଲ୍ମ ଥିଲା, ଯେଉଁଥିରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ। ୧୯୭୯ ମସିହାରେ ମୁକ୍ତିଲାଭ କରିଥିଲା ହିନ୍ଦୀ ଫିଲ୍ମ 'ମୀରା'। ଏହି ଫିଲ୍ମରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ। ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ପ୍ରେମ୍‌ଜୀ ପ୍ରଯୋଜିତ କରିଥିଲେ। ତେବେ ପ୍ରେମ୍‌ଜୀ ଦୀର୍ଘ ସମୟ ଧରି ହେମାମାଳିନୀଙ୍କ ସହ କାମ କରିବାକୁ ଚାହୁଁଥିଲେ। କିଛି ନା କିଛି କାରଣରୁ ହେମା ଫିଲ୍ମ କରିବେନି ବୋଲି ତାଙ୍କୁ ଅନେକ ଥର ମନା କରିଥିଲେ। ତେବେ କୌଣସି ପୌରାଣିକ କିମ୍ବା ଭକ୍ତି ଆଧାରିତ କାହାଣୀ ମୀରାଙ୍କୁ ନେଇ ଫିଲ୍ମ ନିର୍ମାଣ କଲେ ସେ ଅଭିନୟ କରିବେ ବୋଲି କହିଥିଲେ। ହେମାମାଳିନୀଙ୍କ କହିବାନୁସାରେ ପ୍ରେମ୍‌ଜୀ ଏହି ଫିଲ୍ମ ନିର୍ମାଣ କରିଥିଲେ। ଏଥିରେ ହେମାମାଳିନୀଙ୍କ ବିପକ୍ଷରେ ବିନୋଦ ଖନ୍ନା ଦେଖିବାକୁ ମିଳିଥିଲେ। ଗୋଟିଏ ସମୟରେ ଫିଲ୍ମଟି ବଜେଟ୍ ପାଇଁ ଅଧାରେ ଅଟକି ଯାଇଥିଲା। ଏହା ଜାଣିବା ପରେ ହେମାମାଳିନୀ ପ୍ରେମଜୀଙ୍କୁ କହିଥିଲେ, ପ୍ରଭୁ କୃଷ୍ଣଙ୍କ ପ୍ରତି ପ୍ରେମ, ବିଶ୍ୱାସ ଓ ଶ୍ରଦ୍ଧା ପାଇଁ ଏହି ଫିଲ୍ମ କରୁଛି। ମୁଁ ଏଥିପାଇଁ କୌଣସି ପାରିଶ୍ରମିକ ନେବି ନାହିଁ। ଆପଣ ଶ୍ରଦ୍ଧାରେ ଯାହା ଦେବେ ତାକୁ ମୁଁ ଗ୍ରହଣ କରିବି। ଫିଲ୍ମ ସମ୍ପୂର୍ଣ୍ଣ ହେଲା ବେଳକୁ ଏଥିରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହୋଇସାରିଥିଲା। ହେଲେ ଦୁର୍ଭାଗ୍ୟବଶତଃ ଫିଲ୍ମ ରିଲିଜ୍ ହେବା ପରେ ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ତେବେ ହେମାମାଳିନୀ ତାଙ୍କ ଅଭିନୟ ଜୀବନରେ ୧୫୦ ରୁ ଉର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି। ■

## ଜ୍ୟୋତିଙ୍କୁ ଐତିହାସିକ କାଂସ୍ୟ

ନାନଜିଙ୍ଗ୍, ୧୮ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲରେ ଭାରତର ଜ୍ୟୋତି ସୁରେଖା ଭେନ୍ନାମ ଐତିହାସିକ କାଂସ୍ୟ



ପଦକ ବିଜୟୀ ହୋଇଛନ୍ତି। ମହିଳା କମ୍ପାଉଣ୍ଡରେ ଜ୍ୟୋତି ଏହି ସଫଳତା ପାଇଛନ୍ତି। ସେମିଫାଇନାଲରେ ପରାସ୍ତ ହୋଇଥିବା ଜ୍ୟୋତି କାଂସ୍ୟ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ୧୫୦-୧୪୫ ସ୍କୋରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଗ୍ରେଟ୍ ବ୍ରିଟେନର ଇଲା ଗିବସନଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୯ ବର୍ଷୀୟା ଜ୍ୟୋତି ପ୍ରଥମ ଭାରତୀୟ ଭାବେ ତୀରନ୍ଦାଜୀ ବିଶ୍ୱକପ୍ କମ୍ପାଉଣ୍ଡ ଇଭେଣ୍ଟରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫାଇନାଲରେ ତନଭୀ

ଗୌହାଟୀ, ୧୮ ।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍‌ରେ ଘରୋଇ ଭାରତର ତନଭୀ ଶର୍ମା ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ତନଭୀ ୧୫-୧୧, ୧୫-୯ ସିଧାସଳଖ ଗେମରେ ଚାଇନାର ଲିଉ ସି ୟାଙ୍କୁ ପରାସ୍ତ କରିଥିଲେ। ରବିବାର ଫାଇନାଲରେ ତନଭୀଙ୍କ ମୁକାବିଲା ଥାଇଲାଣ୍ଡର ଅନୟାପତ୍ ଫିଚିତପ୍ରିଚାସ୍କ'ଙ୍କ ସହ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଇତିହାସରେ ୫ମ ଭାରତୀୟ ଭାବେ ୧୬ ବର୍ଷୀୟା ତନଭୀ ଫାଇନାଲ ଖେଳିବେ। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ (୧୯୯୬), ସାଇନା ନେହ୍ୱାଲ (୨୦୦୬ ଓ ୨୦୦୮), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ ଫାଇନାଲରେ ପହଞ୍ଚିଥିଲେ।

## ହାଇଦରାବାଦ୍ ଏଫ୍‌ସି ହେଲା ସ୍ପୋର୍ଟିଂ କ୍ଲବ ଦିଲ୍ଲୀ

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀ ବହୁ ବର୍ଷର ବ୍ୟବଧାନ ପରେ ପୁଣିଥରେ ଦେଶର ଶୀର୍ଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆଇଏସ୍‌ଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ହାଇଦରାବାଦ୍ ଏଫ୍‌ସିର ପୁନଃବ୍ରାଣ୍ଡିଂ ପରେ ଏବେ ଏହା 'ସ୍ପୋର୍ଟିଂ କ୍ଲବ ଦିଲ୍ଲୀ' ହୋଇଛି। ଆଇଏସ୍‌ଏଲ୍‌ର ଆଗାମୀ ସିଜନରେ ହାଇଦରାବାଦ୍ ଏଫ୍‌ସି ସ୍ଥାନରେ ଏହି ଦିଲ୍ଲୀ ଦଳକୁ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଆଇଏସଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୧୪ରୁ ୨୦୧୮ ସିଜନ ପର୍ଯ୍ୟନ୍ତ ଦିଲ୍ଲୀ ଡାଇନାମୋସ ଦଳ ଏହି ଶୀର୍ଷ ଫୁଟ୍‌ବଲ ଲିଗ୍‌ରେ ଭାଗ ନେଇଥିଲା। ୨୦୧୯ ରେ ଦିଲ୍ଲୀ ଡାଇନାମୋସ ପୁନଃବ୍ରାଣ୍ଡିଂ ହୋଇ ଓଡ଼ିଶା ଏଫ୍‌ସି ନାମରେ ଆଇଏସ୍‌ଏଲ୍‌ରେ ଖେଳି ଆସୁଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବିସି ଜିନ୍ଦଲ ଗ୍ରୁପ୍ ହାଇଦରାବାଦ୍ ଏଫ୍‌ସି ଗ୍ରୁପ୍‌କୁ ଅଧିଗ୍ରହଣ କରିଥିଲା।

## ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍‌ରେ ରେକର୍ଡ ୨୪୬ ପ୍ରତିଯୋଗୀ



ଭୁବନେଶ୍ୱର,୧୮ ।୧୦(ସମିସ): କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାକୁ ଜିଲ୍ଲା ଚେସ ସଂଘର ମେଣ୍ଟର ପ୍ରଦ୍ୟୁମ୍ନ ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଥମ ଦିନ ୪ ରାଉଣ୍ଡ ଖେଳାଯାଇଛି। ୪ ରାଉଣ୍ଡରୁ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସ୍କୁଲ ଚେସ୍ ବିଭାଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ଓମ୍‌ସ୍ୱରୂପ ପାଢ଼ୀ, ଈଶାନୀ ଦାସ୍, ଶୁଭାଶିଷ ବାରିକ୍, ସାଇ ପ୍ରତ୍ୟୁଷ ବେହେରା ଓ ଆଦିତ୍ୟ ସ୍ୱାଇଁ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଜିଲ୍ଲା ଚେସ୍‌ରେ କୋଚ୍ ରବୀନ୍ଦ୍ର କୁମାର ଓଝା ଏକାକୀ ୪ ପଏଣ୍ଟ ପାଇ ପ୍ରଥମ ଓ ହର୍ଷିତ ରଞ୍ଜନ ସାହୁ ୩.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଘାଟନ ଉତ୍ସବକୁ ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ହେମନ୍ତ ନାୟକ, ରଘୁନନ୍ଦନ ସାସମଲ, ସନ୍ତୋଷ ପୃଷ୍ଟି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ରବିବାର ଏହା ଉଦ୍‌ଯାପିତ ହେବ।

### ଆଜିଠାରୁ ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

# ୭ ମାସ ପରେ ଖେଳିବେ ରୋହିତ, କୋହଲି

ପର୍ଥ,୧୮ ।୧୦(ଏଜେନ୍ସି):

ଭାରତୀୟ କ୍ରିକେଟ ଦଳର ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦୀର୍ଘ ୭ ମାସ ପରେ ଦେଶ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଫେରିଛନ୍ତି। ଏହା ସହିତ ଶୁବମନ ଗିଲ୍ ପ୍ରଥମଥର ଭାରତୀୟ ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ ଅପ୍‌ଟସ ଷ୍ଟାଡିୟମ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚରେ ରୋହିତ୍-କୋହଲିଙ୍କ ପ୍ରତ୍ୟାବର୍ତ୍ତନ ଓ ଶୁବମନଙ୍କ ନେତୃତ୍ୱ ନଜରରରେ ରହିବ। ଗତ ମାର୍ଚ୍ଚରେ ଅନୁଷ୍ଠିତ ଚାମ୍ପିଅନ୍‌ସ ଟ୍ରଫି ଫାଇନାଲରେ ରୋହିତ ଶର୍ମା ଓ ବିରାଟ କୋହଲି ଶେଷଥର ଲାଗି ଭାରତୀୟ ଦଳରୁ ଖେଳିଥିଲେ। ଆସନ୍ତାକାଲି ଉଭୟ ଖେଳାଳି ଆଉ ଜଣେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅଧିନରେ ଖେଳିବାକୁ ଯାଉଛି। ଦୀର୍ଘ ୯ ବର୍ଷ ପୂର୍ବେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ଏମାନେ ଅନ୍ୟଜଣେ ଅଧିନାୟକଙ୍କ ଅଧିନରେ ଖେଳିଥିଲେ। ଏହା ପରେ ଉଭୟ ଭାରତୀୟ ଦଳର ନେତୃତ୍ୱରେ ରହିଆସିଥିଲେ। ଏବେ ଉଭୟ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ କିଛି ନୂଆ ଖେଳାଳିଙ୍କୁ ନେଇ ବିଦେଶ ଓ ଘରୋଇ ମାଟିରେ ଦୁଇଟି ସିରିଜ୍ ଖେଳିସାରିଛି। ଏହାର ଅର୍ଥ ଭାରତୀୟ ଦଳ ନୂଆ କମ୍ବିନେସନ ବା ଯୁବ ଖେଳାଳିଙ୍କୁ ନେଇ ମିଶ୍ର ଫଳ ପାଇଛି। ଏବେ ଉଭୟ ଖେଳାଳି ଦିନିକିଆ ମୁକାବିଲା ଲାଗି କଠିନ ଅଭ୍ୟାସ କରିଛନ୍ତି। ବେଙ୍ଗାଲୁରୁରେ ଅଭ୍ୟାସ କରୁଥିବା ରୋହିତ ନେଟ୍‌ସରେ ପତଳା ହୋଇଯାଇଥିବା ଦେଖିବାକୁ ମିଳିଛି। ଲଣ୍ଡନରେ କୋହଲି ଶରୀରିକ ଅଭ୍ୟାସ କରିଛନ୍ତି। ଉଭୟ ଖେଳାଳିଙ୍କ ଉପରେ ନଜର ରହିଥିଲାବେଳେ ଏହି ସିରିଜ୍ ଲାଗି ସେମାନେ ଜୋରଦାର ପ୍ରସ୍ତୁତି କରିଛନ୍ତି। ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ ଓ ୫ ମାସ ପରେ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳୁଥିବାରୁ ଫର୍ମକୁ ଫେରିବା ଏମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ ବିପକ୍ଷରେ ବେଶ ସଫଳ ହୋଇଛନ୍ତି। କିନ୍ତୁ ଏବେ ସେମାନଙ୍କ ଉପରେ ବିଶେଷ ଚାପ ନାହିଁ। ରୋହିତ ନେତୃତ୍ୱରୁ ମୁକ୍ତ ହୋଇଛନ୍ତି। ଏଣୁ ଖୋଲା ମନ ଓ ଉତ୍ସାହ ସହ କିପରି ଦୁଇ କିଂବଦନ୍ତି ଖେଳାଳି ଦୀପାବଳିରେ ସମର୍ଥକଙ୍କୁ କି ଭେଟି ଦେଉଛନ୍ତି ତାହା ଆସନ୍ତାକାଲିର ମ୍ୟାଚ୍ ପରେ ଜଣାପଡ଼ିବ।




### ଶୁବମନଙ୍କ ଅସଲ ପରୀକ୍ଷା

ଦଳର ଦୁଇ ତାରକା ଖେଳାଳି ରୋହିତ ଓ କୋହଲିଙ୍କ ପରେ ଚାପରେ ଅଛନ୍ତି ନୂଆ ଅଧିନାୟକ ଶୁବମନ ଗିଲ୍। ସେ ପ୍ରଥମଥର ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସେ ଏପରି ଏକ ଦଳର ନେତୃତ୍ୱ ନେଉଛନ୍ତି, ଯେଉଁଥିରେ ଦେଶର ସମସ୍ତ ଶ୍ରେଷ୍ଠ ଖେଳାଳି ସ୍ଥାନ ପାଇଛନ୍ତି ଓ ଦଳର ଚୂଡାନ୍ତ ଏକାଦଶ ଚୟନ ନେଇ କୌଣସି ଅସୁବିଧା ନାହିଁ। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଦିନିକିଆରେ ୭୫ ଭାଗ ସଫଳତା ହାସଲ କରିଛି। ଏପରି ସଫଳତା ଦୋହରାଇବା ଲାଗି ଗିଲ୍‌ଙ୍କ ଆଗରେ ମିଚେଲ ମାର୍ଶଙ୍କ ଅଷ୍ଟ୍ରେଲିଆ ବଡ଼ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି। ଦଳର ନିୟମିତ ଅଧିନାୟକ ପ୍ୟାଟ କମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଘରୋଇ ମାଟିରେ ଏହାକୁ ହରାଇବା ଏତେଟା ସହଜ ନୁହେଁ। ଏଣୁ ଗିଲ୍ କିପରି ଅଷ୍ଟ୍ରେଲିଆକୁ ହରାଇବା ଲାଗି ରଣନୀତି ଗ୍ରହଣ କରିବେ ଓ କେଉଁ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ ତାହା ସିରିଜ୍ ଶେଷରେ ଜଣାପଡ଼ିବ।

### ଖେଳାଳି ଦଳ

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ୍ ହେଡ୍, ମାଥ୍ୟୁ ସର୍ଟ, ମିଚେଲ ଓଏନ, ମ୍ୟାଟ ରେନ୍‌ଶା, ମାଥ୍ୟୁ କୁନେମାନ୍, ଜୋଶ ଫିଲିପ୍ (ୱିକେଟରକ୍ଷକ), ମାର୍ନସ ଲାବୁସେନ, ଜାଭିୟର ବାର୍ଟଲେଟ, କୁପର କୋନୋଲୀ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ୍, ଜୋଶ ହାଜ୍‌ଲେଉଡ୍, ମିଚେଲ ଷ୍ଟାର୍କ।

ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ରୋହିତଙ୍କ ସହ ଗିଲ ଇନିସ ଓପନ କରିବେ ବୋଲି ଆଶା କରାଯାଉଛି। ଯଶସ୍ୱୀ ଜୟସ୍ୱାଲଙ୍କୁ ବ୍ୟାକ୍ ଅପ୍ ଓପନର ଭାବେ ରହିଛନ୍ତି। କୋହଲି, ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଏହା ପରେ ନଂ-୩, ୪ ଓ ୫ରେ ବ୍ୟାଟିଂ କରିବାକୁ ଆସିପାରନ୍ତି। ଏମାନଙ୍କ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ନୀତୀଶ କୁମାର ରେଡ୍ଡୀ ଅଲରାଉଣ୍ଡର ଭାବେ ଡେବ୍ୟୁ କରିପାରନ୍ତି। ମହମ୍ମଦ୍ ସିରାଜ ଓ ଅର୍ଶଦୀପ୍ ସିଂହ ଦୁଇ ଫାଷ୍ଟ ବୋଲର ଖେଳିବେ। ସେମାନଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ପାର୍ଟନର ହେବେ। ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ। ସ୍ପିନ୍ ବିଭାଗରେ ଅଷ୍ଟ୍ରେଲିଆ କୁପର କନୋଲୀ, ମାର୍ନସ ଲାବୁସେନ ଓ ମାଥ୍ୟୁ ରେନ୍‌ଶାଙ୍କ ଉପରେ ନିର୍ଭର କରିବେ। ପତ୍ନୀ ଗର୍ଭବତୀ ଥିବାରୁ ଆଦାମ ଜାମ୍ପା ପ୍ରଥମ ଦିନିକିଆ ଖେଳିବେ ନାହିଁ।

## ୧୧ ଓ ୧୩ ବର୍ଷରୁ କମ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆରମ୍ଭ



ଭୁବନେଶ୍ୱର, ୧୮ ।୧୦ (ସମିସ): ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ୍ରିୟମରେ ଶନିବାର ଆରମ୍ଭ ହୋଇଛି। ଏହି ରାଜ୍ୟ ଚାମ୍ପିୟନସିପକୁ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ରଜତ ଚୌଧୁରୀ ଯୋଗ ଦେଇଥିଲେ। ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସର୍ବମୋଟ ୨୦୨ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ମ୍ୟାଚ ରେଫରି ଭାବେ ବିଜୟ ବାଗ, ଅଫିସିଆଲ ପର୍ଯ୍ୟବକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ, ସଂଯୋଜକ ଭାବେ ତାରାକାନ୍ତ ଦାସ, ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓସବା ଉପସଭାପତି ପ୍ରଦୀପ ପଟନାୟକ ଓ ଓସବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ନିଯୁକ୍ତ ହୋଇଛନ୍ତି।

## ଭାରତ-ଇଂଲଣ୍ଡ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ଆଜି

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

ଇନ୍ଦୋର, ୧୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଅନୁଷ୍ଠିତ ହେବ। ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବା ଲାଗି ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ମିଶ୍ରିତ ପ୍ରଦର୍ଶନ କରିଛି। ଘରୋଇ ଭାରତୀୟ ଦଳ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲର ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ମହିଳା ଦଳ ହ୍ୟାଟ୍ରିକ ବିଜୟ ସହ ଚଳିତ ବିଶ୍ୱକପ୍ ଆରମ୍ଭ କରିଥିଲା। ଦଳ ୪ ମ୍ୟାଚରୁ ୭ ପଏଣ୍ଟ ସହ ଟେବଲର ତୃତୀୟ ସ୍ଥାନରେ ରହିଛି।




### ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବାତିଲ

କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ କଲମ୍ବୋରେ ଶନିବାର ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଫଳରେ ଏଠାରେ ଚାଲିଥିବା ବିଶ୍ୱକପ୍‌ରେ ସପ୍ତାହକ ମଧ୍ୟରେ ତୃତୀୟ ଓ ମୋଟରେ ୪ଟି ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ। ଏହି ମ୍ୟାଚ୍ ପରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ପଞ୍ଚମ ଓ ପାକିସ୍ତାନ ୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି।

### ସୁଲତାନ ଜୋହୋର କପ୍ ହକି

## ଭାରତକୁ ୫ମ ରୌପ୍ୟ

ନୂଆଦିଲ୍ଲୀ,୧୮ ।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ନିକଟରୁ ୨-୧ ଗୋଲରେ ପରାଜିତ ହୋଇ ଭାରତ ମାଲେସିଆରେ ଆଜି ଶେଷ ହୋଇଥିବା ସୁଲତାନ ଜୋହୋର କପ୍ ହକିରେ ରନର୍ସଅପ୍ ହୋଇଛି। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଇଆନ ଗ୍ରବେଲର ୨ଟି ଯାକ ଗୋଲ ଦେଇଥିଲାବେଳେ ଅନ୍‌ମୋଲ ଏକ୍କା ଭାରତ ଲାଗି ଗୋଟିଏ ଗୋଲ ଶୁଝାଇଥିଲେ। ଏହା ଫଳରେ ୨୧ ବର୍ଷରୁ କମ୍ ଭାରତୀୟ ଦଳ ଚଳିତବର୍ଷକୁ ମିଶାଇ ୫ମଥର ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଅବଶ୍ୟ କ୍ରମାଗତ କାଂସ୍ୟ ଜିତିବା ପରେ ଏଥର ରୌପ୍ୟ ହାସଲ କରିଛି। ଭାରତ ଭଲ ଖେଳି ମଧ୍ୟ ଫାଇନାଲ ମୁକାବିଲାରେ ହାରିଯାଇଛି। ଏକଦା ୫୮ ମିନିଟ୍ ପର୍ଯ୍ୟନ୍ତ ଖେଳ ୧-୧ରେ ବରାବର ଥିଲା। କିନ୍ତୁ ୫୯ତମ ମିନିଟ୍‌ରେ ଗ୍ରବେଲଙ୍କ ଗୋଲ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇଥିଲା।

### ବାରବାଟୀ ରଣଜୀ

## ପରାଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୮ ।୧୦ (ସମିସ):

ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥର ପରାଜୟରୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଆରମ୍ଭ କରିଛି। ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ପାଞ୍ଚଥରର ରଣଜୀ ବିଜେତା ବରୋଦା ୭ ୱିକେଟ୍‌ରେ ଘରୋଇ ଓଡ଼ିଶା ଦଳକୁ ମାତ୍ ଦେଇଛି। ବିଜୟ ସହ ବରୋଦା ୬ ପଏଣ୍ଟ

### ଏକା ଲଢ଼ିଲେ ଶୁଭ୍ରାଂଶୁ

ହାତେଇନେଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଅକ୍ଟୋବର ୨୫ରୁ ଏହି ମ୍ୟାଚ୍ ଆରମ୍ଭ ହେବ।

୧୪୨ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଅନ୍ତିମ ତଥା ୪ର୍ଥ ଦିବସ ସକାଳେ ଶନିବାର ଆଶାନୁରୂପକ ବ୍ୟାଟିଂ କରିପାରି ନ ଥିଲା। ଅଧିନାୟକ ଶୁଭ୍ରାଂଶୁଙ୍କୁ ଛାଡ଼ିଦେଲେ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିବାଳିକ ଶର୍ମା

ଅନ୍ୟକୌଣସି ବ୍ୟାଟର୍ ବରୋଦା ବୋଲରଙ୍କୁ ସାମ୍ନା କରିପାରି ନ ଥିଲେ। ବିଶେଷ କରି ବରୋଦା ଅଫ୍-ସ୍ପିନର ମହେଶ ପିଥିୟା ଓଡ଼ିଶାର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ। ସେ ଏକାକୀ ୬ଟି ୱିକେଟ ନେବା ଫଳରେ ଓଡ଼ିଶା ଦ୍ୱିତୀୟ ପାଳିରେ ୫୯.୩ ଓଭର ଖେଳି ୧୭୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁଭ୍ରାଂଶୁ ୧୧୪ ବଲ୍ ଖେଳି ୩ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରଥମ ପାଳିରେ ମଧ୍ୟ ସେନାପତି ୭୯ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରବ ଚୌଧୁରୀ ୨୮, ରାଜେଶ ମହାନ୍ତି ୨୫, ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ୧୭ ରନ ଲେଖାଏ କରିଥିଲେ। ଜବାବରେ ୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ବରୋଦା ୧୨ ରନ ମଧ୍ୟରେ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ତେବେ ପ୍ରଥମ ଇନିଂସରେ ଶତକ (୧୨୪ ରନ) ହାସଲକାରୀ ଶିବାଳିକ ଶର୍ମା ଅପରାଜିତ ୩୨ ରନ କରି ଦଳକୁ ୭ ୱିକେଟ୍‌ରେ ସହଜରେ ବିଜୟୀ କରାଇଥିଲେ। ଶିବାଳିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୧ ଓ ବରୋଦା ୭ ୱିକେଟ୍‌ରେ ୪୧୩ ରନ କରି ପାଳି ଘୋଷଣା କରିଥିଲା।

### ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ୍

## ସେମିରେ ୟୁନିଟ୍-୧ ହାଇସ୍କୁଲ




ଭୁବନେଶ୍ୱର,୧୮ ।୧୦(ସମିସ): ୟୁନିଟ୍-୧ ହାଇସ୍କୁଲ ଚତୁର୍ଥ ତଥା ଶେଷ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହା ସହିତ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ କିସ୍ ସହ ଓଡିଏମ୍ ପବ୍ଲିକ୍ ସ୍କୁଲର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ଭେଟିବ ୟୁନିଟ୍-୧ ହାଇସ୍କୁଲ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଆଜି ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲରେ ୟୁନିଟ୍-୧ ହାଇସ୍କୁଲ ୨-୧ ଗୋଲରେ କଣ୍ଟାବାଡ ସ୍ଥିତ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ହରାଇଥିଲା। ବିଜୟୀ ୟୁନିଟ୍-୧ ହାଇସ୍କୁଲ୍‌ର ସମାଖାଇ ପାଇଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରିୟନାଥ ମିଶ୍ର, ଅଶୋକ ପଟ୍ଟନାୟକ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ସିକେ ନାଇଡୁ ଟ୍ରଫି: ଓମ୍‌ଙ୍କ ଶତକ

## ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୦ (ସମିସ): ହାଇଦରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ବିଜୟ ନିକଟତର ହୋଇଛି। ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ହାଇଦରାବାଦ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ହାଇଦରାବାଦ୍ ୫୬ ଓଭର ଖେଳି ୭ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ଓପନର୍ ପତାପୁ ରାଘବ ୩୧ ଓ ପୃଥ୍ୱୀ ୧ ରନ କରି ଖେଳୁଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସାଇଦୀପ ମହାପାତ୍ର ସର୍ବାଧିକ ୩ଟି, ଆଶୁତୋଷ ଛୁରିଆ ୨ଟି ଏବଂ ସୌମ୍ୟରଞ୍ଜନ ଲେଙ୍କା ଓ ଆୟୂଷ ବାରିକଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ରବିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ବିଜୟ ଲାଗି ଓଡ଼ିଶାକୁ ଆଉ ୩ଟି ୱିକେଟ୍ ଆବଶ୍ୟକ ହେଉଛି। ସେହିଭଳି ବଳକା ୩ ୱିକେଟ୍‌ରେ ଘରୋଇ ହାଇଦରାବାଦ ଆହୁରି ୧୦୭ ରନ ଆବଶ୍ୟକ କରୁଛି। ଯାହାକି



ଦଳ ପାଇଁ କଷ୍ଟସାଧ ହେବ ବୋଲି କୁହାଯାଉଛି।

ପୂର୍ବରୁ ଏହି ଚାରିଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା। ଜବାବରେ ହାଇଦରାବାଦ୍ ୧୯୫ ରନରେ ସୀମିତ ରହିଥିଲା। ଫଳରେ ୩୬ ରନରେ ପଛୁଆ ଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ଓପନର୍ ଓମ୍ ଟି ମୁଣ୍ଡେଙ୍କ ଶତକ ବଳରେ ୨୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓମ୍ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS